ବର୍ଷ-୨୫, ସଂଖ୍ୟା-୨୯୫
ଭୁବନେଶ୍ୱର
୦୭, ନଭେମ୍ବର, ୨୦୨୫ ଶୁକ୍ରବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-25, Issue No. 295
Bhubaneswar
07, November, 2025 Friday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat




# ନୂଆପଡ଼ାର ବିକାଶ ପାଇଁ ବିଜେପି ପ୍ରତିଶ୍ରୁତିବଦ୍ଧ : ମୁଖ୍ୟମନ୍ତ୍ରୀ

**ନୂଆପଡ଼ା,ଭୁବନେଶ୍ୱର,୬।୧୧(ମହାଭାରତ):** ନୂଆପଡ଼ା ଉପନିର୍ବାଚନ ପାଇଁ ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଜୋରଦାର ପ୍ରଚାର କରିଚନ୍ତି। ନୂଆପଡାର ବିକାଶ ପାଇଁ ବିଜେପି ପ୍ରତିଶ୍ରୁତିବଦ୍ଧ। ଜିଲ୍ଲାର ବିକାଶ ପାଇଁ ୧୪୦୦ କୋଟି ଟଙ୍କାର ପ୍ରକଳ୍ପ ହେବ। ସରକାରଙ୍କ ନୀତି ଓ ନିଷ୍ପତ୍ତି ତୃଣମୂଳ ସ୍ତରରେ କାର୍ଯ୍ୟକାରୀ ହେବ। ନୂଆପଡାର ବିକାଶ ଦାୟତ୍ୱ ମୁଁ ନେଇଛି। ଏହାର ସର୍ବାଙ୍ଗୀନ ଓ ସାମଗ୍ରିକ ବିକାଶ ପାଇଁ ବିଜେପି ପ୍ରାର୍ଥୀ ଜୟ ଢୋଲକିଆଙ୍କୁ ପଦ୍ମ ଚିହ୍ନରେ ବିପୁଳ ସଂଖ୍ୟାରେ ଭୋଟ ଦେଇ ବିଜୟୀ କରାଇବାକୁ ମୁଖ୍ୟମନ୍ତ୍ରୀ ନୂଆପଡାବାସୀଙ୍କୁ ଅନୁରୋଧ କରିଛନ୍ତି।

ଆଜି ନୂଆପଡା ନିର୍ବାଚନମଣ୍ଡଳୀର କୋମନାଠାରେ ଅନୁଷ୍ଠିତ ବିଶାଳ ଜନସଭାକୁ ସମ୍ବୋଧନ କରି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି ଯେ, ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ବିଜେପି ପ୍ରାର୍ଥୀ ଜୟ ଢୋଲକିଆଙ୍କୁ ବେଇମାନ କହିଲେ । ବେଇମାନର ସଂଜ୍ଞା କଣ, ଏହା କେମିତି ଆସିଲା ? ପୂର୍ବତନ ମୁଖ୍ୟମନ୍ତ୍ରୀ କୁଆଡେ ଶାଳୀନତା ରକ୍ଷା କରନ୍ତି, ହେଲେ ଏହା କି ପ୍ରକାର ଶାଳୀନତା ? ରାଜନୈତିକ ଚକ୍ରାନ୍ତ କରି ନିଜେ ନିଜ ଲୋକଙ୍କୁ ଠକେଇଛି ବିଜେଡି। ବିଜେଡି କେତେ ପ୍ରତାରଣା କରିଛି ସମସ୍ତେ ଜାଣନ୍ତି। ଜଣ ଜଣ କରି ନିଜ ନେତାଙ୍କୁ ନବୀନ ବିଜେଡିରୁ ବାହାର କରିଛନ୍ତି। ନୂଆପଡାରେ ବିଜେଡିର କଣ ଯୋଗ୍ୟ ପ୍ରାର୍ଥି ନଥିଲେ କି ବାହାରୁ ଆଣି ପ୍ରାର୍ଥୀ କରାଗଲା । ନୂଆପଡାର ଲୋକ କଣ ପ୍ରାର୍ଥି ହେବା ଜରୁରୀ ନୁହେଁ ? ବିଜେଡି ହେଉଛି ପ୍ରାର୍ଥୀ ଚୋର ବିଜେପୁରରେ କଂଗ୍ରେସ ନେତାଙ୍କୁ ଆଣି ବିଜେଡି ପ୍ରାର୍ଥୀ କରିଥିଲା, କାକଟପୁରରେ ପ୍ରାର୍ଥୀ ଚୋରି କରିଥିଲା ବିଜେଡି। ସେତେବେଳେ ବିଜେଡି ବେଇମାନି କରିନଥିଲା କି ? ମନ୍ତ୍ରୀ ପଦ ଦେଖାଇ ପ୍ରାର୍ଥୀ ଚୋରି କରିଥିଲା ବିଜେଡି। ନର୍ଲା ଓ କେସିଙ୍ଗା କଂଗ୍ରେସ ନେତାଙ୍କୁ ନେଇଯାଇଥିଲା ବିଜେଡି ବେଇମାନି ଆଉ ପ୍ରାର୍ଥୀ ଚୋରି କରିଥିଲା କିଏ ? ଏହାର ସ୍ପଷ୍ଟ ଉତ୍ତର ବିଜୁ ଜନତା ଦଳ ଦେବା ଦରକାର ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ରାଜନୈତିକ ଚକ୍ରାନ୍ତରେ ଗୋଟିଏ ପରେ ଗୋଟିଏ ସମ୍ପୂର୍ଣ୍ଣ ଭାବେ ଅନୈତିକ କରିଥିବା ବିଜୁ ଜନତା ଦଳ ଆଜି ରାଜେନ୍ଦ୍ର ଢୋଲକିଆଙ୍କ ସୁପୁତ୍ର ଜୟ ଢୋଲକିଆଙ୍କୁ ବେଇମାନି କହିବା ଅତ୍ୟନ୍ତ ନିନ୍ଦନୀୟ।



ନବୀନ ବାବୁ ସୋହେଲା ଠାରେ ନିଜେ ଘୋଷଣା କରିଥିବା ଧାନ କ୍ୱିଂଟାଲ ପିଛା ୧୦୦ଟଙ୍କାର ବୋନସ୍ ଦେଇପାରିଲେନି । ଘୋଷଣା କରି ଚୁପ୍ ବସି ଯାଇଥିଲା ପୂର୍ବ ସରକାର । ବିଜେପି ସରକାରକୁ ଆସିବା ପରେ ବର୍ତ୍ତମାନ ଧାନ କ୍ୱିଂଟାଲ ପିଛା ୩୧୬୯ ଟଙ୍କା ଋଷୀକୁ ମିଳୁଛି।ନୂଆପଡା ଜିଲ୍ଲାରେ ସର୍ବାଧିକ ଧାନ କିଣା ଯାଇଛି। ରାଜ୍ୟରେ ୧୫୩ ପ୍ରତିଶତ ଧାନ କିଣା ହୋଇଛି । ମହିଳାଙ୍କ ପାଇଁ ପୂର୍ବ ସରକାରରେ କିଛି ଯୋଜନା ନଥିଲା। ଆମ ସରକାର ସୁଭଦ୍ରା ଯୋଜନା ଲାଗୁ କରିଛନ୍ତି। ଏହି ଯୋଜନାରେ ରାଜ୍ୟର ୧କୋଟିରୁ ଅଧିକ ହିତାଧିକାରୀ ଉପକୃତ ହେଉଛନ୍ତି ବୋଲି ଶ୍ରୀ ମାଝୀ କହିଛନ୍ତି। ବିଜେଡି ଶାସନରେ କାହିଁକି ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ ଖୋଲାଯାଉନଥିଲା। ଯଦି କେବେ ଥରେ ଅଧେ ବି ଖୋଲା ଯାଉଥିଲା ନବୀନ ବାବୁ ଅଭିଯୋଗ ଶୁଣିବାକୁ କାହିଁକି ଆସୁନଥିଲେ। ଲୋକଙ୍କ ପାଖକୁ ଆମେ ଯାଉଛୁ, ଲୋକଙ୍କ ସମସ୍ୟା ବୁଝୁଛୁ । ନବୀନ ବାବୁ ଖାଲି ହାତ ହଲେଇ ଆପଣମାନେ ଖୁସି ତ କହି ଆସୁଥିଲେ। ନୂଆପଡାବାସୀ କଣ ଖୁସି ହୋଇପାରିଲେ କି ? ନୂଆପଡା ନିର୍ବାଚନର ଫଳାଫଳ ନିଶ୍ଚିନ୍ତ ଭାବେ ନୂଆପଡାର ବିକାଶ ଦିଗ ସ୍ପଷ୍ଟ କରିବ। ନୂଆପଡା ବିଧାନସଭା ସହ ନୂଆପଡା ଜିଲ୍ଲାର ବିକାଶ କରିବେ ଜୟ ଢୋଲକିଆ ଆମ ସରକାରଙ୍କ ନିଷ୍ପତି ପଦକ୍ଷେପକୁ ତୃଣମୂଳ ସ୍ତରରେ କରିବା ପାଇଁ ଜଣେ ଦକ୍ଷ ଓ ସମର୍ଥ ପ୍ରତିନିଧିର ଆବଶ୍ୟକତା ରହିଛି। ନୂଆପଡାର ସାମଗ୍ରିକ ବିକାଶ ପାଇଁ ଲୋକମାନଙ୍କ କଥା ଜୟ ଢୋଲକିଆ ଶୁଣିବେ, ଜୟ ଢୋଲକିଆଙ୍କ କଥା ମୁଁ ଶୁଣିବି; ଏହା ହେଉଛି ମୋର ଆପଣଙ୍କୁ ପ୍ରତିଶୃତି। ସେ ଆପଣଙ୍କ ଜନପ୍ରତିନିଧି ଭାବେ ଆପଣଙ୍କମାନଙ୍କଠାରୁ ଆଶୀର୍ବାଦ ନେବା ପାଇଁ ଆସିଛନ୍ତି ବୋଲି ଶ୍ରୀ ମାଝୀ କହିଛନ୍ତି ।

ଜୟ ଢୋଲକିଆଙ୍କ ପିତା ସ୍ୱର୍ଗତଃ ରାଜେନ୍ଦ୍ର ଢୋଲକିଆ ଏହି ଅଂଚଳର ବିଧାୟକ ଥିଲେ, ସେ ଅନେକ ଦାବି ପୂରଣ କରିଛନ୍ତି ଓ ପରବର୍ତ୍ତୀ ସମୟରେ ବିଜୁ ଜନତା ଦଳର ମନ୍ତ୍ରୀ ପଦବୀ ପାଇଥିଲେ। ଚେଷ୍ଟା କରିଥିଲେ ଏ ଅଂଚଳର ବିକାଶ କରିବା ପାଇଁ ଓ ଗରିବ ଲୋକଙ୍କ ସମସ୍ୟାର ସମାଧାନ କରିବା ପାଇଁ। କିନ୍ତୁ ଆପଣମାନେ ଜାଣିବା ଦରକାର ରାଜେନ୍ଦ୍ର ବାବୁ କିପରି ଭାବେ ଅସହାୟ ହୋଇଥିଲେ। ପୂର୍ବତନ ମୁଖ୍ୟମନ୍ତ୍ରୀଙ୍କ ପାଖକୁ ଯିବା ପାଇଁ ତାଙ୍କୁ ସୁଯୋଗ ମିଳୁନଥିଲା। ବିଜେଡିର ସମସ୍ତ ବିଧାୟକ ମନ୍ତ୍ରୀ କେହି ବି ତତ୍କାଳିନ ମୁଖ୍ୟମନ୍ତ୍ରୀଙ୍କ ଦେଖା କରିପାରୁନଥିଲେ ବୋଲି ଶ୍ରୀ ମାଝୀ କହିଛନ୍ତି।

ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଆଜି ଭୁବନେଶ୍ୱରରୁ ସିଧାସଳଖ ନୂଆପଡାସ୍ଥିତ ଗୋଟମା ଏୟାରଷ୍ଟ୍ରିପରେ ଓହ୍ଲାଇ କୋମନା ବ୍ଲକ ଉଦ୍ୟାନବନ୍ଧ ପହଂଚିବା ପରେ ଡ.ଭୀମରାଓ ଆମ୍ବେଦକରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରିଥିଲେ ଏହା ପରେ ଏକ ବିରାଟ 'ରୋଡ ସୋ' ରେ ଆସି କୋମନାଠାରେ ପହଂଚିଥିଲେ । ରାସ୍ତାର ଉଭୟ ପଟରେ ହଜାର ହଜାର ସଂଖ୍ୟାରେ ସ୍ଥାନୀୟବାସିନ୍ଦା ଛିଡା ହୋଇ ଭବ୍ୟ ସ୍ୱାଗତ ଜଣାଇଥିଲେ।

ଏହି ବିଶାଳ ବିଜୟ ସଂକଳ୍ପ ସମାବେଶରେ ପ୍ରାର୍ଥୀ ଜୟ ଢୋଲକିଆ, ସ୍ୱର୍ଗତଃ ରାଜୁ ଢୋଲକିଆଙ୍କ ଧର୍ମପତ୍ନୀ ଶ୍ରୀମତୀ କଳ୍ପନା ଢୋଲକିଆ, ରାଜ୍ୟ ସଭାପତି ମନମୋହନ ସାମଲ, ଉପମୁଖ୍ୟମନ୍ତ୍ରୀ କେ.ଭି.ସିଂହଦେଓ, ସାଂସଦ ମାଳବିକା ଦେବୀ, ପୂର୍ବତନ ରାଜ୍ୟ ସଭାପତି ତଥା ବରିଷ୍ଠ ନେତା ବସନ୍ତ ପଣ୍ଡା, ବରିଷ୍ଠ ନେତା ଯଦୁମଣି ପାଣିଗ୍ରାହୀ, ପ୍ରସନ୍ନ ପାଢୀ, ଖାମ ସିଂ ମାଝି, ହୋମ ସିଂ ମାଝି, ଯୁବ ନେତା ଅଭିନନ୍ଦନ ପଣ୍ଡାଙ୍କ ସମେତ ଅନେକ ବିଧାୟକ, ରାଜ୍ୟ-ଜିଲ୍ଲା ଏବଂ ସ୍ଥାନୀୟ ନେତୃବୃନ୍ଦ ଉପସ୍ଥିତ ଥିଲେ।

# ବିହାରରେ ପ୍ରଥମ ପର୍ଯ୍ୟାୟ ଭୋଟ ସରିଲା



**ନୂଆଦିଲ୍ଲୀ,୬।୧୦(ମହାଭାରତ):** ବିହାରରେ ପ୍ରଥମ ପର୍ଯ୍ୟାୟ ମତଦାନ ଗୁରୁବାର ଶେଷ ହୋଇଛି। ଏହି ପର୍ଯ୍ୟାୟରେ ୧୨୧ ଆସନରେ ମୋଟ ୧୩୧୪ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଥିଲେ। ସେମାନଙ୍କ ଭାଗ୍ୟ ଇଭିଏମରେ ସିଲ୍ ହୋଇଯାଇଛି। ସନ୍ଧ୍ୟା ୫ଟା ସୁଦ୍ଧା ୬୦.୧୩ ପ୍ରତିଶତ ମତଦାନ ହୋଇଥିଲା।

ଗୁରୁବାର ମତଦାନ ପ୍ରାୟତଃ ଶାନ୍ତିପୂର୍ଣ୍ଣ ଥିବାବେଳେ କେତେକ ଅଞ୍ଚଳରେ ହିଂସା ଦେଖିବାକୁ ମିଳିଥିଲା। ଲଖିସରାଇରେ ଉପମୁଖ୍ୟମନ୍ତ୍ରୀ ବିଜୟ କୁମାର ସିହ୍ନାଙ୍କ କାରକେଡକୁ ଆକ୍ରମଣ କରାଯାଇଥିଲା। ଉପମୁଖ୍ୟମନ୍ତ୍ରୀ ନିଜ ନିର୍ବାଚନମଣ୍ଡଳୀ ଅଞ୍ଚଳରେ ସମୀକ୍ଷା କରୁଥିବା ସମୟରେ ବହୁ ସଂଖ୍ୟକ ଆରଜେଡି ସମର୍ଥକ ପହଞ୍ଚି ତାଙ୍କ ଗାଡ଼ି ଉପରକୁ ଆକ୍ରମଣ କରିଥିଲେ। ପଥର, ଚପଲ ଏବଂ ଗୋବର ଫିଙ୍ଗିଥିଲେ ପୁଲିସ ବି ନୀରବଦ୍ରଷ୍ଟା ସାଜିଥିଲା। ଯାହାକୁ ନେଇ ଉପମୁଖ୍ୟମନ୍ତ୍ରୀ ଅସନ୍ତୋଷ ପ୍ରକାଶ କରିବା ସହିତ ପୁଲିସକୁ ସମାଲୋଚନା କରିଥିଲେ। ସେହିପରି ଛପରା ଅଞ୍ଚଳରେ ସିପିଏମ ବିଧାୟକଙ୍କ ଗାଡ଼ିକୁ ଆକ୍ରମଣ କରାଯାଇଛି।ଅଜଣା ବ୍ୟକ୍ତିମାନେ ତାଙ୍କ ଗାଡ଼ିକୁ ଆକ୍ରମଣ କରିଥିଲେ ।ଫଳରେ ବିଧାୟକ ଏବଂ ତାଙ୍କ ସହଯୋଗୀମାନେ ସେଠାରୁ ଜୀବନ ରକ୍ଷା କରି ପଳାଇଥିଲେ।

## ସନ୍ଧ୍ୟା ୫ଟା ସୁଦ୍ଧା ୬୦.୧୩% ମତଦାନ

# ଓସିଏସ ପାରମ୍ଭିକ ପରୀକ୍ଷା ଫଳ ପ୍ରକାଶ

ଭୁବନେଶ୍ୱର,୫।୧୧(ମହାଭାରତ): ଓଡ଼ିଶା ସିଭିଲ ସର୍ଭିସ (ଓସିଏସ) ପ୍ରାରମ୍ଭିକ ପରୀକ୍ଷା ଫଳ ଆଜି ପ୍ରକାଶ ପାଇଛି। ଓଡ଼ିଶା ଲୋକସେବା ଆୟୋଗ(ଓପିଏସସି) ଦ୍ୱାରା ପରିଚାଳିତ ଏହି ପରୀକ୍ଷାରେ ୨୪୦୫ ପରୀକ୍ଷାର୍ଥୀ କୃତକାର୍ଯ୍ୟ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ୭୮୧ ମହିଳା ପ୍ରାର୍ଥୀ ରହିଛନ୍ତି। କୃତକାର୍ଯ୍ୟ ହୋଇଥିବା ପରୀକ୍ଷାର୍ଥିମାନେ ଓସିଏସ ମୁଖ୍ୟ ପରୀକ୍ଷାରେ ଭାଗନେବେ। ଆସନ୍ତା ୨୦୨୬ ଜାନୁୟାରୀ ଶେଷ ସପ୍ତାହ କିମ୍ବା ଫେବୃୟାରୀ ପ୍ରଥମ ସପ୍ତାହ ସୁଦ୍ଧା ମୁଖ୍ୟ ପରୀକ୍ଷା ଅନୁଷ୍ଠିତ ହେବ ଖୁବଶୀଘ୍ର ମୁଖ୍ୟ ପରୀକ୍ଷା ତାରିଖ ଓପିଏସସି ପକ୍ଷରୁ ଘୋଷଣା କରାଯିବ। କୃତକାର୍ଯ୍ୟ ହୋଇଥିବା ପରୀକ୍ଷାର୍ଥୀଙ୍କ ରୋଲ ନମ୍ବର ଓପିଏସସି ୱେବସାଇଟ www.opsc.gov.in ରେ ଉପଲବ୍ଧ ରହିଛି।

# ଛତିଶଗଡରେ ୩ ନକ୍ସଲ ନିହତ

ବିଜାପୁର,୬।୧୧(ଏଜେନସି): ଛତିଶଗଡ଼ର ବିଜାପୁର ଜିଲ୍ଲାର ରିମାଲ ଏବଂ ଅନ୍ନାରାମର ଘନ ଜଙ୍ଗଲରେ ଡିଆରଜି, ସିଆରପିଏଫ ଏବଂ ସ୍ପେଶାଲ ଟାସ୍କ ଫୋର୍ସ କର୍ମଚାରୀଙ୍କ ସହିତ ଏନକାଉଂଟରରେ ତିନି ଜଣ ନକ୍ସଲ ନିହତ ହୋଇଛନ୍ତି। ଗୁରୁବାର ମଧ୍ୟ ଏହି ଅଂଚଳରେ ଏନକାଉଂଟର ଜାରି ରହିଛି। ବିଜାପୁର ଏସପି ଜିତେନ୍ଦ୍ର ଯାଦବ ଏହା ନିଶ୍ଚିତ କରିଛନ୍ତି। ଏହି ଘନ ଜଙ୍ଗଲରୁ ଗୁଳି ଚାଳନା ଶବ୍ଦ ଜନବସତି ଅଂଚଳକୁ ପହଂଚୁଛି। ସୁରକ୍ଷା ବାହିନୀ ଏବଂ ନକ୍ସଲବାଦୀଙ୍କ ମଧ୍ୟରେ ଏନକାଉଂଟର ଏବେ ବି ଜାରି ରହିଛି। ସୂତ୍ର ଅନୁସାରେ, ଏପର୍ଯ୍ୟନ୍ତ ଅନେକ ନକ୍ସଲ ନିହତ ହୋଇଛନ୍ତି, ଯଦିଓ ସଂଖ୍ୟା ଏପର୍ଯ୍ୟନ୍ତ ଆନୁଷ୍ଠାନିକ ଭାବରେ ନିଶ୍ଚିତ ହୋଇନାହିଁ। ପାପା ରାଓ ଏବଂ କେନ୍ଦ୍ରୀୟ କମିଟି ସଦସ୍ୟ ଗଣେଶ ଉଇକେଙ୍କ ସମେତ ଅନେକ ପ୍ରମୁଖ ନକ୍ସଲ ନେତାଙ୍କ ଉପସ୍ଥିତି ବିଷୟରେ ସୂଚନା ପାଇବା ପରେ ସୁରକ୍ଷା କର୍ମୀଙ୍କ ଏକ ଦଳକୁ ଏହି ଅଂଚଳକୁ ପଠାଯାଇଥିବା ଜଣାପଡ଼ିଛି। କର୍ମଚାରୀମାନେ ଏହି ପ୍ରମୁଖ ନକ୍ସଲବାଦୀମାନଙ୍କୁ ସୁରକ୍ଷା ଦେଉଥିବା ନକ୍ସଲମାନଙ୍କ ସହିତ ଏନକାଉଂଟରରେ ଲିପ୍ତ ଅଛନ୍ତି।

# ଆଜି ନବୀନଙ୍କ ପ୍ରଚାର

ଭୁବନେଶ୍ୱର,୬।୧୧(ମହାଭାରତ): ଆସନ୍ତା କାଲି ବିଜୁ ଜନତା ଦଳ ସଭାପତି ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ସ୍ୱାଗତ ଜଣାଇବା ପାଇଁ ନୂଆପଡ଼ାବାସୀ ପ୍ରସ୍ତୁତ ଅଛନ୍ତି । ଗତ ୩ ତାରିଖ ପରେ ଶୁକ୍ରବାର ନବୀନଙ୍କ ଗସ୍ତ ନୂଆପଡ଼ା ଉପନିର୍ବାଚନରେ ବିଜେଡିର ସ୍ଥିତିକୁ ଆହୁରି ସୁଦୃଢ଼ କରିବ ଏବଂ ୧୧ ତାରିଖରେ ବିଜେପି ସରକାର ବିରୋଧରେ ଥିବା ଲୋକଙ୍କ କ୍ରୋଧ ପ୍ରତିଫଳିତ ହେବ ବୋଲି ଦଳ ପକ୍ଷରୁ କୁହାଯାଇଛି । ପୂର୍ବତନ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ କହିଛନ୍ତି, ଗତ ୩ ତାରିଖରେ ଓଡ଼ିଶାର ଲୋକପ୍ରିୟ ନେତା ନବୀନ ପଟ୍ଟନାୟକ ନୂଆପଡ଼ାର କୋମନା ବ୍ଲକରେ ହଜାର ହଜାର ଲୋକଙ୍କ ଉପସ୍ଥିତିରେ ନିର୍ବାଚନ



ପ୍ରଚାର କରିବା ପରେ ଦଳୀୟ ନେତା ଓ କର୍ମୀଙ୍କ ସହିତ ସାଧାରଣ ଜନତାଙ୍କ ମଧ୍ୟରେ ଉତ୍ସାହ ଭରି ଦେଇଛି । ଆସନ୍ତା କାଲି ପୂର୍ବାହ୍ନ ୧୧ରେ ଶ୍ରୀଯୁକ୍ତ ପଟ୍ଟନାୟକ ଖରିଆର ରୋଡ଼ ପୁଲିସ ଥାନା ନିକଟସ୍ଥ ପଡିଆରେ ପହଞ୍ଚିବେ । ସେଠାରୁ ଏକ ରୋଡ଼ ଶୋ'ରେ ନୂଆପଡ଼ା ପର୍ଯ୍ୟନ୍ତ ଆସିବେ । ଏହି ଅବସରରେ ଖରିଆର ରୋଡ଼ର ଡାଗାସ ଛକ, ବିଜୁ ପଟ୍ଟନାୟକ ଛକ, ଲଖ୍ମାନିଆ ଛକରେ ଉପସ୍ଥିତ ଜନତାଙ୍କୁ ଶ୍ରୀଯୁକ୍ତ ପଟ୍ଟନାୟକ ସମ୍ବୋଧିତ କରିବେ । ଏହା ପରେ ରୋଡ଼ ଶୋ'ରେ ନୂଆପଡ଼ା ଏନଏସିରେ ପହଞ୍ଚି ସୂର୍ଯ୍ୟନଗର ଛକ, ଗାୟତ୍ରୀ ମନ୍ଦିର ଛକ ଓ ଏକତା ଛକରେ ଜନତାଙ୍କୁ ଉଦ୍ବୋଧନ ଦେବେ । ଅପରାହ୍ନ ୩ଟାରେ ନୂଆପଡ଼ାର ପାରକୋଡ୍ ଠାରେ ଏକ ବିଶାଳ ସାଧାରଣ ସଭାକୁ ସମ୍ବୋଧିତ କରିବା କାର୍ଯ୍ୟକ୍ରମ ରହିଛି । ପ୍ରିୟ ନବୀନ ବାବୁଙ୍କୁ ଦେଖିବା ପାଇଁ ଏ ସବୁ ସ୍ଥାନରେ ଲୋକେ ଉତ୍କଣ୍ଠାର ସହ ଅପେକ୍ଷା କରିଛନ୍ତି । ଓଡ଼ିଶାବାସୀଙ୍କ ହକ୍ ମାରିଥିବା ବିଜେପି ସରକାରକୁ ନୂଆପଡ଼ା ଉପନିର୍ବାଚନରେ ଲୋକେ ଉଚିତ ଶିକ୍ଷା ଦେବାକୁ ମନସ୍ଥ କରି ସାରିଛନ୍ତି ବୋଲି ଶ୍ରୀ ନାୟକ କହିଥିଲେ ।

# ଓଡ଼ିଶା ଭୋଟରଙ୍କୁ ଧୋକ୍କା ଦେଇଛି ବିଜେଡି ଓ କଂଗ୍ରେସ : ବିଷ୍ଣୁ

ନୂଆପଡା,୬।୧୧(ମହାଭାରତ): ବିଜେଡି ୨୪ବର୍ଷ ଓ କଂଗ୍ରେସ ୫୦ ବର୍ଷ ଶାସନ କରିବି ଉଭୟ ଓଡିଶାବାସୀଙ୍କ ଭରଷା ହରାଇଛନ୍ତି। ନବୀନ ପଟ୍ଟନାୟକ ୨୪ ବର୍ଷ ଶାସନ କଲେ କିନ୍ତୁ ଓଡିଆ କହିପାରିଲେନାହିଁ। କେନ୍ଦ୍ର ଇସ୍ପାତ ରାଷ୍ଟ୍ରମନ୍ତ୍ରୀ ଥିବାବେଳେ ରାଉରକେଲାରେ ଅନୁଷ୍ଠିତ ଏକ ସଭାରେ ଦେଶର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଯୋଗ ଦେଇଥିଲେ, କିନ୍ତୁ ସେତେବେଳର ମୁଖ୍ୟମନ୍ତ୍ରୀ ନିଜ ମାତୃଭାଷା ଓଡିଆରେ ଠିକ୍ ରେ ଦୁଇ ଧାଡିରେ କହିପାରିଲେନାହିଁ। ଯାହା ଲେଖିକି ଆଣିଥିଲେ, ତାକୁ ବହୁ କଷ୍ଟରେ ପଢିଥିଲେ ନବୀନ ବାବୁ। ଯିଏ ଓଡିଆ କହିପାରିଲେନି କି ଶିଖିପାରିଲେନି ସେ କଣ ଓଡିଶାବାସୀଙ୍କ କଥା ବୁଝିବେ ? ଶେଷ ନିଶ୍ୱାସ ଥିବା ଯାଏ ଦିବଙ୍ଗତ ବିଧାୟକ ରାଜେନ୍ଦ୍ର ଢୋଲକିଆ ବିଜେଡି ପାଇଁ କାର୍ଯ୍ୟ କଲେ, କିନ୍ତୁ ନିଜ ଦଳର ସହଯୋଗୀଙ୍କ ସୁଖଃ ଦୁଃଖର ସାଥୀ ହୋଇପାରିଲେ ନାହିଁ ନବୀନ ପଟ୍ଟନାୟକ। ଏପରିକି ସ୍ୱର୍ଗତଃ ଢୋଲକିଆଙ୍କ ଶେଷ ସମୟରେ ତାଙ୍କ ସ୍ୱାସ୍ଥ୍ୟ ସଂପର୍କରେ ଚିନ୍ତା ମଧ୍ୟ କଲେ ନାହିଁ। ଏହା ଅତ୍ୟନ୍ତ ଦୁଃଖଦାୟକ ବୋଲି ଛତିଶଗଡର ମାନ୍ୟବର ମୁଖ୍ୟମନ୍ତ୍ରୀ ବିଷ୍ଣୁ ଦେଓ ସାଏ କହିଛନ୍ତି।

ବିଜେପି ପ୍ରାର୍ଥୀ ଶ୍ରୀ ଜୟ ଢୋଲକିଆଙ୍କ ପାଇଁ ନୂଆପଡା ବ୍ଲକ ଅନ୍ତର୍ଗତ ପଂଚମପୁରଠାରେ ଅନୁଷ୍ଠିତ ବିଜୟ ସଂକଳ୍ପ ସମାବେଶରେ ଯୋଗ ଦେଇ ଶ୍ରୀ ସାଏ କହିଛନ୍ତି ଯେ, କଂଗ୍ରେସ ପରିବାରବାଦକୁ ଛାଡି ପାରିନି। ଦୀର୍ଘ ୫୦ ବର୍ଷର ନିଜ ଶାସନ ସମୟରେ କଂଗ୍ରେସ ଦଳ ଓଡିଶାକୁ ଅବହେଳା କରିବା ସହିତ ଲୁଟିଦେଇଛି। ଉଭୟ ବିଜେଡି - କଂଗ୍ରେସ ଦଳ ପାରିବାରିକ ଦଳ। କଂଗ୍ରେସ ଓ ବିଜେଡି ଦଳ କେବଳ ଭୋଟ ପାଇଁ ଓଡିଶାବାସୀଙ୍କୁ ବ୍ୟବହାର କରିଛି। ବର୍ତ୍ତମାନ ଉଭୟ ବିଜେଡି ଓ କଂଗ୍ରେସ ଦଳ ଓଡିଶାବାସୀଙ୍କ ଦ୍ୱାରା ପ୍ରତ୍ୟାକ୍ଷିତ ହୋଇସାରିଛନ୍ତି। 'ବିଜେପିର ଅନ୍ୟ ନାମ



ବିକାଶ' କୁ ନୂଆପଡାବାସୀ ହୃଦବୋଧ କରିସାରିଛନ୍ତି । ଏଥର ବିପୁଳ ସଂଖ୍ୟାରେ ପଦ୍ମ ଚିହ୍ନରେ ଭୋଟ ଦେଇ ବିଜେପି ପ୍ରାର୍ଥୀ ଯୁବ ଚେହେରା ଜୟ ଢୋଲକିଆଙ୍କୁ ବିଜୟୀ କରିବେ ବୋଲି ଶ୍ରୀ ସାଏ ଦୃଢୋକ୍ତି ପ୍ରକାଶ କରିଛନ୍ତି।

ବିଜେପି ବିଶ୍ୱର ସବୁଠାରୁ ବଡ ରାଜନୈତିକ ଦଳ। ଏହି ଦଳରେ ଲୋକତନ୍ତ୍ର, ନିୟତ, ନୀତି, ସିଦ୍ଧାନ୍ତ, ବିଚାରଧାର ରହିଛି। କଂଗ୍ରେସ ଦଳ ଭଳି ବିଜେପିରେ ପରିବାରବାଦ ନାହିଁ। ମୋ ଭଳି ଜଣେ ସାମାନ୍ୟ ଚାଷୀ ପରିବାରରୁ ଆସିଥିବା ସାଧାରଣ ଲୋକଟି ୩ ଥର ବିଧାୟକ, ୪ ଥର ସାଂସଦ, ୩ ଥର ରାଜ୍ୟ ସଭାପତି ଏବଂ ମୋଦି ସରକାରରେ ପ୍ରଥମ ପାଳିରେ କେନ୍ଦ୍ରମନ୍ତ୍ରୀ ହୋଇଛି ବୋଲି ଶ୍ରୀ ସାଏ କହିଛନ୍ତି।

ଜଣେ ଗରୀବ ହିଁ ଅନ୍ୟ ଜଣେ ଗରୀବର ଦୁଃଖକୁ ବୁଝିଥାଏ। ସାମାନ୍ୟ ଓ ଗରୀବ ପରିବାରରୁ ଆସିଥିବା ଯଶସ୍ୱୀ ପ୍ରଧାନମନ୍ତ୍ରୀ ମୋଦିଜୀ ଶାସନକୁ ଆସିବା ପରେ "ମୋ ସରକାର ଗରୀବଙ୍କ ପାଇଁ ସମର୍ପିତ" ବୋଲି କହିଥିଲେ ଏବଂ ପ୍ରଥମ ଦିନରୁ ଗରୀବଙ୍କ କଲ୍ୟାଣ ଓ ଉତ୍ଥାନ ପାଇଁ ଅନେକ କଲ୍ୟାଣକାରୀ ଯୋଜନାର ସଫଳ କ୍ରିୟାନ୍ୱୟନ କରିଛନ୍ତି। ଶୌଚାଳୟ, ପକ୍କାଘର, ମାଗଣା ରାସନ, ବିଜୁଳି ଭଳି ମୌଳିକ ସମସ୍ୟାର ସମାଧାନ କରିପାରିଛନ୍ତି। ଆଦିବାସୀଙ୍କୁ ସମ୍ମାନ ଦେବା ସହିତ ସାମଗ୍ରିକ ବିକାଶକୁ ପ୍ରାଧାନ୍ୟ ଦେଇ କାର୍ଯ୍ୟ କରୁଛନ୍ତି । ଆଦିବାସୀ ଓଡିଆ ଝିଅ ଶ୍ରୀମତୀ ଦ୍ରୌପଦୀ ମୁର୍ମୁ ଆଜି ଦେଶର ସର୍ବୋଚ୍ଚ ସାମ୍ବିଧାନିକ ପଦରେ ଅଛନ୍ତି। ଭାରତୀୟ ଜନତା ପାର୍ଟିରେ ଜୟ ଢୋଲକିଆ ଆସିଛନ୍ତି ଆପଣଙ୍କ ସେବା କରିବା ପାଇଁ। ବିଧାୟକ ହେବା ପରେ କେନ୍ଦ୍ର ଓ ରାଜ୍ୟରୁ ପଇସା ଆଣି ଜୟ ଢୋଲକିଆ ନୂଆପଡା ଏବଂ ଅଂଚଳବାସୀଙ୍କ ସାମଗ୍ରିକ ବିକାଶ କରିବେ ବୋଲି ଶ୍ରୀ ସାଏ କହିଛନ୍ତି ।

ଏହି ବିଶାଳ ବିଜୟ ସଂକଳ୍ପ ସମାବେଶରେ ପ୍ରାର୍ଥୀ ଶ୍ରୀ ଜୟ ଢୋଲକିଆ, ସ୍ୱର୍ଗତଃ ରାଜୁ ଢୋଲକିଆଙ୍କ ଧର୍ମପତ୍ନୀ ଶ୍ରୀମତୀ କଳ୍ପନା ଢୋଲକିଆ, ଉପମୁଖ୍ୟମନ୍ତ୍ରୀ ଶ୍ରୀ କେ.ଭି.ସିଂହଦେଓ, ସାଂସଦ ଶ୍ରୀମତୀ ମାଳବିକା ଦେବୀ, ରାଜ୍ୟ ପ୍ରଭାରୀ ଶ୍ରୀ ବିଜୟ ପାଲ ସିଂହ ତୋମାର, ସହ ପ୍ରଭାରୀ ତଥା ରାଷ୍ଟ୍ରୀୟ ଉପାଧକ୍ଷା ସୁଶ୍ରୀ ଲତା ଉସେଣ୍ଡି, ପୂର୍ବତନ ରାଜ୍ୟ ସଭାପତି ଶ୍ରୀ ବସନ୍ତ ପଣ୍ଡା ଓ ସମୀର ମହାନ୍ତି, ରାୟପୁର ବିଧାୟକ ପୁରନ୍ଦର ମିଶ୍ରଙ୍କ ସମେତ ସ୍ଥାନୀୟ ନେତୃବୃନ୍ଦ ଉପସ୍ଥିତ ଥିଲେ ।

# ଆମ ଝିଅ ସବୁ ଆହ୍ୱାନକୁ ପରାସ୍ତ କରିବାକୁ ସକ୍ଷମ : ରାଷ୍ଟ୍ରପତି

**ନୂଆଦିଲ୍ଲୀ,୬।୧୧(ପିଆଇବି):** ଆଇସିସି ମହିଳା କ୍ରିକେଟ ବିଶ୍ୱକପ୍ ୨୦୨୫ ଜିତିଥିବା ଭାରତୀୟ ମହିଳା କ୍ରିକେଟ ଦଳର ସଦସ୍ୟମାନେ ଆଜି ରାଷ୍ଟ୍ରପତି ଭବନରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ସାକ୍ଷାତ କରିଛନ୍ତି। ରାଷ୍ଟ୍ରପତି ଭାରତୀୟ ମହିଳା କ୍ରିକେଟ ଦଳର ପ୍ରତ୍ୟେକ ସଦସ୍ୟଙ୍କୁ ଅଭିନନ୍ଦନ ଜଣାଇ କହିଛନ୍ତି ଯେ, ସେମାନେ କ୍ରିକେଟ ବିଶ୍ୱକପ୍ ଜିତି ଇତିହାସ ସୃଷ୍ଟି କରିଛନ୍ତି। ଦେଶର ପ୍ରତ୍ୟେକ କୋଣ ଅନୁକୋଣ ଏବଂ ବିଦେଶରେ ଲକ୍ଷ ଲକ୍ଷ ଭାରତୀୟମାନେ ଏହି ବିଜୟକୁ ପାଳନ କରୁଛନ୍ତି। ରାଷ୍ଟ୍ରପତି କହିଛନ୍ତି ଯେ, ଏହି ଦଳ ଭାରତକୁ ପ୍ରତିଫଳିତ କରେ। ସେମାନେ ବିଭିନ୍ନ ଅଞ୍ଚଳ, ଭିନ୍ନ ସାମାଜିକ ପୃଷ୍ଠଭୂମି, ଭିନ୍ନ ପରିସ୍ଥିତିକୁ ପ୍ରତିନିଧି କରନ୍ତି। କିନ୍ତୁ ସେମାନେ ଗୋଟିଏ ଦଳ - ଭାରତ ଏହା ଭାରତକୁ ପ୍ରଦର୍ଶନ କରେ।

ରାଷ୍ଟ୍ରପତି କହିଛନ୍ତି ଯେ, ସାତ ଥର ବିଶ୍ୱ ଋମ୍ପିଅନ ଅଷ୍ଟ୍ରେଲିଆ ଦଳକୁ ପରାସ୍ତ କରି ଦଳ ସମସ୍ତ ଭାରତୀୟଙ୍କ କ୍ଷମତା ଉପରେ ବିଶ୍ୱାସକୁ ମଜବୁତ କରିଛି।ଏକ କଠିନ ମ୍ୟାଚରେ ଏକ ଶକ୍ତିଶାଳୀ ଦଳ ବିପକ୍ଷରେ ବଡ଼ ବ୍ୟବଧାନରେ ଫାଇନାଲ ମ୍ୟାଚ୍ ଜିତିବା



ଟିମ୍ ଇଣ୍ଡିଆର ଉତ୍କର୍ଷତାର ଏକ ସ୍ମରଣୀୟ ଉଦାହରଣ।

ରାଷ୍ଟ୍ରପତି କହିଛନ୍ତି ଯେ ସେମାନେ ଆଦର୍ଶ ପାଲଟିଛନ୍ତି। ଯୁବପିଢ଼ି, ବିଶେଷକରି ଝିଅମାନେ, ଜୀବନରେ ଆଗକୁ ବଢ଼ିବା ପାଇଁ ପ୍ରେରଣା ପାଇବେ। ସେ ବିଶ୍ୱାସ ପ୍ରକଟ କରିଥିଲେ ଯେ, ସେମାନେ ଯେଉଁ ଆତ୍ମବିଶ୍ୱାସର ସହିତ ଇତିହାସ ଲେଖିଛନ୍ତି, ସେହି ଆତ୍ମବିଶ୍ୱାସ ସହିତ ସେମାନେ ଭବିଷ୍ୟତରେ ମଧ୍ୟ ଭାରତୀୟ କ୍ରିକେଟକୁ ଶୀର୍ଷରେ ରଖିବେ।

ରାଷ୍ଟ୍ରପତି କହିଛନ୍ତି ଯେ, ଦଳର ସଦସ୍ୟମାନେ ଆଶା ଏବଂ ନିରାଶାର ଉତଥାନ-ପତନ ଅନୁଭବ କରିଥିବେ। କେତେକ ସମୟରେ ସେମାନଙ୍କର ନିଦ ମଧ୍ୟ ହଜିଯାଇଥିବ। କିନ୍ତୁ ସେମାନେ ସମସ୍ତ ଆହ୍ୱାନକୁ ପରାସ୍ତ କରିଥିଲେ। ସେ ଉଲ୍ଲେଖ କରିଥିଲେ ଯେ, ନ୍ୟୁଜିଲ୍ୟାଣ୍ଡ ବିପକ୍ଷରେ ବିଜୟ ପରେ ଲୋକମାନେ ଦୃଢ଼ ଭାବରେ ବିଶ୍ୱାସ କରିଥିଲେ ଯେ ମ୍ୟାଚରେ ଉତ୍ଥାନ-ପତନ ସତ୍ତ୍ୱେ, ଆମର ଝିଅମାନେ ବିଜୟୀ ହେବେ।

ରାଷ୍ଟ୍ରପତି ଆହୁରି ମଧ୍ୟ କହିଥିଲେ ଯେ, ସେମାନଙ୍କର କଠିନ ପରିଶ୍ରମ, ଉତ୍କୃଷ୍ଟ ଖେଳ ଦକ୍ଷତା, ଦୃଢ଼ ସଂକଳ୍ପ ଏବଂ ସେମାନଙ୍କ ପରିବାର ଏବଂ କ୍ରିକେଟ ପ୍ରେମୀଙ୍କ ପ୍ରେମ ଏବଂ ଆଶୀର୍ବାଦ ସେମାନଙ୍କ ସଫଳତା ପଛରେ ରହିଛି। ସେ କହିଛନ୍ତି ଯେ, କ୍ରିକେଟ୍ ଭଳି ଏକ ଦଳଗତ ଖେଳରେ, ସମସ୍ତ ଦଳର ସଦସ୍ୟଙ୍କୁ ସବୁବେଳେ ସମ୍ପୂର୍ଣ୍ଣ ପ୍ରତିବଦ୍ଧ ରହିବାକୁ ପଡିବ। ସେ ସମସ୍ତଙ୍କର ପ୍ରଶଂସା କରିଥିଲେ - ମୁଖ୍ୟ ପ୍ରଶିକ୍ଷକ, ବୋଲିଂ ପ୍ରଶିକ୍ଷକ, ଫିଲ୍ଡିଂ ପ୍ରଶିକ୍ଷକ ଏବଂ ସହାୟକ କର୍ମଋରୀ ସେ କାମନା କରିଥିଲେ ଯେ, ସେମାନେ ଏହିପରି ଭବିଷ୍ୟତରେ ସେମାନଙ୍କ ପ୍ରଦର୍ଶନ ସହିତ ଟିମ୍ ଇଣ୍ଡିଆ ପାଇଁ ସଫଳତାର ନୂତନ ରେକର୍ଡ ସୃଷ୍ଟି କରିବେ।

# ଭିଜିଲାନ୍ସ ଜାଲରେ ଡିଏସ୍ଏସ୍ଓ

**କେନ୍ଦୁଝର,୬।୧୧(ମହାଭାରତ):** କେନ୍ଦୁଝରର ଡିଏସ୍ଏସ୍ଓ ବିପ୍ଳବ କେଶରୀ ସାମନ୍ତରାୟ ଲାଞ୍ଚ ନେଇ ଭିଜିଲାନ୍ସ ହାତରେ ଧରାପଡିଛନ୍ତି। ବିଭିନ୍ନ ହିତାଧିକାରୀଙ୍କ ଠାରୁ ଫୋନ ପେ ମାଧ୍ୟମରେ ପାଖାପାଖି ୨୫ ଲକ୍ଷ ଟଙ୍କା ନେଇଥିବା କେନ୍ଦୁଝର ସାମାଜିକ ସୁରକ୍ଷା ଅଧିକାରୀ ବିପ୍ଳବ ସାମନ୍ତରାୟଙ୍କ ବିରୁଦ୍ଧରେ ଦୁର୍ନୀତି ନିବାରଣ ବିଭାଗ ପକ୍ଷରୁ ମାମଲା ରୁଜୁ କରାଯାଇ ତଦନ୍ତ କରାଯାଉଛି। ଏଭଳି ଅଭିଯୋଗ କଟକ ଭିଜିଲାନ୍ସ ସେଲରେ ହୋଇଥିବାବେଳେ କେନ୍ଦୁଝର ଭିଜିଲାନ୍ସ ୟୁନିଟ ପକ୍ଷରୁ ଏହାର ତଦନ୍ତ ଆରମ୍ଭ ହୋଇଛି। ଶେଷ ଥର ଫୋନ ପେ'ରେ ୨୦ ହଜାର ଟଙ୍କା ନେଇଥିବା ଜଣାପଡ଼ିଛି।



ପ୍ରକାଶ ଯେ, ଭିନ୍ନକ୍ଷମ ଲୋକଙ୍କୁ କୃତ୍ରିମ ଅଙ୍ଗ, ଆଶାବାଡି, ତିନି ଚକିଆ ସାଇକେଲ, ମୋଟର ଚାଳିତ ସାଇକେଲ ଆଦି ଦେଇ ଥଇଥାନ କରିବା ପାଇଁ ଏହି ବିଭାଗ କାମ କରି ଆସୁଛି। ଏଥିପାଇଁ ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରିବା ସହ ରାଙ୍କୀ ଗ୍ରାମ ନିକଟରେ ଏକ ପୁନର୍ବାସ ଥଇଥାନ କେନ୍ଦ୍ର ଖୋଲାଯାଇଛି । ଏହି ଭିନ୍ନକ୍ଷମ ହିତାଧିକାରୀଙ୍କୁ ଥଇଥାନ କରିବାକୁ ବହୁ ପରିମାଣରେ ଟଙ୍କା ଆଦାୟ ହୋଇଥିବା ଅଭିଯୋଗ ପରେ ଭିଜିଲାନ୍ସ ବିଭାଗ ତଦନ୍ତ କରୁଥିବା ସୂଚନା ମିଳିଛି। ଘଟଣାର ତଦନ୍ତ ଚାଲିଛି। ତାଙ୍କ ଫୋନ ପେ ଯାଞ୍ଚ ଓ ତଦନ୍ତ ପରେ ସବୁ ଜଣାପଡ଼ିବ ବୋଲି କେନ୍ଦୁଝର ୟୁନିଟର ଡିଏସପି ସୁଧାଂଶୁ ପୂଜାରୀ କହିଛନ୍ତି।

ଏହା ପରେ ଭିଜିଲାନ୍ସ ପକ୍ଷରୁ ବିପ୍ଳବଙ୍କର ୩ଟି ଠିକଣାରେ ଚଢ଼ାଉ କରାଯାଇଛି। ଚଢ଼ାଉ ସମୟରେ ଭିଜିଲାନ୍ସ ଅଧିକାରୀମାନେ ଆୟ ବହିର୍ଭୁତ ସମ୍ପତ୍ତିର ଯାଞ୍ଚ କରିଛନ୍ତି। ବିପ୍ଳବଙ୍କ ଘରୁ ୧୦ଟି ପ୍ଲଟ ସମ୍ବନ୍ଧୀୟ କାଗଜପତ୍ର, ଭୁବନେଶ୍ୱରରେ ଏକ ୩ ମହଲା କୋଠା, ଭୁବନେଶ୍ୱରର ମଦନପୁରରେ ଏକ ମହଲା କୋଠା ଏବଂ ୩ ଏକର ଜାଗା ପରିମିତ ଫାର୍ମହାଉସ ଠାବ କରାଯାଇଛି। ଏହି ଘଟଣାରେ ଭିଜିଲାନ୍ସ ପକ୍ଷରୁ ଏକ ମାମଲା ରୁଜୁ ହୋଇଛି।

## କଖାରୁ ହାଲୁଆ

**ମିଠା ଜାତୀୟ ଖାଦ୍ୟ ପ୍ରାୟତଃ ସମସ୍ତେ ପସନ୍ଦ କରିଥାନ୍ତି। ତେବେ ବୋଇତି କଖାରୁ ଏକ ଏଭଳି ପରିବା ଯାହା ଦ୍ୱାରା ବିଭିନ୍ନ ବ୍ୟନ ପ୍ରସ୍ତୁତ କରିହେବ। ତାହେଲେ ଜାଣନ୍ତୁ ବୋଇତି କଖାରୁ କିପରି ହାଲୁଆ ପ୍ରସ୍ତୁତ କରିହେବ।**

**ଆବଶ୍ୟକ ସାମଗ୍ରୀ:** ବୋଇତି କଖାରୁ: ୩କପ, କ୍ଷୀର: ୧କପ, ଘିଅ: ୧/୨ କପ, କାଜୁ-ପିସ୍ତାବାଦାମ: ୫୦ଗ୍ରାମ, ଅଳେଇଚ: ୪ଟି, ଚିନି : ୧କପ ।

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ଗ୍ୟାସ ଅନ୍ କରି କାଜୁ,ପିସ୍ତାବାଦାମକୁ ଅଳ୍ପ ଘିଅ ପକାଇ ଭାଜନ୍ତୁ। ବୋଇତି କଖାରୁକୁ କୋରି ଏକ ପାତ୍ରରେ ରଖନ୍ତୁ। ଗ୍ୟାସରେ ପ୍ରେସର କୁକୁର ନେଇ ସେଥିରେ ଘିଅ ଗରମ କରନ୍ତୁ। ଘିଅ ଗରମ ହେବା ପରେ ସେଥିରେ ବୋଇତି କଖାରୁ କୋରାକୁ ପକାଇ ୧୦ ମିନିଟ ଭାଜନ୍ତୁ। ସେଥିରୁ ଅଳ୍ପ ପାଣି ବାହାରିବାକୁ ଲାଗିଲେ ସେଥିରେ ୨କପ ପାଣି ଓ ଏକ କପ କ୍ଷୀର ଦେଇ ପ୍ରେସର କୁକର ବନ୍ଦ କରି ୨ଟି ହ୍ୱିସିଲ ହେବା ଯାଏଁ ଛାଡ଼ି ଦିଅନ୍ତୁ। ବୋଇତି କଖାରୁ ସିଝିଯିବା ପରେ ସେଥିରେ ଅଳେଇଚ ପକାନ୍ତୁ। ସେଥିରେ କାଜୁ,ପିସ୍ତାବାଦାମ ଓ ଚିନି ପକାଇ ଦିଅନ୍ତୁ। ବର୍ତ୍ତମାନ ବୋଇତି କଖାରୁ ମିଶ୍ରଣକୁ ଭଲ ଭାବେ ଭାଜନ୍ତୁ। ବୋଇତି କଖାରୁ ହାଲୁଆ ହେବା ପରେ ଗ୍ୟାସ ବନ୍ଦ କରି ଏକ ପାତ୍ରକୁ ବାହାର କରି ନିଅନ୍ତୁ। ପରିବାର ତଥା ଅତିଥିଙ୍କୁ ପରଷନ୍ତୁ।



### ଖବର

## କେଜିଏଫ ଫିଲ୍ମ ଲୋକପ୍ରିୟ ଋଚ ହରିଶ ରାୟଙ୍କ ପରଲୋକ





କନ୍ନଡ ଫିଲ୍ମ ଇଣ୍ଡଷ୍ଟ୍ରୀରୁ ଦୁଃଖଦ ଖବର । ଜଣାଶୁଣା ତଥା ଲୋକପ୍ରିୟ ଅଭିନେତା ହରିଶ ରାୟଙ୍କ ପରଲୋକ ହୋଇଛି । ଅଭିନେତାଙ୍କ ମୃତ୍ୟୁରେ ଫ୍ୟାନ୍ସ ସ୍ତବ୍ଧ ହୋଇଯାଇଛନ୍ତି । କେଜିଏଫରେ ଋଚ ଭୂମିକାରେ ଦର୍ଶକେ ବେଶ୍ ପସନ୍ଦ କରିଥିଲେ । ଦୀର୍ଘ ଦିନରୁ ଗୁରୁତର ରୋଗରେ ପୀଡିତ ହୋଇ ଶେଷ ନିଶ୍ୱାସ ତ୍ୟାଗ କରିଛନ୍ତି । ଖବର ମୁତାବକ, ହରିଶ ରାୟ ଦୀର୍ଘଦିନରୁ ଥ୍ରୋଟ କ୍ୟାନସରରେ ପୀଡିତ ଥିଲେ। ତାଙ୍କର ଏହି ସମସ୍ୟା ଧୀରେ ଧୀରେ ତାଙ୍କ ପେଟ ପର୍ଯ୍ୟନ୍ତ ବ୍ୟାପୀ ଯାଇଥିଲା । ଯେଉଁଥି ପାଇଁ ଲଗାତାର ତାଙ୍କ ସ୍ୱାସ୍ଥ୍ୟବସ୍ଥା ବିଗିଡି ଯାଇଛି । ଗତ କିଛି ମାସ ମଧ୍ୟରେ ହରିଶଙ୍କ ସ୍ୱାସ୍ଥ୍ୟବସ୍ଥା ବହୁତ ଗୁରୁତର ରହିଥିଲା । ତାଙ୍କ ଶରୀର ଦୁର୍ବଳ ହୋଇଯାଇଥିଲା । ପାଣି ଜମା ହେବା କାରଣରୁ ପେଟ ଫୁଲିଯାଇଥିଲା । ତାଙ୍କ ପ୍ରଶଂସକ ଲଗାତାର ଶୀଘ୍ର ସୁସ୍ଥ ହେବା ପାଇଁ ପ୍ରାର୍ଥନା କରୁଥିଲେ ।ହରିଶ ରାୟ ନିଜ କ୍ୟାରିଅରରେ କନ୍ନଡ, ତାମିଲ ଏବଂ ତେଲୁଗୁ ସିନେମାରେ ଅଭିନୟ କରିଛନ୍ତି । ଓମ, ସମାରା, ବେଙ୍ଗାଲୋର ଅଣ୍ଡରୱାର୍ଲ୍ଡ, ଯୋଡି ହକ୍କି, ରାଜ ବାହାଦୂର, ସଂଜୁ ୱେଡସ ଗୀତା, ସ୍ୱଂୟମ୍ବର, ନଲ୍ଲା ଏବଂ କେଜିଏଫରେ ଅଭିନୟ କରିଥିଲେ । ତାଙ୍କ ନିଧନରେ ଦକ୍ଷିଣ ଭାରତୀୟ ଫିଲ୍ମ ଇଣ୍ଡଷ୍ଟ୍ରୀରେ ଶୋକର ଛାୟା ଖେଳିଯାଇଛି ।

## ବିନା କାରଣରେ କମୁଛି କି ଆପଣଙ୍କ ଓଜନ ? ସାବଧାନ

ଅନେକ ଥର ହାଇପୋଥାଇରଏଡ ବ୍ୟକ୍ତିମାନଙ୍କ ଓଜନ ବହୁତ ଜଲଦି ହ୍ରାସ ପାଇଥାଏ । ଯଦି ଦୁର୍ବଳ ଲାଗିବା,ମୁଣ୍ଡବିନ୍ଧା, ବାରମ୍ବାର ଭୋକ ଲାଗିବା, ଧ୍ୟାନ କେନ୍ଦ୍ରିତ କରିବାରେ ସମସ୍ୟା ଦେଖାଯିବା ଭଳି ଲକ୍ଷଣ ସହ ଖୁବ୍ ଶୀଘ୍ର ଓଜନ ହ୍ରାସ ପାଇଥାଏ ତେବେ ଏହା ହାଇପୋଥାଇରଏଡର ଲକ୍ଷଣ ହୋଇପାରେ । କିନ୍ତୁ କେବେ ହାଇପୋଥାଇରଏଡ ବ୍ୟକ୍ତିମାନଙ୍କ ଓଲଟା ପ୍ରତିକ୍ରିୟା ମଧ୍ୟ ଦେଖାଯାଇଥାଏ । ଅର୍ଥାତ କିଛି ବ୍ୟକ୍ତିଙ୍କ ବହୁତ ଜଲଦି ବଢିବାକୁ ଲାଗିଥାଏ ।

ଅନେକ ଥର ଚିନ୍ତା କାରଣରୁ ମଣିଷ କମ ଭୋକ ଲାଗିଥାଏ । କମ୍ ଖାଇବା କାରଣରୁ ମଧ୍ୟ ମଣିଷ ଶରୀରକୁ ଆବଶ୍ୟକ ଇନ୍ଧନ ମିଳିପାରିନଥାଏ । ଏଭଳି ପରିସ୍ଥିତିରେ ଶରୀରର ମୋଟାପଣ ଗ୍ଲୁକୋଜରେ ପରିବର୍ତ୍ତନ ହୋଇଥାଏ ଏବଂ ଶରୀର ଏହାକୁ ଇନ୍ଧନ ରୂପେ ବ୍ୟବହାର କରିଥାଏ । ଏହି କାରଣରୁ ମଧ୍ୟ ଓଜନ କମ ହେବାରେ ଲାଗିଥାଏ ।

ଅତ୍ୟଧିକ ଓଜନ ହ୍ରାସ ହେବାର କାରଣ ହେଉଛି ମାନସିକ ରୂପେ ଦୁର୍ବଳ ହେବା । ଯଦି କୌଣସି ବ୍ୟକ୍ତି ମାନସିକ ରୂପେ ସମସ୍ୟାରେ ରହିଥାନ୍ତି ଏବଂ ତାଙ୍କର ଚିକିତ୍ସା ଚାଲିଥାଏ ତେବେ ଏଭଳି ବ୍ୟକ୍ତିଙ୍କର ଓଜନ ଖୁବ୍ ଶୀଘ୍ର ବଢିବାକୁ ଲାଗିଥାଏ କିମ୍ବା କମିଥାଏ ।

ଅନେକ ଘଟଣାରେ ଅଧିକ ପ୍ରେସର ନେବା କାରଣରୁ ମଧ୍ୟ ଓଜନ ହ୍ରାସ ପାଇଥାଏ । ଯେତେବେଳେ ଆମେ କମ ଖାଦ୍ୟ ଖାଇଥାଉ ସେତେବେଳେ ମଧ୍ୟ ଆମ ଶରୀରକୁ ଉଚିତ କ୍ୟାଲୋରୀ ବା ଶକ୍ତି ମିଳିପାରିନଥାଏ । ଏହା ବ୍ୟତୀତ ଲିଭର କିମ୍ବା ହୃଦରୋଗ ସମସ୍ୟା କାରଣରୁ ମଧ୍ୟ ଓଜନ କମ ହୋଇପାରେ । ଏହି କାରଣରୁ ଓଜନ କମ ହେଲେ କେବେ ବି ଅଥଦେଖା କରନ୍ତୁ ନାହିଁ ।

ଅନେକଥର ପେଟ ଏବଂ ଆନ୍ତ୍ରିକ ସମ୍ବନ୍ଧିତ ରୋଗ କାରଣରୁ ଶରୀର ଖାଦ୍ୟକୁ ସମ୍ପୂର୍ଣ୍ଣ ରୂପେ ଗ୍ରହଣ କରିପାରିନଥାଏ । ଏବଂ ଯେଉଁ ଖାଦ୍ୟ

## ରୁଦ୍ରାଭିଷେକ କଲେ ସୁଖଶାନ୍ତି ମିଳିଥାଏ

ଲୋକମାନେ ଦେବତାଙ୍କୁ ଫଳ, ଫୁଲ ନୈବେଦ୍ୟ ଅର୍ପଣ କରି ପୂଜା ଅର୍ଚ୍ଚନା କରିଥାନ୍ତି । ଯାହାର ସୁଫଳ ମିଳିଥାଏ ବୋଲି ଅନେକ ମତବ୍ୟକ୍ତ କରିଥାନ୍ତି । ଯଦି ଶିବଲିଙ୍ଗଙ୍କୁ ରୁଦ୍ରାଭିଷେକ କରାଯାଏ ଏବଂ ତାର ଫଳ ସୁନିଶ୍ଚିତ ମିଳିଥାଏ ବୋଲି ଅନେକ ଜ୍ୟୋତିଷବିଦ୍ ପ୍ରକାଶ କରିଛନ୍ତି। ଆସନ୍ତୁ ଜାଣିବା ଭଗବାନ ମହାଦେବଙ୍କୁ କଣ ଅଭିଷେକ କଲେ କ'ଣମିଳିଥାଏ । ଯଦି କେହି ବ୍ୟକ୍ତି ସୁନାରେ ତିଆରି ଶିବଲିଙ୍ଗଙ୍କୁ ଅଭିଷେକ କରେ ସେ ସର୍ବସିଦ୍ଧି ପ୍ରାପ୍ତ କରିଥାଏ। ସେହିଭଳି ରୂପାରେ ନିର୍ମିତ ଶିବଲିଙ୍ଗଙ୍କୁ ରୁଦ୍ରାଭିଷେକ କଲେ ସୌଭାଗ୍ୟ ବୃଦ୍ଧି ହୋଇଥାଏ । ପିତଳରେ ନିର୍ମିତ ଶିବଲିଙ୍ଗଙ୍କୁ ରୁଦ୍ରାଭିଷେକ କଲେ ସୁଖ ଶାନ୍ତି ମିଳିଥାଏ । ପାରଦରେ ତିଆରି ଶିବଲିଙ୍ଗଙ୍କୁ ରୁଦ୍ରାଭିଷେକ କଲେ ସମସ୍ତ ସୌଭାଗ୍ୟ ଅର୍ଜନ ପ୍ରାପ୍ତ ହୋଇଥାଏ । କର୍ପୂରରେ ତିଆରି ଶିବଲିଙ୍ଗଙ୍କୁ ରୁଦ୍ରାଭିଷେକ କଲେ ସବୁ ପ୍ରକାର ମଙ୍ଗଳ ହୋଇଥାଏ । ଲୁହାରେ ନିର୍ମିତ ଶିବ ଲିଙ୍ଗଙ୍କୁ ଜଳାଭିଷେକ କଲେ ବ୍ୟକ୍ତି ଶତ୍ରୁକୁ ପରାସ୍ତ କରିବା ସହ ନିଜେ ବିଜୟୀ ହୋଇଥାଏ । ଚନ୍ଦନରେ ନିର୍ମିତ ଶିବଲିଙ୍ଗଙ୍କୁ ଧନଲାଭ କରିପାରିବ । ଫୁଲରେ ନିର୍ମିତ ଶିବଲିଙ୍ଗଙ୍କୁ ରୁଦ୍ରାଭିଷେକ କଲେ ଭୂ-ସମ୍ପତ୍ତିର ଅଧିକାରୀ ହୋଇପାରିବେ । ମିଶ୍ରି ବା ଚିନିରେ ନିର୍ମିତ ଶିବଲିଙ୍ଗଙ୍କୁ ରୁଦ୍ରାଭିଷେକ କଲେ ଅଭୀଷ୍ଟ ପୂରଣ ହୁଏ । ବାଉଁଶରେ ନିର୍ମିତ ଶିବଲିଙ୍ଗଙ୍କୁ ରୁଦ୍ରାଭିଷେକ କଲେ ସନ୍ତାନ ପ୍ରାପ୍ତ



କରିପାରିବେ । ଦୁବରେ ତିଆରି ଶିବ ଲିଙ୍ଗଙ୍କୁ ରୁଦ୍ରାଭିଷେକ କଲେ ଦୁର୍ଘଟଣାରୁ ରକ୍ଷା ମିଳିଥାଏ ।

## ଦୃଢ଼ ଇଚ୍ଛାଶକ୍ତି ଓ ସଂକଳ୍ପ



ବୁଦ୍ଧଙ୍କ ଜଣେ ଶିଷ୍ୟ ନିଜ ଗୁରୁଙ୍କ ବାର୍ତ୍ତା ଦୂର ଦୂର ପର୍ଯ୍ୟନ୍ତ ପ୍ରଚାର କରିବାକୁ ଚାହୁଁଥିଲା । ସେଥିପାଇଁ ସେ ଏକ ଯାତ୍ରାରେ ଯିବାକୁ ଚାହୁଁଥିଲା। ବୁଦ୍ଧ ତାକୁ ପଚାରିଲେ, ତୁମେ କେଉଁଠିକୁ ଯାଉଛ, କେଉଁ ଦିଗରେ, କେଉଁ ଅଞ୍ଚଳକୁ ? ଶିଷ୍ୟ ଜଣକ ଉତ୍ତର ଦେଲା, ମୁଁ ଏକ ଦୂର ରାଜ୍ୟକୁ ଯାଉଛି, ଗୋଟିଏ ନିର୍ଦ୍ଦିଷ୍ଟ ଅଞ୍ଚଳକୁ। ଆଜି ଯାଏ ସେଠାକୁ ଆପଣଙ୍କ କୌଣସି ଶିଷ୍ୟ ଯାଇନାହାନ୍ତି।

ବୁଦ୍ଧ କହିଲେ, ଯିବା ପୂର୍ବରୁ ତୁମକୁ ପରୀକ୍ଷା ଦେବାକୁ ପଡ଼ିବ। ତୁମକୁ ମୋର ୩ଟି ପ୍ରଶ୍ନର ଉତ୍ତର ଦେବାକୁ ହେବ। ପ୍ରଥମ, ତୁମେ ଭଲ ଭାବେ ଜାଣ ଯେ ସେଠାକୁ ଯିବା ତୁମ ପାଇଁ ବିପଦ ହୋଇପାରେ । ସେହି ପ୍ରଦେଶର ଲୋକମାନେ ହିଂସାତ୍ମକ ହୋଇପାରନ୍ତି । ସେମାନଙ୍କ ମଧ୍ୟରୁ କେତେଜଣ ହତ୍ୟାକାରୀ ହୋଇପାରନ୍ତି । ଏହି କାରଣରୁ ଏଯାଏଁ କେହି ସେମାନଙ୍କ ପାଖକୁ ଯାଇନାହିଁ। ଯଦି ସେମାନେ ତୁମକୁ ଅପମାନିତ କରିବେ, ତୁମେ କିପରି ଅନୁଭବ କରିବ ? ଶିଷ୍ୟ ଜଣକ କହିଲା, ଆପଣ ମୋ ବିଷୟରେ ସବୁକିଛି ଜାଣନ୍ତି । ଆପଣ ମୋ ହୃଦୟକୁ ମଧ ଭଲ ଭାବେ ବୁଝିପାରନ୍ତି, କାରଣ ଆପଣ ହିଁ ମୋ ହୃଦୟରେ ଅଛନ୍ତି। ଯଦି ସେଠାରେ ମୁଁ ଅପମାନିତ ହୁଏ, ତା'ହେଲେ ମୋ ହୃଦୟର ଗଭୀରତମ କୋଣରୁ ସେମାନଙ୍କୁ କୃତଜ୍ଞତା ଜଣାଇବି । ଏଥିପାଇଁ ଯେ, ସେମାନେ ମୋତେ ମାଡ଼ ମାରିବା ବଦଳରେ କେବଳ ଅସମ୍ମାନିତ କରିଛନ୍ତି । ବୁଦ୍ଧ ଦ୍ୱିତୀୟ ପ୍ରଶ୍ନ ପଚାରିଲେ, ସେମାନେ ତୁମକୁ ମାଡ଼ ମାରିପାରନ୍ତି, ସେତେବେଳେ ତୁମେ କ'ଣ କରିବ ? ଶିଷ୍ୟ କହିଲା, ଆପଣ ଭଲ ଭାବେ ଜାଣନ୍ତି ଯେ ମୁଁ ସେମାନଙ୍କ ପ୍ରତି କୃତଜ୍ଞତା ଅଧିକ ନିବିଡ଼ ଭାବେ ଜଣାଇବି। କାରଣ ସେମାନେ କେବଳ ମୋତେ ମାଡ଼ ମାରିଛନ୍ତି, ମୋର ହତ୍ୟା ବି କରିପାରିଥାନ୍ତେ । ବୁଦ୍ଧ ତୃତୀୟ ପ୍ରଶ୍ନ ପଚାରିଲେ, ଯଦି ସେମାନେ ତୁମକୁ ହତ୍ୟା କରନ୍ତି ? ଶିଷ୍ୟ କହିଲା, ଯଦି ସେମାନେ ମୋତେ ମାରି ଦିଅନ୍ତି, ଜୀବନର ଶେଷ କ୍ଷଣରେ ମଧ୍ୟ ମୁଁ ସେମାନଙ୍କ ପ୍ରତି କୃତଜ୍ଞତା ଜଣାଇବି। କାରଣ ସେମାନେ ମୋତେ ମାରିବା ଦ୍ୱାରା ମୋ ଶରୀରରୁ ଜୀବନକୁ ଅଲଗା କରିଦେବେ । ସେଇ ଜୀବନ, ଯେଉଁଥିରେ ମୁଁ ଅନେକ ଗୁଡ଼ିଏ ଭୁଲ କରିଛି । ଆଗକୁ ମୁଁ କେବେ କୌଣସି ଭୁଲ କରିପାରିବି ନାହିଁ । ମୁଁ ଭାବିବି ଯେ ସେମାନେ ମୋ ମିତ୍ର। କାରଣ ସେମାନେ ମୋତେ ବନ୍ଧନ ମୁକ୍ତ କରିଛନ୍ତି । ଏହା ପରେ ବୁଦ୍ଧ କହିଲେ, ଏବେ ତୁମେ ଯେଉଁଠି ଚାହୁଁଛ ସେଇଠିକି ଯାଇପାର । ତୁମେ ଯୁଆଡ଼େ ବି ଯିବ ମୋ ଆଦର୍ଶର ପ୍ରଚାର ଦିଗରେ ସଫଳ ହୋଇପାରିବ । ତୁମେ ପ୍ରେମ ଓ କରୁଣା ବାଣ୍ଟିବାରେ ସଫଳ ହୋଇପାରିବ । ତୁମେ ଲୋକଙ୍କୁ ଜାଗୃତ କରିବାରେ ସହାୟକ ହୋଇପାରିବ । ଏହି କଥାର ମର୍ମ ହେଉଛି, ଦୃଢ଼ ଇଚ୍ଛାଶକ୍ତି ଓ ସଂକଳ୍ପ ବଳରେ ଅସମ୍ଭବ କାର୍ଯ୍ୟକୁ ମଧ ସମ୍ଭବ କରିପାରିବ।

## ସେତୁବନ୍ଧ ନିର୍ମାଣରେ ଗୁଣ୍ଡୁଚି ମୂଷାର ଯୋଗଦାନ

ରାମାୟଣର କଥାବସ୍ତୁ ଅନୁସାରେ ଯେତେବେଳେ ଭଗବାନ ରାମ ମା ସୀତାଙ୍କ ଉଦ୍ଧାର ପାଇଁ ଲଙ୍କରେ ପହଞ୍ଚିବାକୁ ସମୁଦ୍ରରେ ସେତୁବନ୍ଧ ନିର୍ମାଣ କରୁଥିଲେ ମହାବଳୀ ହନୁମାନଠାରୁ ଆରମ୍ଭ କମରି ପୂରା ବାନର ସେନା ଲାଗି ରହିଥିଲେ । ମହାବୀର ହନୁମାନ ଏବଂ ତାଙ୍କର ପୁରା ବାନର ସେନା ବଡ଼ ବଡ଼ ପଥର ସବୁରେ 'ଶ୍ରୀରାମ' ଲେଖି ନିର୍ମାଣ କାର୍ଯ୍ୟରେ ଲିପ୍ତ ରହିଥିଲେ । ଏହି ସମୟରେ ପ୍ରଭୁ ରାମଚନ୍ଦ୍ରଙ୍କ ଦୃଷ୍ଟି ଏକ ଗୁଣ୍ଡୁଚି ମୂଷା ଉପରେ ପଡ଼ିଲା । ଗୁଣ୍ଡୁଚି ମୂଷାଟି ସମୁଦ୍ର କୂଳରେ ଥିବା ବାଲିରେ ଗଡ଼ି ଯାଉଥିଲା ଏବଂ ଦେହରେ ଲାଗିଥିବା ବାଲିକୁ ପୋଲ ନିର୍ମାଣ ସ୍ଥଳରେ ଝାଡ଼ି ଦେଉଥିଲା । ଦୀର୍ଘ ସମୟ ପର୍ଯ୍ୟନ୍ତ ଗୁଣ୍ଡୁଚି ମୂଷାଟି ଏହି କାର୍ଯ୍ୟରେ ଲିପ୍ତ ରହିଥିବା ଭଗବାନ ରାମ ଦେଖିବାକୁ ପାଇଲେ । ଗୁଣ୍ଡୁଚି ପାଖକୁ ଯାଇ ଶ୍ରଦ୍ଧାରେ ଗୁଣ୍ଡୁଚି ମୂଷାକୁ ନିଜର ହାତରେ ଉଠାଇ କହିଲେ- ଯେ ତୁମେ କ'ଣ କରୁଛି। ଗୁଣ୍ଡୁଚି ମୂଷାଟି ଭଗବାନ ରାମଙ୍କୁ ପ୍ରଣାମ କଲା ଏବଂ କହିଲା - ମହାବଳୀ ହନୁମାନ ହନୁମାନ ତାଙ୍କର ପୂରା ବାନର ସେନା ବଡ଼ ବଡ଼ ପଥରରେ ଏହି ପୋଲର ନିର୍ମାଣ କରୁଛନ୍ତି । କିନ୍ତୁ ମୁଁ ଛୋଟ ଗୁଣ୍ଡୁଚି ମୂଷାଟିଏ । ତେଣୁ ମୋଦ୍ୱାରା ଯାହା ସମ୍ଭବ ତାହା ମୁଁ କରୁଛି । ଏହି କାମରେ ମୁଁ ମୋର ଏହି ଛୋଟିଆ ଯୋଗଦାନ ଦେବାକୁ ଚାହୁଁଛି। ଭଗବାନ ରାମ ଗୁଣ୍ଡୁଚିର ଏହି ଭାବନାରେ ଅତ୍ୟନ୍ତ ପ୍ରୀତ ହେଲେ ଏବଂ ଶ୍ରଦ୍ଧାରେ ତା ପିଠିକୁ ଆଉଁଶି ଦେଲେ । ସେହିଦିନଠାରୁ ଗୁଣ୍ଡୁଚି ମୁଷା ପିଠିରେ ଭଗବାନ ରାମଙ୍କ ଅଙ୍ଗୁଳି ଚିହ୍ନ ରହିଛି ।



# ମାଦକ ଦ୍ରବ୍ୟ ଏକ ଅଦୃଶ୍ୟ ଶତ୍ରୁ : ରାଜ୍ୟପାଳ

**ଭୁବନେଶ୍ୱର,୬।୧୧ (ମହାଭାରତ):** ମାଦକ ଦ୍ରବ୍ୟକୁ ନା କହିବା ଏକ ସ୍ଲୋଗାନ ନୁହେଁ ବରଂ ଏହା ଦେଶପ୍ରେମ ବୋଲି ରାଜ୍ୟପାଳ ଡକ୍ଟର ହରି ବାବୁ କମ୍ଭମପାଟି କହିଛନ୍ତି। ରାଜଭବନର ନିଉ ଅଭିଷେକ ହଲରେ ନିଶା ମୁକ୍ତ ଭାରତ ଅଭିଯାନ ଉପରେ ଅନୁଷ୍ଠିତ ସଭାରେ ଉଦବୋଧନ ଦେଇ ରାଜ୍ୟପାଳ ଏହା କହିଛନ୍ତି।



ହାଇବ୍ରିଡ ମୋଡରେ ଅନୁଷ୍ଠିତ ଏହି ବୈଠକରେ ରାଜ୍ୟପାଳ କହିଛନ୍ତି ଯେ ମାଦକ ଦ୍ରବ୍ୟକୁ ପ୍ରତ୍ୟାଖ୍ୟାନ କରିବା ବ୍ୟକ୍ତିଗତ କଲ୍ୟାଣଠାରୁ ଅଧିକ ଏବଂ ଦେଶ ପ୍ରତି ଏକ ଗଭୀର କର୍ତ୍ତବ୍ୟବୋଧକୁ ପ୍ରତିଫଳିତ କରେ। ଏକ ଦେଶର ଶକ୍ତି ଏହାର ସୁସ୍ଥ ଏବଂ ଶୃଙ୍ଖଳିତ ନାଗରିକଙ୍କଠାରେ ରହିଛି। ଯେତେବେଳେ ବ୍ୟକ୍ତିମାନେ ମାଦକ ଦ୍ରବ୍ୟ ଠାରୁ ଦୂରରେ ରହନ୍ତି, ସେମାନେ ନିଜ ଜୀବନକୁ ସୁରକ୍ଷିତ ରଖନ୍ତି ଏବଂ ଶାରୀରିକ ଭାବରେ ସୁସ୍ଥ, ମାନସିକ ଭାବରେ ସଚେତନ ଏବଂ ସମାଜର ଦାୟିତ୍ୱବାନ ସଦସ୍ୟ ଭାବରେ ରହି ଦେଶର ପ୍ରଗତିରେ ଯୋଗଦାନ ଦିଅନ୍ତି। ବିଭିନ୍ନ ବିଶ୍ୱବିଦ୍ୟାଳୟର କୁଳପତି ଏବଂ ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀମାନେ ବ୍ୟକ୍ତିଗତଭାବେ ଉପସ୍ଥିତ ରହି ଏବଂ ଭିଡିଓ କନଫରେନ୍ସିଂ ମାଧ୍ୟମରେ ବୈଠକରେ ଅଂଶଗ୍ରହଣ କରିଥିଲେ। ମାଦକ ଦ୍ରବ୍ୟକୁ ଯୁବକଙ୍କ ପାଇଁ ସବୁଠାରୁ ବଡ଼ ଚିନ୍ତା ଭାବରେ ବର୍ଣ୍ଣନା କରି ରାଜ୍ୟପାଳ ଏହାକୁ ଏକ ଅଦୃଶ୍ୟ ଶତ୍ରୁ ବୋଲି କହିଥିଲେ ଯାହା ଯୁବବର୍ଗଙ୍କ ଜୀବନକୁ ନଷ୍ଟ କରିଦିଏ, ପିତାମାତାଙ୍କ ସ୍ୱପ୍ନକୁ ଭାଙ୍ଗିଦିଏ ଏବଂ ସମାଜର ଶାନ୍ତି ଏବଂ ପ୍ରଗତିକୁ ଦୁର୍ବଳ କରିଦିଏ। ଶିକ୍ଷାନୁଷ୍ଠାନ ଗୁଡ଼ିକ ଶିକ୍ଷାର ମନ୍ଦିର ଯେଉଁଠାରେ ଚିନ୍ତାଧାରା ପ୍ରସ୍ଫୁଟିତ ହୁଏ ଏବଂ ଯୁବପିଢ଼ି ଭବିଷ୍ୟତ ପାଇଁ ପ୍ରସ୍ତୁତ ହୁଅନ୍ତି। କିନ୍ତୁ ନିଶା ମନକୁ ବିଷାକ୍ତ କରେ, ଇଚ୍ଛାଶକ୍ତିକୁ ଦୁର୍ବଳ କରେ ଏବଂ ମହ୍ୱାକାଂକ୍ଷାକୁ ବଦଳାଇଦିଏ ବୋଲି ରାଜ୍ୟପାଳ ସତର୍କ କରାଇ ଦେଇଥିଲେ। ରାଜ୍ୟପାଳ କହିଥିଲେ ଯେ ଭାରତ ୨୦୪୭ ସୁଦ୍ଧା ଏକ ବିକଶିତ ରାଷ୍ଟ୍ର ହେବାକୁ ଆକାଂକ୍ଷା କରେ ଏବଂ ସେହି ଲକ୍ଷ୍ୟକୁ ସାକାର କରିବାରେ ଯୁବପିଢ଼ିଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ଯଦି ଆମର ଯୁବପିଢ଼ି ନିଶାର ଶିକାର ହୁଅନ୍ତି ତେବେ ଆମେ ଏହି ସ୍ୱପ୍ନ କିପରି ହାସଲ କରିପାରିବା ବୋଲି ରାଜ୍ୟପାଳ ପ୍ରଶ୍ନ କରିଥିଲେ।

ଯୁବବର୍ଗ ପ୍ରାୟତଃ ଚାପ ଏବଂ ସାଙ୍ଗସାଥିମାନଙ୍କ ଚାପର ସମ୍ମୁଖୀନ ହୋଇ ମାଦକଦ୍ରବ୍ୟର ଶିକାର ହୁଅନ୍ତି ବୋଲି ସ୍ୱୀକାର କରି ରାଜ୍ୟପାଳ କ୍ୟାମ୍ପସଗୁଡ଼ିକୁ ସୁରକ୍ଷିତ ସ୍ଥାନ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ରାଜ୍ୟପାଳ ଛାତ୍ରଛାତ୍ରୀମାନଙ୍କୁ ସଚେତନତାମୂଳକ ପଦକ୍ଷେପର ନେତୃତ୍ୱ ନେବାକୁ ଏବଂ ସୁସ୍ଥ ଜୀବନଯାପନର ସଂସ୍କୃତିକୁ ପ୍ରୋତ୍ସାହିତ କରିବାକୁ ଉତ୍ସାହିତ କରିଥିଲେ। ନିଶା ବିରୋଧୀ ଅଭିଯାନକୁ ତୀବ୍ର କରିବା ପାଇଁ ପଥପ୍ରାନ୍ତ ନାଟକ, ପୋଷ୍ଟର ତିଆରି ପ୍ରତିଯୋଗିତା, ପଦଯାତ୍ରା ଏବଂ ଅନ୍ୟାନ୍ୟ ସୃଜନଶୀଳ କାର୍ଯ୍ୟକ୍ରମ ଆୟୋଜନ କରିବାକୁ ରାଜ୍ୟପାଳ ପରାମର୍ଶ ଦେଇଥିଲେ। ପୂର୍ବତନ ଛାତ୍ରଛାତ୍ରୀ, ଜନପ୍ରତିନିଧି ଏବଂ ଗୋଷ୍ଠୀ ନେତାମାନଙ୍କୁ ସେମାନଙ୍କର ଅଭିଜ୍ଞତା ବାଣ୍ଟି ନିଶା ବିରୋଧୀ ଲଢ଼େଇରେ ଯୋଗଦେବାକୁ ମଧ୍ୟ ଆହ୍ୱାନ ଜଣାଇଥିଲେ। ଶିକ୍ଷାନୁଷ୍ଠାନମାନଙ୍କ ମଧ୍ୟରେ ନିଶା ରୋକିବାର ଉପାୟ ଉପରେ ପର୍ଯ୍ୟବେସିତ କ୍ଷୁଦ୍ର ଚଳଚ୍ଚିତ୍ର ପ୍ରତିଯୋଗିତା ଆୟୋଜନ କରିବା ପାଇଁ ରାଜ୍ୟପାଳ ପରାମର୍ଶ ଦେଇଥିଲେ।

ପୋଲିସ ମହାନିର୍ଦ୍ଦେଶକ ୱାଇ.ବି. ଖୁରାନିଆ, ଦକ୍ଷତା ବିକାଶ ଏବଂ ବୈଷୟିକ ଶିକ୍ଷା କମିଶନର- ତଥା - ଶାସନ ସଚିବ ଭୂପେନ୍ଦ୍ର ସିଂହ ପୁନିଆ, ଏବଂ ଏସସିବି ମେଡିକାଲ କଲେଜର ମନସ୍ତତ୍ୱ ବିଭାଗର ପ୍ରଫେସର ଡକ୍ଟର ସାରଦା ପ୍ରସାଦ ସ୍ୱାଇଁ ମଧ୍ୟ ସମାବେଶକୁ ସମ୍ବୋଧିତ କରିଥିଲେ। ରାଜ୍ୟପାଳଙ୍କ କମିଶନର - ତଥା - ଶାସନ ସଚିବ ଶ୍ରୀମତୀ ରୂପା ରୋଷନ ସାହୁ ପ୍ରାରମ୍ଭରେ ସ୍ୱାଗତ ଭାଷଣ ପ୍ରଦାନ କରିବା ସହ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଜେନେରାଲି ସେଂଟ୍ରାଲର ହିୟର ନାଓ ବୀମା ଅଭିଯାନ

**ଭୁବନେଶ୍ୱର,୬।୧୧ (ମହାଭାରତ):** ଜେନେରାଲି ସେଂଟ୍ରାଲ ଇନସ୍ୟୁରାନ୍ସ (ଜିସିଆଇ) ଏବଂ ଜେନେରାଲି ସେଂଟ୍ରାଲ ଲାଇଫ୍ ଇନସ୍ୟୁରାନ୍ସ (ଜିସିଏଲଆଇ) ଆଜି ଏଠାରେ ସେମାନଙ୍କର ପ୍ରଥମ ବ୍ରାଣ୍ଡ ଅଭିଯାନ ଆରମ୍ଭ କରିବାକୁ ଘୋଷଣା କରିଛନ୍ତି । ଚଳିତ ବର୍ଷ ପ୍ରାରମ୍ଭରେ ସେଂଟ୍ରାଲ ବ୍ୟାଙ୍କ ଅଫ୍ ଇଣ୍ଡିଆ ଜେନେରାଲି ଗ୍ରୁପ୍‌ରେ ଏକ ମିଳିତ ଉଦ୍ୟୋଗ ଅଂଶୀଦାର ଭାବରେ ଯୋଗ ଦେବା ପରେ, ଏହାର ରିବ୍ରାଣ୍ଡିଂ ପରେ ଲାଇଫ୍ ଏବଂ ନନ୍-ଲାଇଫ୍ ବ୍ୟବସାୟ ମଧ୍ୟରେ ଏହାର ପ୍ରଥମ ମିଳିତ ବ୍ରାଣ୍ଡ ଅଭିଯାନ, ବ୍ୟକ୍ତି ଏବଂ ପରିବାରକୁ ଆଜି କାର୍ଯ୍ୟ କରିବାକୁ ଏବଂ ଏକ ଉତମ ଭବିଷ୍ୟତ ପାଇଁ ବୀମା ମାଧ୍ୟମରେ ସେମାନଙ୍କର ଭବିଷ୍ୟତକୁ ସୁରକ୍ଷିତ କରିବାକୁ ଅନୁରୋଧ କରେ। ଜେନେରାଲି ସେଂଟ୍ରାଲ ଲାଇଫ୍ ଇନସ୍ୟୁରାନ୍ସର ଏମଡି ତଥା ସିଇଓ ଆଲୋକ ରୁଙ୍ଗଟା କହିଛନ୍ତି, ‘ଜେନେରାଲି ସେଂଟ୍ରାଲ ଲାଇଫ୍ ଇନସ୍ୟୁରାନ୍ସ ରେ, ଆମେ ବୁଝିପାରୁଛୁ ଯେ ଆଜି ନିଆଯାଇଥିବା ପ୍ରତ୍ୟେକ ନିଷ୍ପତି ଭବିଷ୍ୟତ ପାଇଁ ଆର୍ଥିକ ସୁରକ୍ଷାର ମୂଳଦୁଆ ପକାଇବ । ଜୀବନର ସମସ୍ତ ପର୍ଯ୍ୟାୟରେ ଜୀବନ ବୀମା ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ - ସୁରକ୍ଷା, ମାନସିକ ଶାନ୍ତି ଏବଂ ଆର୍ଥିକ ସ୍ଥିରତା ପ୍ରଦାନ କରେ ଯେତେବେଳେ ଏହା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ । ଆମେ ବିଶ୍ୱାସ କରୁ ଯେ ଆମର ଦାୟିତ୍ୱ ଜୀବନ କଭର ଯୋଗାଇବା ଠାରୁ ଅଧିକ । ପ୍ରତ୍ୟେକ ପାରସ୍ପରିକ କ୍ରିୟା ହେଉଛି ବିଶ୍ୱାସ ସୃଷ୍ଟି କରିବା, ଆଶ୍ୱାସନା ପ୍ରଦାନ କରିବା ଏବଂ ଲୋକଙ୍କ ଜୀବନକୁ ଆକୃଷ୍ଟ କରୁଥିବା ମୁହୂର୍ତରେ ଉପସ୍ଥିତ ରହିବାର ଏକ ସୁଯୋଗ - ଏହା ଏକ ନିଷ୍ପତି ମାଧ୍ୟମରେ କାହାକୁ ମାର୍ଗଦର୍ଶନ କରିବା ହେଉ କିମ୍ବା ଦାବି ସମୟରେ ସେମାନଙ୍କୁ ସମର୍ଥନ କରିବା ହେଉ । ଆମର ଏଠାରେ ବର୍ତମାନ ଅଭିଯାନ ଏହି ବିଶ୍ୱାସକୁ ପ୍ରତିଫଳିତ କରେ । ଏହା ଆମର ଆଜୀବନ ସାଥୀ ଦର୍ଶନକୁ ଜୀବନ୍ତ କରିଥାଏ - ଉଦ୍ଦେଶ୍ୟ ଦ୍ୱାରା ପରିଚାଳିତ, କାର୍ଯ୍ୟ ଦ୍ୱାରା ପରିଚାଳିତ, ଏବଂ ଯତ୍ନରେ ମୂଳ । କାରଣ ଜଣେ ଲାଇଫ୍ ଟାଇମ୍ ପାର୍ଟନର ହେଉଛି ଏକ ‘ଏଠାରେ ନାଓ’ ପାର୍ଟନର - ବର୍ତମାନ, ବ୍ୟସ୍ତ ଏବଂ ପ୍ରତ୍ୟେକ ମୁହୂର୍ତ ପାଇଁ ପ୍ରତିବଦ୍ଧ ।’

# ‘ଆଇଏଫଏଟି ଇଣ୍ଡିଆର ୧୨ତମ ସଂସ୍କରଣ ସମାପ୍ତ

**ଭୁବନେଶ୍ୱର,୬।୧୧ (ମହାଭାରତ):** ଜଳ, ସ୍ୱେରେଜ୍, କଠିନ ବର୍ଜ୍ୟବସ୍ତୁ ଓ ରିସାଇକ୍ଲିଂ ସଲ୍ୟୁସନ୍ ପାଇଁ ଦେଶର ସର୍ବବୃହତ୍ ବାଣିଜ୍ୟ ମେଳା ‘ଆଇଫାଟ୍ ଇଣ୍ଡିଆ’ର ୧୨ତମ ସଂସ୍କରଣ ମୁମ୍ବାଇରେ ଶେଷ ହୋଇଛି। ଅକ୍ଟୋବର ୧୪-୧୬, ୨୦୨୫ ପର୍ଯ୍ୟନ୍ତ ମେସେ ମୁଏନଚେନ୍ ଇଣ୍ଡିଆ ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମରେ ବମ୍ବେ ପ୍ରଦର୍ଶନୀ କେନ୍ଦ୍ରରେ ୪୫,୦୦୦+ ବର୍ଗମିଟର ପ୍ରଦର୍ଶନୀ ସ୍ଥାନରେ ୩୦+ ଦେଶରୁ ୧୮,୦୦୦+ ପରିଦର୍ଶକ, ୫୬୦+ ପ୍ରଦର୍ଶନକାରୀଙ୍କ ସର୍ବକାଳୀନ ସର୍ବାଧିକ ଅଂଶଗ୍ରହଣ ରେକର୍ଡ କରାଯାଇଛି। ଆଇଏମଇଏର ସଭାପତି ଭୂପିନ୍ଦର ସିଂ କହିଛନ୍ତି, ‘ଆଇଏଫଏଟି ଇଣ୍ଡିଆ ୨୦୨୫ ବାସ୍ତବରେ ବିଶ୍ୱ ସହଯୋଗର ଭାବନାକୁ ପ୍ରତିଫଳିତ କରିଛି । ୩୦ ରୁ ଅଧିକ ଦେଶର ପ୍ରଦର୍ଶନକାରୀ ଏବଂ ଆନ୍ତର୍ଜାତୀୟ ପ୍ରତିନିଧୀ, ମଣ୍ଡପ ଏବଂ ବକ୍ତାମାନଙ୍କ ଅଂଶଗ୍ରହଣ ସହିତ, ଏହି ସଂସ୍କରଣ ଆନ୍ତର୍ଜାତୀୟ ବିଶେଷଜ୍ଞତା ଏବଂ ସ୍ଥାନୀୟ ଉଦ୍ଭାବନର ଏକ ମିଶ୍ରଣ ପାତ୍ରରେ ପରିଣତ ହୋଇଥିଲା ।’

# ଘରୋଇ ହସ୍ପିଟାଲରେ ଯୌନ ନିର୍ଯାତନା

**ଭୁବନେଶ୍ୱର,୬।୧୧ (ମହାଭାରତ):** ଘରୋଇ ହସ୍ପିଟାଲରୁ ଆସିଛି ଯୌନ ନିର୍ଯାତନାର ଅଭିଯୋଗ। ମୈତ୍ରୀବିହାର ଥାନା ଅଧୀନରେ ଥିବା ଏକ ଘରୋଇ ହସ୍ପିଟାଲର ଲ୍ୟାବ ଟେକନିସିଆନ ଓ ହସ୍ପିଟାଲ ମ୍ୟାନେଜମେଂଟ ବିରୋଧରେ ସାଙ୍ଘାତିକ ଅଭିଯୋଗ ଆଣିଛନ୍ତି। ପୀଡିତାଙ୍କ କହିବା ମୁତାବକ କିଛିଦିନ ତଳେ ହସ୍ପିଟାଲରେ ଚାଲିଥିବା ଅନିୟମିତତା ସମ୍ପର୍କରେ ମୁହଁ ଖୋଲିବାରୁ ଲ୍ୟାବ ଟେକ୍ନିସିଆନ ଜଣଙ୍କ ପ୍ରତିକ୍ରିୟାଶୀଳ ହେବା ସହ ମହିଳାଙ୍କ ସମ୍ବେଦନଶୀଳ ଅଙ୍ଗରେ ହାତ ମାରିଥିଲେ।

# ସୁଭଦ୍ରା ଶକ୍ତି ମେଳାରେ ୯ ରାଜ୍ୟର ମହିଳା ଉଦ୍ୟୋଗୀ

**ଭୁବନେଶ୍ୱର,୬।୧୧ (ମହାଭାରତ):** ଓଡ଼ିଶାର ନାରୀ ଉଦ୍ୟୋଗୀତାର ପରିଚୟ “ସୁଭଦ୍ରା ଶକ୍ତି ମେଳା ୨୦୨୫” ଏବେ ଜାତୀୟସ୍ତରର ରୂପ ନେଇଛି। ଓଡ଼ିଶା ସହିତ ଏହି ବର୍ଷ ମେଳାରେ ଅନ୍ୟ ୯ ଟି ରାଜ୍ୟ ଛତିଶଗଡ଼, ଝାଡଖଣ୍ଡ, ମଧ୍ୟପ୍ରଦେଶ, ଗୁଜୁରାଟ, ପଞ୍ଜାବ, ପଶ୍ଚିମବଙ୍ଗ, ତେଲେଙ୍ଗାନା,



ଆନ୍ଧ୍ରପ୍ରଦେଶ ଓ ଆସାମର ମହିଳା ଉଦ୍ୟୋଗୀମାନେ ଅଂଶଗ୍ରହଣ କରି ନିଜ ଉତ୍ପାଦ ଓ ହସ୍ତଶିଳ୍ପ ପ୍ରଦର୍ଶନ କରୁଛନ୍ତି। ଭାରତୀୟ ସଂସ୍କୃତି, କଳା ଓ ହସ୍ତଶିଳ୍ପରେ ସଜେଇ ହୋଇ ପ୍ରଦର୍ଶନୀ ପଡ଼ିଆ ଏକ ମିନି ଇଣ୍ଡିଆର ଅନୁଭୂତି ପ୍ରଦାନ କରୁଛି। ଓଡ଼ିଶାର ସମୃଦ୍ଧ ହସ୍ତଶିଳ୍ପ ଓ ଉତ୍ପାଦ ପାଇଁ ବିପୁଳ ଜନସମାଗମ ହେଉଥିବାବେଳେ ରାଜ୍ୟ ବାହାର ଷ୍ଟଲଗୁଡ଼ିକରେ ଦର୍ଶକ ଓ ଗ୍ରାହକମାନଙ୍କ ଅପୂର୍ବ ଭିଡ଼ ଦେଖିବାକୁ ମିଳୁଛି । ରାଜ୍ୟ ବାହାର ଉତ୍ପାଦକୁ ବେଶ ପସନ୍ଦ କରୁଛନ୍ତି ରାଜଧାନୀବାସୀ । ମେଳାର ତୃତୀୟ ଦିବସରେ ପ୍ରତ୍ୟେକ ରାଜ୍ୟର ଷ୍ଟଲ ନିଜର ପାରମ୍ପରିକ ଓ ସ୍ୱତନ୍ତ୍ର ଉତ୍ପାଦ ଦ୍ୱାରା ମେଳାର ଆକର୍ଷଣ ହୋଇଛି।

ପଞ୍ଜାବର ଫୁଲକାରୀ ବସ୍ତ୍ର, ଝାଡ଼ଖଣ୍ଡର ଟସର ସିଲ୍କ ଶାଢ଼ୀ ଓ ଘର ସାଜସଜ୍ଜା ପାଇଁ ଫୁଲଦାନୀ, ତେଲେଙ୍ଗାନାର ଇକତ୍, ଆସାମର ବିଶ୍ୱପ୍ରସିଦ୍ଧ ଏରି ରେଶମ, ଛତିଶଗଡ଼ର ମଲବେରୀ ସିଲ୍କ ଓ ଜମଦାରୀ ଶାଢ଼ୀ, ଗୁଜରାଟର ଖଦୀ କଟନ, ମଧ୍ୟପ୍ରଦେଶର ଚନ୍ଦେରୀ କଟନ ଓ ଜରି ୱର୍କ ଶାଢ଼ୀ ଏବଂ ପଶ୍ଚିମ ବଙ୍ଗରର ଡିଜାଇନର ବ୍ଲାଉଜ୍, ବାଟିକ ଶାଢ଼ୀ ଓ ଟେରାକୋଟା କାନଫୁଲ ଲୋକଙ୍କୁ ଆକର୍ଷିତ କରୁଛି। ମେଳାରେ ରାଜ୍ୟ ବାହାରର ଷ୍ଟଲଗୁଡ଼ିକ ଦର୍ଶକ ଓ ଗ୍ରାହକଙ୍କ ମନକୁ ଜିତୁଛି। ତୃତୀୟ ଦିନ ଶେଷ ସୁଦ୍ଧା ୧.୦୨କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ମୋଟ ବିକ୍ରୟ ରେକର୍ଡ କରାଯାଇଥିଲା। ସନ୍ଧ୍ୟାରେ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମ ମେଳାକୁ ଅଧିକ ଉତ୍ସବମୟ ଓ ଆକର୍ଷଣୀୟ କରୁଛି। ହର ଗୌରୀ ରଣପା ନୃତ୍ୟ ପରିଷଦ ଦ୍ୱାର ପାରମ୍ପରିକ ରଣପା ନୃତ୍ୟ, ଯୋଡ଼ି ଶଙ୍ଖ ଓ ବିଶିଷ୍ଟ କଣ୍ଠଶିଳ୍ପୀ ଆଶୁତୋଷ ମହାନ୍ତି ଓ ଦଳଙ୍କ ଦ୍ୱାରା ପ୍ରଦର୍ଶିତ ସଙ୍ଗୀତ ଦର୍ଶକଙ୍କ ମେଳା ଦେଖାକୁ ଅଧିକ ରଙ୍ଗୀନ କରିଛି।

# ଚନ୍ଦ୍ରଶେଖରପୁର ଗୌରବ ସମ୍ମାନ ପ୍ରଦାନ

**ଭୁବନେଶ୍ୱର,୬।୧୧ (ମହାଭାରତ):** ରାଜ୍ୟର ଅନ୍ୟତମ ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ସୁରକ୍ଷା ପକ୍ଷରୁ ୧୯ ତମ ଚନ୍ଦ୍ରଶେଖରପୁର ବୋଇତ ବନ୍ଦାଣ ଉତ୍ସବ ସ୍ଥାନୀୟ ଲୁମ୍ବିନୀ ବିହାରସ୍ଥିତ ପ୍ରୋଜେକ୍ଟ ୱାଟର ପରିସରରେ ଦୁଇ ଦିନ ବ୍ୟାପି ଅନୁଷ୍ଠିତ ହୋଇଯାଇଛି। ମଙ୍ଗଳବାର ବୋଇତ ବନ୍ଦାଣ କମିଟିର ସଭାନେତ୍ରୀ ତଥା ୱାର୍ଡ ନଂ ୧୪ର କର୍ପୋରେଟର ମୋନାଲିସା ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ମେୟର ସୁଲୋଚନା ଦାସ, ମୁଖ୍ୟ



ବକ୍ତା ଭାବେ ବିଜେପି ରାଜ୍ୟ ଉପସଭାପତି ଗୋଲକ ମହାପାତ୍ର ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡଃ ବିଶ୍ୱନାଥ ପଟ୍ଟନାୟକ, ସଭାପତି ବନ୍ଦନା ପଣ୍ଡା, ୭ନଂ ୱାର୍ଡ କର୍ପୋରେଟର ଯଶୋଧାରା ପ୍ରଧାନ, ବିଜେପି ନେତ୍ରୀ ରଶ୍ମିରେଖା ଜେନା, ସମାଜସେବୀ ମନୋଜ ସାହୁ ପ୍ରମୁଖ ଯୋଗଦେଇ କାର୍ତ୍ତିକ ପୂର୍ଣ୍ଣିମା ଓ ବୋଇତ ବନ୍ଦାଣର ମହାତ୍ମ ସମ୍ପର୍କରେ ଆଲୋକପାତ କରିଥିଲେ। ବୋଇତ ବନ୍ଦାଣ କମିଟିର ଉପଦେଷ୍ଟା ସୁଧାଂଶୁ ମହାପାତ୍ର ସ୍ୱାଗତ ଭାଷଣ ଦେଇଥିଲେ। ଏହି ଅବସରରେ ବିଶିଷ୍ଟ ରାଜନେତା ତଥା ସମାଜସେବୀ ମାନସ ସାମଲଙ୍କ ସହ ୧୦ଜଣ ବିଶିଷ୍ଟ ବ୍ୟକ୍ତିଙ୍କୁ ଚନ୍ଦ୍ରଶେଖରପୁର ଗୌରବ ସମ୍ମାନ ପ୍ରଦାନ, ଚତୁର୍ଥପ୍ରହର ନାମଯଜ୍ଞ, ଅହରାତ୍ର ନାମ ସଂକୀର୍ତ୍ତନ ଓ ଭଜନ ସମାରୋହ ଅନୁଷ୍ଠିତ ହୋଇଥିଲା।

କାର୍ତ୍ତିକ ପୂର୍ଣ୍ଣମା ଦିନ ପ୍ରାତଃ କାଳରୁ ବୋଇତ ବନ୍ଦାଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଅତିଥି ଭାବେ ପୂର୍ବତନ ବିଧାୟକ ପ୍ରକାଶ ଚନ୍ଦ୍ର ବେହେରା, କର୍ପୋରେଟର ମୋନାଲିସା ସାହୁ, ଯଶୋଧାରା ପ୍ରଧାନ ଯୋଗଦେଇଥିଲେ।

# ନୂଆ ଓଡ଼ିଶା ନିର୍ମାଣର ବିନ୍ଧାଣି ହେବ ‘ଇଣ୍ଡିଆନ୍ ରୋଡ୍ସ କଂଗ୍ରେସ’

**ଭୁବନେଶ୍ୱର,୬।୧୧ (ମହାଭାରତ):** ନବ ଉନ୍ମେଷର ବିନ୍ଧାଣି ସାଜିଛି ଇଣ୍ଡିଆନ ରୋଡ୍ସ କଂଗ୍ରେସ (ଆଇଆର୍‌ସି) । ଦିଲ୍ଲୀ-ମୁମ୍ବାଇ ଏକ୍ସପ୍ରେସୱେ ଭଳି ବିଶ୍ୱସ୍ତରୀୟ ରାଜପଥ ହେଉ, ଅବା ଶ୍ରୀମନ୍ଦିର ଐତିହ୍ୟ କରିଡର, ରାଜପଥଠୁ ନେଇ ସୁଉଚ୍ଚ ଅଟ୍ଟାଳିକା, ସେତୁ, ଟନେଲ ସବୁଠି ରହିଛି ଆଇଆର୍‌ସିର ଛାପ। ମାତ୍ର କେତେଟା ବର୍ଷ ଭିତରେ ଓଡ଼ିଶା ଦେଖିଛି ଉତ୍କଳର ନୂଆ ରୂପ । ପ୍ରଚ୍ଛଦପଟରେ ରହି ଆଇଆର୍‌ସିର ଯନ୍ତ୍ରୀମାନେ ସାଜିଛନ୍ତି ଆଧୁନିକ ଭାରତର ବିଶ୍ୱକର୍ମା। ଓଡ଼ିଶା ପୁର୍ନବାର ଆଇଆର୍‌ସି ସମ୍ମିଳନୀ ଆୟୋଜନର ସୁଯୋଗ ପାଇବା ପରିପ୍ରେକ୍ଷୀରେ ଏହାର ଅବଦାନକୁ ଅବଲୋକନ କରିବା ବେଳେ ଅବଦାନ ସ୍ପଷ୍ଟ ବାରି ହୋଇପଡୁଛି।

ସମଗ୍ର ଭାରତ ବର୍ଷରେ ବ୍ୟାପକ ଭାବେ ବିସ୍ତାର ଲାଭ କରିଛି ଆଇଆର୍‌ସି । ଓଡ଼ିଶା ସେତୁ ନିର୍ମାଣ ନିଗମ (ଓବିସିସି) ଜରିଆରେ ଅନ୍ତତଃ ଓଡ଼ିଶାର ଭିତ୍ତିଭୂମି ମାନଚିତ୍ରରେ ବ୍ୟାପକ ପରିବର୍ତ୍ତନ ଦେଖିବାକୁ ମିଳିଛି। ପୁରୀର ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପଠୁ ନେଇ ସମ୍ବଲପୁରର ମା’ ସମଲେଶ୍ୱରୀ ମନ୍ଦିର, ଗଞ୍ଜାମର ମା’ ତାରାତାରିଣୀଙ୍କ ପୀଠ, ମା’ ଉତ୍କଳମଣି ଗୋପବନ୍ଧୁଙ୍କ ଜନ୍ମସ୍ଥାନ ସୁଆଣ୍ଡୋ ପ୍ରକଳ୍ପ ଭଳି ଐତିହ୍ୟସ୍ଥଳୀ ନୂଆ ରୂପ ପାଇଛି। ପୁଣି ଧଉଳି, ଅଠରନଳା, ବକୁଳବନରେ ଏଯାବତ୍ କାମ ଚାଲୁ ରହିଛି। ସେହିଭଳି ପୁରୀରେ ରାଜ୍ୟର ପ୍ରଥମ ଟ୍ରମ୍ପେଟ୍ ସେତୁ (ଶ୍ରୀସେତୁ)ଠୁ ନେଇ କେନ୍ଦୁଝରର ଯୋଡ଼ା ଫ୍ଲାଏଓଭର, କଟକ ନେତାଜୀ ବସ୍ ଟର୍ମିନାଲ, ଜଗନ୍ନାଥ ବଲ୍ଲଭ ତୀର୍ଥଯାତ୍ରୀ କେନ୍ଦ୍ର, ଦିଗବାରେଣୀ ଓ ଜେଲ୍ ରୋଡ୍ ମଲଟି ଲେବୁଲ କାର ପାର୍କିଂ, ମୂଷା ନଦୀର ସମ୍ପ୍ରସାରଣ ଦିଗରେ ଆଇଆର୍‌ସି ଅଧୀନସ୍ଥ ଓବିସିସି ଯନ୍ତ୍ରୀମାନଙ୍କର ମହତ୍ୱପୂର୍ଣ୍ଣ ଭାଗିଦାରୀ ରହିଛି। ଓଡ଼ିଆ ବିଶ୍ୱବିଦ୍ୟାଳୟଠୁ ନେଇ ପୁରୀ ବେଳାଭୂମିକୁ ନୂଆ ରୂପ ଦେବା ପାଇଁ ଅଭିଯାନ ଜାରି ରହିଛି। ରାଜ୍ୟ ସରକାର ଓଡ଼ିଶା ରାଜ୍ୟ ରାଜପଥ ପ୍ରାଧିକରଣ ମାଧ୍ୟମରେ ୭୫ ହଜାର କିଲୋମିଟର ସଡ଼କ ଶୃଙ୍ଖଳକୁ ଉନ୍ନତ କରିବା ନେଇ ଲକ୍ଷ୍ୟ ରଖିଛନ୍ତି। ଆଇଆର୍‌ସିର ଅଧିବେଶନ ରାଜ୍ୟରେ ସଡ଼କର ଉନ୍ନତି ଲାଗି କେନ୍ଦ୍ରୀୟ ସହାୟତା ପାଇଁ ମାର୍ଗ ପ୍ରଶସ୍ତ କରିବ ବୋଲି ରାଜ୍ୟର ଅଧିକାରୀବୃନ୍ଦ ଆଶା ରଖିଛନ୍ତି। ନିକଟରେ କେନ୍ଦ୍ର ସରକାର ୮୩୦୭ କୋଟି ଟଙ୍କାରେ ୬ ଲେନ ବିଶିଷ୍ଟ ଭୁବନେଶ୍ୱର ବାଇପାସ ପାଇଁ ଅନୁମୋଦନ କରିଛନ୍ତି। ଟ୍ରାଫିକ ଭିଡ଼ ହ୍ରାସ ପାଇଁ ଏହି ରାସ୍ତା ଉପଯୋଗୀ ହେବ। ଆଇଆରସି ସମ୍ମିଳନୀରେ ରାସ୍ତା ନିର୍ମାଣରେ ବ୍ୟବହୃତ ହେଉଥିବା ମଡେଲ ଓ ବୈଷୟିକ ଜ୍ଞାନକୌଶଳର ଜ୍ଞାନ ଆଦାନପ୍ରଦାଦନ ରାଜ୍ୟର ସଡ଼କ ଭିତ୍ତିଭୂମି ପାଇଁ ସୁଯୋଗ ସୃଷ୍ଟି କରିବ।

# ବିଜେଡିର ଗଡ ଭାଙ୍ଗି ଯାଇଛି

**ଭୁବନେଶ୍ୱର,୬।୧୧ (ମହାଭାରତ):** ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିର୍ବାଚନୀ ସଭାରେ ଯୋଗ ଦେବା ପାଇଁ ନୂଆପଡା ଆସିଥିଲେ । ନୂଆପଡା ମାଟିରେ ଛିଡା ହୋଇ ନୂଆପଡାବାସୀଙ୍କୁ ଗାଳି ଦେଲେ ଯାହା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ଓ ଲଜ୍ଜାଜନକ । ନବୀନ ପଟ୍ଟନାୟକଙ୍କ ଏଭଳି ଭାଷାକୁ ସ୍ଥାନୀୟ ଅଂଚଳବାସୀ କେବେବି କ୍ଷମା ଦେବେ ନାହିଁ । ନବୀନ ବାବୁ ମଂଚରେ ଛିଡା ହୋଇ ନୂଆପଡାବାସୀଙ୍କୁ ନିଜ ଶାସନ କାଳର ଉପଲବ୍ଧି ନକହି ଓଲଟା ପ୍ରଶ୍ନ ପଚାରିବା ଦ୍ୱାରା ନିଜ ୨୪ ବର୍ଷ ଶାସନର ବିଫଳତାକୁ ପରିପ୍ରକାଶ କରିଛନ୍ତି । ତାଙ୍କୁ ରାଜନୀତିକୁ ଆଣିଥିବା ଏବଂ ବିଜେଡି ଗଠନରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ଅନେକ ନେତାଙ୍କ ସହ ନବୀନ ବାବୁ ଯେଉଁ ବ୍ୟବହାର ଓ ଆଚରଣ ପ୍ରଦର୍ଶନ କରିଛନ୍ତି, ତାକୁ କ’ଣ କୁହାଯିବ ବୋଲି ପୂର୍ବତନ ରାଜ୍ୟ ସଭାପତି, ପୂର୍ବତନ ସାଂସଦ ତଥା ବରିଷ୍ଠ ନେତା ବସନ୍ତ ପଣ୍ଡା ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରିଛନ୍ତି।

ନବୀନ ବାବୁ ନିଜ ଦୀର୍ଘ ବର୍ଷର ଶାସନ କାଳରେ ଚାଷୀଙ୍କ ପେଟରେ ଲାତ ମାରିଲେ, ଗରୀବଙ୍କ ନ୍ୟାର୍ଯ୍ୟ ହକ୍ ଛଡାଇ ନେଲେ, ପ୍ରଧାନମନ୍ତ୍ରୀ ଆବାସ ପକ୍କା ଘରୁ ଗରିବଙ୍କୁ ବଂଚିତ ରଖିଲେ, ଅପରାଧୀ ଓ ହତ୍ୟାକାରିଙ୍କୁ ସୁରକ୍ଷା ଦେଲେ, ଦିବଙ୍ଗତ ନେତା ଓ ତାଙ୍କ ପରିବାରକୁ କଟାକ୍ଷ କରି ଅସମ୍ମାନିତ କଲେ । ହେଲେ ଆଜି ସେ ୧୫ ମାସର ବିଜେପି ସରକାର ଉପରେ ପ୍ରଶ୍ନ ଉଠାଉଛନ୍ତି ! ଏଭଳି ଅରୁଚିକର ଶବ୍ଦର ପ୍ରୟୋଗ ତାଙ୍କ ମାନସିକ, ଶାରିରୀକ ଓ ବୌଦ୍ଧିକତାକୁ ଉପରେ ପ୍ରଶ୍ନବାଚୀ



ସୃଷ୍ଟି କରିଛି ବୋଲି ଶ୍ରୀ ପଣ୍ଡା କହିଛନ୍ତି। ଦୀର୍ଘ ୨୪ ବର୍ଷ ଧରି ନୂଆପଡାବାସୀଙ୍କୁ ବାରମ୍ବାର ପ୍ରତାରଣା କରିଥିବା ଏବଂ ଅଂଚଳବାସୀଙ୍କ ବିକାଶ ପାଇଁ ଆସିଥିବା ହଜାର ହଜାର କୋଟି ଟଙ୍କା ହଡପ କରିଥିବା ବିଜେଡି ସରକାର ପାଇଁ ନୂଆପଡା ଆଜି ପଛୁଆ ଜିଲ୍ଲା ହୋଇ ରହିଯାଇଛି।

# କ୍ରେଚ ଉପରେ କର୍ମଶାଳା

**ଭୁବନେଶ୍ୱର,୬।୧୧ (ମହାଭାରତ):** ମହିଳା ଏବଂ ଶିଶୁ ବିକାଶ ବିଭାଗ ଆନୁକୂଲ୍ୟରେ ଏବଂ ଭାରତୀୟ ମାନବ ବସତି ପ୍ରତିଷ୍ଠାନ, ବାଙ୍ଗାଲୋର ଓ ପ୍ରାରମ୍ଭିକ ଶୈଶବ, କ୍ରେଚ (ଶିଶୁ ସଦନ)ଏବଂ ଶିକ୍ଷା, ମାତୃ, ନବଜାତ ଏବଂ ଶିଶୁ ସ୍ୱାସ୍ଥ୍ୟର ଅନ୍ୟାନ୍ୟ ବୈଷୟିକ ବିଶେଷଜ୍ଞଙ୍କ ସହଯୋଗରେ ଭୁବନେଶ୍ୱରରେ ଏକ ଦୁଇ ଦିନିଆ ପରାମର୍ଶ ବୈଠକ-ତଥା-କର୍ମଶାଳା ଆୟୋଜିତ ହୋଇଛି। ମହିଳା ଏବଂ ଶିଶୁ ବିକାଶ ବିଭାଗର ପ୍ରମୁଖ ଶାସନ ସଚିବ ଶ୍ରୀମତୀ ଶୁଭା ଶର୍ମା ଏହି ବୈଠକ-ସହ-କର୍ମଶାଳାର ଉଦଘାଟନ କରିଥିଲେ।

ଏହି କର୍ମଶାଳାରେ ମହିଳା ଓ ଶିଶୁ ବିକାଶ ବିଭାଗର ନିର୍ଦ୍ଦେଶକ, ଆଇସିଡିଏସ୍ ର ଅତିରିକ୍ତ ଶାସନ ସଚିବ, ଶିଶୁ କଲ୍ୟାଣର ଅତିରିକ୍ତ ଶାସନ ସଚିବ, ମହିଳା ସଶକ୍ତିକରଣ ଆଡଭୋକେସିର ଅତିରିକ୍ତ ଶାସନ ସଚିବ, ତାଲିମ ଏବଂ ସମନ୍ୱୟ ବିଭାଗର ଅତିରିକ୍ତ ଶାସନ ସଚିବ ଏବଂ ମମତାର ଅତିରିକ୍ତ ଶାସନ ସଚିବ ଏବଂ ଉପଶାସନ ସଚିବ ଉପସ୍ଥିତ ଥିଲେ।

ଏହି ପରାମର୍ଶ କର୍ମଶାଳାରେ ରାଜ୍ୟର ସମସ୍ତ ଜିଲ୍ଲାର ପ୍ରତିନିଧି, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ, ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ, କାର୍ଯ୍ୟକ୍ରମ ଅଧିକାରୀ, ପର୍ଯ୍ୟବେକ୍ଷକ ଏବଂ ଅଙ୍ଗନବାଡି କର୍ମୀ, ମୋବାଇଲ୍ କ୍ରେଚ୍ ଏବଂ ଆପ୍ଲାଏଡ୍ ସାଇନସ୍ସେ୍ ସୋସାଇଟିର ବିଶେଷଜ୍ଞମାନେ ଏକତ୍ରିତ ହୋଇଥିଲେ। ଏହି କର୍ମଶାଳାର ପ୍ରାଥମିକ ଉଦ୍ଦେଶ୍ୟ ହେଉଛି ଓଡ଼ିଶାରେ ପାଲନା (ପିଏଏଲ୍ଏନ୍ଏ) ଯୋଜନାର କାର୍ଯ୍ୟାନ୍ୱୟନ ପାଇଁ ଏକ ମାନକ କାର୍ଯ୍ୟକାରିତା ପ୍ରକ୍ରିୟା (ଏସ୍‌ଓପି) ପ୍ରସ୍ତୁତ କରିବା । ଏହି ପରାମର୍ଶ ଏକ ସମନ୍ୱିତ ଢାଞ୍ଚା ଡିଜାଇନ୍ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ହେବ, ଯାହା ଭାରତ ସରକାରଙ୍କ ପ୍ରଚଳିତ ପାଲନା ନିର୍ଦ୍ଦେଶାବଳୀ ସହିତ ସମକକ୍ଷ ହେବ ଏବଂ ଓଡ଼ିଶାର ପ୍ରାସଙ୍ଗିକ ଆବଶ୍ୟକତାକୁ ପୂରଣ କରିବ।

# ଜୟ ଏବଂ ତାଙ୍କ ମା’ ମିଥ୍ୟା ଆକ୍ଷେପ କରୁଛନ୍ତି

**ଭୁବନେଶ୍ୱର,୬।୧୧ (ମହାଭାରତ):** ନବୀନ ପଟ୍ଟନାୟକଙ୍କୁ କେବଳ ଆମେ ନୁହେଁ ସାରା ଓଡ଼ିଶା ତାଙ୍କୁ ପିତୃତୁଲ୍ୟ ସମ୍ମାନ କରେ। ସାଢେ ଚାରି କୋଟି ଓଡ଼ିଶାବାସୀଙ୍କୁ ସେ ନିଜ ପରିବାର ମାନନ୍ତି। ଏପରି ଜଣେ ବ୍ୟକ୍ତିଙ୍କ ପ୍ରତି ନୂଆପଡ଼ା ଉପନିର୍ବାଚନର ବିଜେପି ପ୍ରାର୍ଥୀ ଜୟ ଢୋଲକିଆ ଏବଂ ତାଙ୍କ ମାଆ ଯେପରି ଭାବେ ମିଥ୍ୟା ଆକ୍ଷେପ କରୁଛନ୍ତି



ତାହା ସାରା ରାଜ୍ୟକୁ ଚକିତ କରିଛି। ଏହାର ଯେତେ ନିନ୍ଦା କଲେ ମଧ୍ୟ କମ୍ ହେବ ବୋଲି ବିଜେଡିର ମହିଳା ନେତ୍ରୀମାନେ କହିଛନ୍ତି।

ଏକ ସାମ୍ବାଦିକ ସମ୍ମିଳନୀରେ ପୂର୍ବତନ ମନ୍ତ୍ରୀ ଟୁକୁନି ସାହୁ, ବିଧାୟିକା ବର୍ଷା ସିଂ ବରିହା, ପୂର୍ବତନ ବିଧାୟିକା ଦିପାଳୀ ଦାସ ଏବଂ ପୂର୍ବତନ ବିଧାୟିକା ଅଳକା ମହାନ୍ତି ଏହାକୁ ବିଜେପି ପ୍ରରୋଚିତ ମନ୍ତବ୍ୟ ଆଖ୍ୟା ଦେଇ ତୀବ୍ର ସମାଲୋଚନା କରିଥିଲେ। ଶ୍ରୀମତୀ ଟୁକୁନି ସାହୁ କହିଥିଲେ ଯେ,ନବୀନ ବାବୁ କେବଳ ଓଡ଼ିଶା ନୁହେଁ, ସାରା ଭାରତର ଜଣେ ସର୍ବମାନ୍ୟ ନେତା । ରାଜୁ ଭାଇ ୨୪ ବର୍ଷ ଧରି ବିଜେଡିର ଜଣେ ନିଷ୍ଠାପର ଓ ବରିଷ୍ଠ ନେତା ଥିଲେ । ସେଥିପାଇଁ ତାଙ୍କୁ ମନ୍ତ୍ରୀମଣ୍ଡଳରେ ସ୍ଥାନ ଦେବା ସହ ଅନେକ ଦାୟିତ୍ୱ ନ୍ୟସ୍ତ କରିଥିଲେ । ରାଜୁ ଭାଇଙ୍କ ଚିକିତ୍ସା ଓ ମୃତ୍ୟୁ ପରେ ବି ନବୀନ ବାବୁ କିମ୍ବା ବିଜେଡି ତାଙ୍କ ହାତ ଛାଡ଼ି ନଥିଲେ । ମୁଁ ଜଣେ ସାଧାରଣ ଗୃହିଣୀ ହେଲେ ମଧ ମୋ ପତିଙ୍କ ମୃତ୍ୟୁ ପରେ ମୋତେ ନିର୍ବାଚନରେ ଛିଡା କଲେ, ମୋତେ ମନ୍ତ୍ରୀ ପଦ ଦେଲେ । ନୂଆପଡ଼ା ଉପନିର୍ବାଚନରେ ଜୟ ଢୋଲକିଆଙ୍କୁ ପ୍ରାର୍ଥୀ କରିବା ପାଇଁ ମଧ୍ୟ ନବୀନ ବାବୁ ପ୍ରସ୍ତାବ ଦେଇଥିଲେ । କିନ୍ତୁ ଜୟ ଦିଲ୍ଲୀ ଯାଇ ବିକ୍ରି ହୋଇଗଲେ । ନବୀନ ବାବୁଙ୍କ ଉପରକୁ ଆଙ୍ଗୁଳି ଉଠାଇବା ପୂର୍ବରୁ ନିଜ ପୁଅର ଏହି ବିଶ୍ୱାସ ଘାତକତା ଉପରେ ଉତ୍ତର ରଖିବା ଆବଶ୍ୟକ । ଜୟ ନିଜକୁ ସ୍ୱର୍ଗତ ରାଜୁ ଭାଇଙ୍କ କୁପୁତ୍ର ଭାବେ ପ୍ରମାଣିତ କରିଛନ୍ତି। ବିଧାୟିକା ବର୍ଷା ସିଂ ବରିହା କହିଥିଲେ, ନୂଆପଡାରେ ସମସ୍ତେ ନବୀନ ବାବୁଙ୍କୁ ଅପେକ୍ଷା କରିଥିଲେ ।

# କିମ୍ସ ଛାତ୍ରଛାତ୍ରୀଙ୍କ ହ୍ୱାଇଟ୍ କୋଟ୍ ସମାରୋହ

**ଭୁବନେଶ୍ୱର,୬।୧୧ (ମହାଭାରତ):** ଡାକ୍ତରୀ ଶିକ୍ଷା ଯାତ୍ରା ଆରମ୍ଭର ଏକ ପ୍ରତୀକାତ୍ମକ ଉତ୍ସବ ଭାବେ କିମସ ଓ କିଟ୍ ଡେଣ୍ଟାଲ ସ୍କୁଲ ନୂତନ ବ୍ୟାଚ ଛାତ୍ରଛାତ୍ରୀଙ୍କ ହ୍ୱାଇଟ କୋଟ୍ ସମାରୋହ ଆଜି ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ, କିଟ ବିଶ୍ୱବିଦ୍ୟାଳୟ ଉପକୁଳପତି ଡା ସିବିକେ ମହାନ୍ତି, କିମସ ମେଡ଼ିକାଲ କଲେଜ ଅଧ୍ୟକ୍ଷ ପ୍ରଫେସର ଆର. ସି. ଦାସ, କିମସ ମେଡିକାଲ୍ ଅଧୀକ୍ଷକ ଡା ମାନସ ରଞ୍ଜନ ବେହେରା, ଉପାଧ୍ୟକ୍ଷ ଡା. ଲଲାଟେନ୍ଦୁ ମହାନ୍ତି ଓ କିଟ୍ ଡେଣ୍ଟାଲ କଲେଜ ଡିନ୍ ଡ ଅବିକ୍ଷୀତ ପଣ୍ଡା ପ୍ରମୁଖ ଅଂଶଗ୍ରହଣ କରିଥିଲେ।

କିମସରେ ଡାକ୍ତରୀ ଛାତ୍ରଛାତ୍ରୀମାନେ ସେମାନଙ୍କ ପାଞ୍ଚବର୍ଷୀୟ ପାଠ୍ୟକ୍ରମର ସଦୁପଯୋଗ କରିବାକୁ କିଟ୍ ଓ କିମ୍ସ ପ୍ରତିଷ୍ଠାତା ଶ୍ରୀ ସାମନ୍ତ ନିଜ ଅଭିଭାଷଣରେ



ଛାତ୍ରଛାତ୍ରୀଙ୍କୁ ପ୍ରେରଣା ଦେଇଥିଲେ। ଛାତ୍ରଛାତ୍ରୀମାନେ ସେମାନଙ୍କ ଜୀବନରେ ଶିକ୍ଷା ସହ ସଂସ୍କାର ନୀତି ପାଳନ କରିବାକୁ ଶ୍ରୀ ସାମନ୍ତ ସେମାନଙ୍କୁ ପ୍ରୋତ୍ସାହିତ କରିଥିଲେ।

ଡା ସିବିକେ ମହାନ୍ତି ନୂତନ ଏମ୍‌ବିବିଏସ୍ ଓ ବିଡିଏସ୍ ବ୍ୟାଚ୍‌କୁ କିମସରେ ଉପଲବ୍ଧ ବ୍ୟାପକ ସମ୍ବଳକୁ ସମ୍ପୂର୍ଣ୍ଣ ଉପଯୋଗ କରିବା ପାଇଁ ଉତ୍ସାହିତ କରିଥିଲେ। ଏମବିବିଏସ ଏକ ଚ୍ୟାଲେଞ୍ଜିଂ ପାଠ୍ୟକ୍ରମ ବୋଲି ସୂଚନା ଦେଇ ହ୍ୱାଇଟ୍ କୋଟ ସମାରୋହର ଗୁରୁତ୍ୱ ବିଷୟରେ ସେ କହିଥିଲେ।

ସ୍ୱାଗତ ଭାଷଣ ଦେଇ ଡା ଆର.ସି. ଦାସ ମାନବୀୟ ମୂଲ୍ୟବୋଧ ଓ କରୁଣା ଉପରେ ଗୁରୁତ୍ୱାରୋପ କରିଥିଲେ। ସେ କହିଲେ, ଡାକ୍ତରୀ ବୃତ୍ତିଗତମାନେ ସେମାନଙ୍କର ହ୍ୱାଇଟ୍ କୋଟ୍ ଗ୍ରହଣ କରିବା ସମୟରେ ମାନବୀୟ ମୂଲ୍ୟବୋଧ ଓ କରୁଣା ପାଳନ କରିବା ଉଚିତ। ନମ୍ରତା ହେଉଛି ହ୍ୱାଇଟ୍ କୋଟ୍‌ର ଏକ ଗୁରୁତ୍ୱପୂର୍ଣ୍ଣ ଦିଗ। ଅନ୍ୟମାନଙ୍କ ମଧ୍ୟରେ କିମ୍ସ ପରାମର୍ଶଦାତା ଡା. ଆର ଏନ୍ ସାମନ୍ତ, ମେଡିସିନ୍ ବିଭାଗ ମୁଖ୍ୟ ଡା ଶୁଭ୍ରାଂଶୁ ପାତ୍ର ଓ ଗ୍ରୁପ୍ ଡାଇରେକ୍ଟର ଡ. ଦିଲ୍ଲୀପ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

# ନିଶାମୁକ୍ତି ସମ୍ପର୍କିତ କର୍ମଶାଳା

**ଭୁବନେଶ୍ୱର,୬।୧୧ (ମହାଭାରତ):** ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ ଅଫ୍ ବିଜିନେସ ଆଣ୍ଡ କମ୍ପ୍ୟୁଟର ଷ୍ଟଡିଜ୍ (ଆଇବିସିଏସ୍) ପକ୍ଷରୁ ମାନସିକ ସ୍ୱାସ୍ଥ୍ୟକୁ ନେଇ ସୋମବାର ଏକ କର୍ମଶାଳା ଆୟୋଜିତ ହୋଇଯାଇଛି। କର୍ମଶାଳାର ପ୍ରଥମ ପର୍ଯ୍ୟାୟରେ ନିଶାମୁକ୍ତି ଏବଂ ମାନସିକ ସ୍ୱାସ୍ଥ୍ୟ ସଚେତନତା ସମ୍ପର୍କିତ ଆଲୋଚନା କରାଯାଇଥିବା ବେଳେ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍‌ସେସ୍ ଆଣ୍ଡ ସମ ହସ୍ପିଟାଲ୍‌ର ମାନସିକ ରୋଗ ବିଭାଗର ମୁଖ୍ୟ ଡାକ୍ତର ସୁରଜିତ ସାହୁ ଏହି ସମସ୍ୟା ସହିତ ମୁକାବିଲା କରିବା ନେଇ ଆଲୋଚନା କରିଥିଲେ। ମାନସିକ ରୋଗ ବିଭାଗର ଆସିଷ୍ଟାଂଟ ପ୍ରଫେସର ଡାକ୍ତର ହିରଣ୍ମୟ ମହାପାତ୍ର ମାନସିକ ଅସୁସ୍ଥତା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ।

# ସରକାରୀ ଚାକିରୀ

ସ୍କୁଲ-କଲେଜରେ କମ ନମ୍ବର ରଖିଥିବା ଛାତ୍ର ଭବିଷ୍ୟତରେ ଅସାଧାରଣ ସଫଳତା ହାସଲ କରିଥାଏ। ଏବେ ଏହାର ଯଥାର୍ଥତା ଅନେକାଂଶରେ ଅନୁଭବ କରାଯାଉଛି। କାରଣ ହେଲା ନକଲି ସାର୍ଟିଫିକେଟ। ରାଜ୍ୟରେ ନକଲି ସାର୍ଟିଫିକେଟ ମାଧ୍ୟମରେ ଅନେକ ସରକାରୀ ଚାକିରୀ କରିଥିବା ଜଣାପଡ଼ିଛି। ଏହି ନକଲି କାରବାରେ ଲକ୍ଷ ଲକ୍ଷ ଟଙ୍କାର କାରବାର ଚାଲିଛି। ଏହାର ଚେର ରାଜ୍ୟ ବାହାରକୁ ମଧ୍ୟ ଯାଇଛି। ଅନେକ ମେଧାବୀ ଛାତ୍ର କଠିନ ପରିଶ୍ରମ କରି ନିଜ ଅଧ୍ୟବସାୟ ବଳରେ ଯେତିକି ନମ୍ବର ରଖୁଛନ୍ତି, ବିନା ପରିଶ୍ରମରେ କେବଳ ଟଙ୍କା ବିନିମୟରେ ଅନେକ ଏହାଠାରୁ ଢେର ଅଧିକ ନମ୍ବର ରଖୁଥିବା ନଜିର ରହିଛି। ଅନେକ ମୋଧାବୀ ଛାତ୍ର ବେକାର ହୋଇ ବସିଥିବା ବେଳେ ଅନେକ ନକଲି ସାର୍ଟିଫିକେଟ ମାଧ୍ୟମରେ ଭଲ ଚାକିରୀ କରି ମୋଟା ଅଙ୍କର ଦରମା ପାଉଛନ୍ତି ଏବଂ ବେଶ ଆରାମରେ ଜୀବନ ବିତାଉଛନ୍ତି। ତେଣୁ ବୋର୍ଡ ବା ବିଶ୍ୱବିଦ୍ୟାଳୟ ସାର୍ଟିଫିକେଟ ଏବେ ମୂଲ୍ୟହୀନ ହୋଇପଡ଼ିଛି। ନିକଟରେ ବଲାଙ୍ଗୀରରେ ଏକ ନକଲି ସାର୍ଟିଫିକେଟ ର୍ୟାକେଟ ଧରାପଡ଼ିଛି। ଏକ କମ୍ପ୍ୟୁଟର ସେଣ୍ଟର ଉପରେ ପୋଲିସ ଚଢ଼ାଉ କରି ବିପୁଳ ପରିମାଣର ନକଲି ସାର୍ଟିଫିକେଟ ଏବଂ ଏହାର ପ୍ରସ୍ତୁତିରେ ବ୍ୟବହୃତ ସାମଗ୍ରୀ ଏବଂ ଲକ୍ଷାଧିକ ଟଙ୍କା ଜବତ କରିଛି। ଏଥିରେ ସମ୍ପୃକ୍ତ ୨୦ରୁ ଅଧିକ ବ୍ୟକ୍ତିଙ୍କୁ ଗିରଫ କରାଯାଇଛି। ଏହାର ଚେର ରାଜ୍ୟର ଅନ୍ୟାନ୍ୟ ସ୍ଥାନକୁ ମଧ୍ୟ ବ୍ୟାପିଛି। ଏହି ନକଲି ସାର୍ଟିଫିକେଟ ଏତେ ଅସଲି ଭଳି ଜଣାପଡୁଛି ଯେ, ଏହାକୁ କେହି ସହଜରେ ଜାଣିପାରିବେ ନାହିଁ। ଏହି ନକଲି ସାର୍ଟିଫିକେଟ ଦେଖାଇ ଅନେକ ସରକାରୀ ଚାକିରୀ ମଧ୍ୟ କରିଛନ୍ତି। ଫଳରେ ଅନେକ ଯୋଗ୍ୟ ଛାତ୍ରଛାତ୍ରୀ ଅନ୍ୟାୟର ଶୀକାର ହେଉଛନ୍ତି। ଜଣେ ମାସ ମାସ ଧରି କଠିନ ପରିଶ୍ରମ କରି ଯାହା ପାଇପାରୁନି, ଆଉ ଜଣେ କିଛି ଟଙ୍କା ପ୍ରତିବଦଳରେ ଆଦୌ ପରିଶ୍ରମ ନକରି ତାହା ପାଇପାରୁଛି। ଏହା ଅନ୍ୟର ଅଧିକାର ଅପହରଣ କରିବା ସହ ସମାନ। ଏଭଳି ନକଲି ସାର୍ଟିଫିକେଟ କାରବାର ସାରା ଭାରତରେ ଚାଲିଛି। ଅନେକ ବର୍ଷ ହେବ ଚାଲିଆସୁଛି। କିଛି ବ୍ୟକ୍ତି ନକଲି ସାର୍ଟିଫିକେଟ ଦ୍ୱାରା ଚାକିରୀ କରି ଅବସର ନେଇ ସାରିଲେଣି। ଅନେକ ଯୋଗ୍ୟ ବ୍ୟକ୍ତି ଏଥିରୁ ବଂଚିତ ହୋଇ ଆତ୍ମହତ୍ୟା କରୁଛନ୍ତି। ଆଉ ନକଲି ସାର୍ଟିଫିକେଟ ପ୍ରସ୍ତୁତକର୍ତ୍ତା କୋଟିପତି ହୋଇଯାଉଛନ୍ତି। କୋହଳ ଦଣ୍ଡ ବ୍ୟବସ୍ଥା ଯୋଗୁ ଏଭଳି ଅପରାଧ ବଢ଼ିଚାଲିଛି ଯାହା ସମଗ୍ର ଦେଶ ଏବଂ ସମାଜ ପାଇଁ ବିପଜ୍ଜନକ। ଏହି ଅପରାଧରେ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ ଏନଏସଏ ଲାଗୁ ହେବା ଉଚିତ। ଯେଉଁମାନେ ନକଲି ସାର୍ଟିଫିକେଟରେ ଚାକିରୀ କରିଛନ୍ତି, ସେମାନଙ୍କୁ କେବଳ ଗିରଫ ନୁହେଁ, ସେମାନଙ୍କ ସମ୍ପତ୍ତି ନିଲାମ କରାଯିବା ଉଚିତ। ଯେଉଁମାନେ ନିଷ୍ଠା, ଦକ୍ଷତା ଏବଂ ସାଧୁତାର ସହ କଠିନ ପରିଶ୍ରମ କରି ପାଠ ପଢୁଛନ୍ତି, ସେମାନଙ୍କ ଅଧ୍ୟବସାୟ ବେକାର ନହେଉ। ସେମାନଙ୍କୁ ଉପଯୁକ୍ତ ନ୍ୟାୟ ମିଳିବା ଉଚିତ। ପରୀକ୍ଷାରେ କପି କରି ପାସ କରିବା ଯାହା ନକଲି ସାର୍ଟିଫିକେଟ ହାସଲ କରିବା ତାହା। ଅ ଆ ଜାଣନଥିବା ପିଲା ଯଦି ପ୍ରଥମ ଶ୍ରେଣୀରେ ମାଟ୍ରିକ ଏବଂ ଯୁକ୍ତ ଦୁଇ ପାସ କରିଥିବାର ସାର୍ଟିଫିକେଟ ହାସଲ କରେ ତେବେ ଜଣେ ମେଧାବୀ ଛାତ୍ର କାହିଁକି ପାଠ ପଢ଼ିବ ? ଏବେ ସମୟ ଆସିଛି, ସରକାର ଆଉ ନିରବରେ ବସି ରହିବା ଉଚିତ ନୁହେଁ। ଏଭଳି ଅପରାଧୀଙ୍କ ପ୍ରତି କଠୋର ଦଣ୍ଡବିଧାନ ବ୍ୟବସ୍ଥା ହେଉ, ଶିକ୍ଷାର ମାନ ରକ୍ଷା ହେଉ। ବଜାରରେ ଶିକ୍ଷାକୁ ନିଲାମ କରାନଯାଉ। ଶିକ୍ଷାର ସମ୍ମାନ ହାନି କରିବା, ପ୍ରକୃତ ଶିକ୍ଷିତ ବ୍ୟକ୍ତିଙ୍କୁ ସେମାନଙ୍କ ଅଧିକାରରୁ ବଂଚିତ କରି ଅଯୋଗ୍ୟଙ୍କୁ ଆସନ ଦେବା ଏକ ଅତି ଗର୍ହିତ ଅପରାଧ।

# ଦୂତଙ୍କୁ କଷ୍ଟଦେବା ଶାସ୍ତ୍ର ବିରୁଦ୍ଧ

**"ପୋଲିସ ପ୍ରଶାସନରେ ପ୍ରତି ଥାନାଦାରଙ୍କ ମାର୍ଫତ ରାଜକାନୁନ ବିବରଣୀ ଜଣାଇ କାମରେ ଲଗାଉଛନ୍ତି। ନେତାମାନେ ଏମ୍.ପି ହେଲେ ଦଲ୍ଲୀରେ, ଏମଏଲଏ ହେଲେ ରାଜଧାନୀରେ ରହି ତାଙ୍କର ପ୍ରତିନିଧିଙ୍କ ଦ୍ୱାରା ନିର୍ବାଚନ ମଣ୍ଡଳୀରେ ସ୍ୱ ସ୍ୱ ଇପସିତ ଉନ୍ନତିକରଣ ଫରମାନ ଲଗାଇ କାର୍ଯ୍ୟ କରୁଛନ୍ତି। ଦିଲ୍ଲୀର ବାଦଶାମାନେ ସର୍ବତ୍ର ଯିବା ସମ୍ଭବ ନଥିଲା ତାଙ୍କର ଆଦେଶରେ ଦେଶ ସାରା ବାଦଶା କାନୁନ ଜାହିରି କରୁଥିଲେ।**

॥ ଅଜୟ କୁମାର ବେହେରା ॥

ରାମାୟଣରେ ଦୁଇଟି ଦୂତଙ୍କର ବିଶେଷ ତଥ୍ୟ ରହିଛି ପ୍ରଥମ ହନୁମାନ ଦ୍ୱିତୀୟ ଅଙ୍ଗଦ। ପ୍ରଭୁ ଶ୍ରୀରାମଙ୍କ ସେ ଥିଲେ ଦୂତ ବା ଦୌତ୍ୟ ପ୍ରତିନିଧି। ଦୁଇ ମୁଖ୍ୟଙ୍କ ମଧ୍ୟରେ ପରସ୍ପର ଭାବ ଆଦାନ ପ୍ରଦାନ କରିବା ପାଇଁ ମାଧ୍ୟମ ଏଇ ଦୂତ। ଏକ ସ୍ଥାନରୁ ଅନ୍ୟ ସ୍ଥାନ ନିଶ୍ଚେ କିଛି ଦୂର ପ୍ରତି ସ୍ଥାନରେ ଆଚରଣ ଲୋକଚାର କିନ୍ତୁ ନିୟମ କାନୁନ, ଧର୍ମାଚରଣ, କଥିତ ଭାଷା ଓ ଲିଖିତ ଭାଷା ଭିନ୍ନ ହୋଇଥାଏ। ଏକ ରାଜ୍ୟ ମଧ୍ୟରେ ଭାଷା ଭିନ୍ନ ଏବେ ଜଣାପଡୁଛି। ରାଜ୍ୟରୁ ରାଜ୍ୟାନ୍ତର ଭାଷା ମଧ୍ୟ ଏପରି ହୋଇଥାଏ। ଦେଶରୁ ଦେଶାନ୍ତର ଭାଷା ସଂସ୍କୃତି ନିଶ୍ଚେ ଭିନ୍ନ। କଟକ ଭାଷା ପଶ୍ଚିମ ଓଡ଼ିଶା ଦକ୍ଷିଣ ଓଡ଼ିଶା, ଉତ୍ତର ଓଡ଼ିଶାର କଥିତ ତଫାତ ଭାଷା ଏବେ ପଢୁଛି। ଉତ୍ତର ଭାରତର ହିନ୍ଦୀଭାଷା ମାତ୍ର ତାମିଲନାଡୁରେ ତାମିଲଭାଷା ଆନ୍ଧ୍ରରେ, କର୍ଣ୍ଣାଟକ, କେରଳରେ ମହାରାଷ୍ଟ୍ର, ଗୁଜୁରାଟରେ ଭିନ୍ନ ଭିନ୍ନ ଭାଷା। ଯଦି ଏକ ରାଜ୍ୟର ଜଣେ କର୍ତ୍ତା। ଅନ୍ୟ ରାଜ୍ୟର କର୍ତ୍ତାଙ୍କ ନିକଟକୁ କୌଣସି ସମ୍ବନ୍ଧ ସ୍ଥାପନ ପାଇଁ ଚେଷ୍ଟା କରନ୍ତି ଏପାଇଁ ସେ ଭାଷା ଜ୍ଞାତ ହେବା ଦରକାର। ଏଥିପାଇଁ ଦୋଭାଷୀ ବା ବହୁଭାଷୀ ଜ୍ଞାନ ଥିବା ବ୍ୟକ୍ତିର ଆବଶ୍ୟକ। ଯେ ଜଣଙ୍କର ଭାଷା ଅନ୍ୟ ଜଣଙ୍କୁ ବୁଝାଇବାରେ କଷ୍ଟ ହୁଏନାହିଁ। ଶ୍ରୀରାମଙ୍କ ଘର ହିନ୍ଦୀ ଭାଷୀ ଅଯୋଧ୍ୟା, ରାବଣଙ୍କର ଘର ଲଙ୍କା ଯେଉଁଠି ହିନ୍ଦୀ ଅବଧି ଭାଷା ଯାହା ତାମିଲଭାଷା ଓ ସିଂହଳୀ ଭାଷା। ଏହି କ୍ଷେତ୍ରରେ ଯାଇଥିବା ଦୂତ କେମିତି ତାଙ୍କୁ ବୁଝାଇବେ ? ଏହା ଏକ ସମୟ, ଏକ ଭାଷାର ତତସମ ଶବ୍ଦ ଅନ୍ୟଙ୍କର ବୋଧ ଭାଷାରେ ବୁଝାଇବା ପାଇଁ ଦୋଭାଷୀ କଥକଙ୍କର ନିହାତି ଦୁଇ ଭାଷାର ଅଭିଧାନ ଜ୍ଞାନ ଥିବା ଦରକାର। ଦୁଇ ରାଜ୍ୟ ବା ଦୁଇ ଦେଶର ମାଧ୍ୟମିକ ରାଜ୍ୟ ଦୁଇ ସୀମା ଭାଷା ପାଇଁ ଅନେକ ଲୌକିକ ଜ୍ଞାନ ଆହରଣ କରିଥାନ୍ତି। ଏ ସମୟରେ ଶୁଦ୍ଧ ହିନ୍ଦୀ ଓ ତାମିଲ ସିଂହଳୀ ଭାଷାରେ ଦୁଇ ପକ୍ଷ କଥୋପକଥନ ହେଲେ କେବେ ଭାବ ବୁଝି ହେବନାହିଁ ଏଥିପାଇଁ ଅନେକ ସ୍ଥଳରେ ମାଧ୍ୟମ ଭାଷା ଇଂରାଜୀ ରହିଛି। ଭାରତରେ ଜାତୀୟ ଭାଷା ପୂର୍ବରୁ ସଂସ୍କୃତ ଭାଷା ଥିଲା ହେଲେ ଗଣତନ୍ତ୍ର ପ୍ରାସନରେ ହିନ୍ଦୀ ଭାଷାକୁ ଜାତୀୟ ଭାଷା କରାଯାଇଛି। ଏହାବାଦ ଅନେକ ଆଞ୍ଚଳିକ ଲିଖିତ ଓ କଥିତ ଭାଷା ଅଛି, ପୂର୍ବେ ସ୍ଥିର ଲିଖିତ ଭାଷା ନଥିଲା ଓ ପ୍ରତ୍ୟେକ ଭାଷାକୁ ଅନ୍ୟ ଭାଷାରେ କିପରି ବୁଝାଯାଇ ଭାବ ପ୍ରକାଶ କରାଯାଇ ପାରିବ ଏ ସମସ୍ୟା ଥିଲା। ଅନେକ ଭାଷାରେ ଠାର ଭାଷା ଅଛି, ଆମ ଓଡ଼ିଆ ଭାଷାରେ କରଣୀ ଭାଷା ଥିଲା। ଲୋକେ ଦର୍ପଣୀ ଭାଷା ଓ ଶଣିଠାରରେ ଭାଷା ବୁଝିବା ଥିଲା। ମାତ୍ର ଆଉ ଏକ ଭାଷା ରହିଛି ଯାହା ଶଣୀରର ଅଙ୍ଗଭଙ୍ଗୀର ଭାଷା ଓ ହୃଦୟର ଭାଷା ଯେତେବେଳେ ବିଦେଶୀ ସମୁଦ୍ର ଜଳପଥରେ ଜଳଯାତ୍ରାରେ ଆସି ଭାରତ ଭୂଖଣ୍ଡରେ ପହଞ୍ଚି ଥିଲେ ସେମାନଙ୍କୁ ସାଗର ତଟଲୋକେ ଶତ୍ରୁ ଭାବି କିଛି କ୍ଷେପଣ କରି (ଇଟା, ପଥର, ଟେକା) ଫୋପାଡ଼ି ବ୍ୟସ୍ତ କରୁଥିଲେ ହେଲେ ତାଙ୍କ ପାଖରେ ରକ୍ଷା ପାଇବାକୁ ତତ୍କାଳ କିଛି ଉପାୟ ନଥିଲା ସେମାନେ ସଙ୍ଗରେ ନେଇ ଆସିଥିବା ଆଳୁକୁ ଫିଙ୍ଗି ଥିଲେ। ସ୍ଥାନୀୟ ବାସିନ୍ଦାମାନେ ଏହା କ'ଣ ? ଜାଣିବା ପାଇଁ ତାଙ୍କୁ ପଚାରିବା ଚେଷ୍ଟା କଲେ ତାପରେ ଆସିଲା ମିତ୍ରତା ଓ ଆଳୁର ପ୍ରୟୋଗ ଚାଷ ଇତ୍ୟାଦି। ଏମିତି ହାକିମୀ ଚିକିତ୍ସାର ଉପକାର ନମିଳିବା ସ୍ଥଳେ ପାଶ୍ଚାତ୍ୟ କନ୍ୟାର ଦାରୁଣ ରୋଗ ଆରୋଗ୍ୟ କାରଣରୁ ଏଥିରେ ବ୍ରିଟିଶ ଦୂତମାନେ ଭାରତରେ ରାଜ୍ୟ ଅନୁକମ୍ପା ପାଇଥିଲେ।

ଚକ୍ଷୁ ଦ୍ୱାରା ଅନେକ ଭାଷା ପ୍ରେମୀଯୁଗଳ ମଧ୍ୟରେ ବୁଝାପଡ଼େ। ଅନେକ ଯୁବତୀଙ୍କୁ ଇଙ୍ଗିତ ଚକ୍ଷୁରେ ଦୁଷ୍ଟ ଅଭଦ୍ର ଯୁବକ ଦେଇଥାନ୍ତି। ତ୍ରେତା ଯୁଗରେ ଋଷିମୂନୀମାନେ ଥିଲେ। ଋଷିମାନେ ସଂସ୍କୃତ ଭାଷାରେ ସବୁ ଶାସ୍ତ୍ର ଲେଖିଛନ୍ତି ଓ ପଢୁଥିବା ବେଦ ବା ପ୍ରୟୋଗ କରୁଥିବା ବେଦମନ୍ତ୍ର ସଂସ୍କୃତରେ ଥିଲା ସେମାନେ ତାଙ୍କର ଛାତ୍ର ମାନଙ୍କୁ ସଂସ୍କୃତ ମାର୍ଫତ ପଢ଼ାଉଥିଲେ। ଏମିତିକି ଶ୍ରୀରାମ ଓ ତାଙ୍କର ଭାଇମାନେ ସଂସ୍କୃତରେ ପଢ଼ିଛନ୍ତି। ରାବଣ, କୁମ୍ଭକର୍ଣ୍ଣ, ବିଭୀଷଣ ଆଦି ଋଷିକୁମାର, ବିଶ୍ରବା ଋଷିଙ୍କର ସେମାନେ ସନ୍ତାନ ଏମାନେ ବି ସଂସ୍କୃତ ପାଠ କରିଛନ୍ତି। ହେଲେ ତାଙ୍କର ମାମୁଁଘର ଭାଷା ଥିଲା ଭିନ୍ନ ଆଚାର, ବ୍ୟବହାର, ଜୀବନଧାରଣର ମାନ ଥିଲା ଭିନ୍ନ ଖାଦ୍ୟ ଭକ୍ଷଣ ଥିଲା ଭିନ୍ନ। ହନୁମାନ ଜଣେ ଏମିତି ବ୍ୟକ୍ତି ସେ ପ୍ରଖ୍ୟାତ ସଂସ୍କୃତ ପଣ୍ଡିତ ଜ୍ଞାନୀ ମାନଙ୍କର ଅଗ୍ରଗଣ୍ୟ। ଅନେକ ଭାଷାରେ ଜ୍ଞାତ ଥିଲେ ହେଲେ ଏକ ଶବ୍ଦର ନାନାଦି ଅର୍ଥ ବିଶ୍ଳେଷଣ ଥିବାରୁ ରାବଣ ସହିତ ତାଙ୍କର ଯୁକ୍ତିତର୍କ ହୋଇଥିଲା। ହନୁମାନଙ୍କ ବୋଧରେ ରାବଣଙ୍କ ଭାଷା ଶୈଳୀ ପ୍ରୟୋଗ ଜାଣି ତାର ଅନେକ କଥାରେ ହଁ ଭରି ନିଜ ଲାଙ୍ଗୁଡରେ ଅଗ୍ନି ସଂଯୋଗ ପାଇଁ ରାଜି ହୋଇଥିଲେ ଯାହା ହନୁମାନ ଜଣେ ଦୂତ ସେ ଅବଧ୍ୟ ତାଙ୍କୁ ରାବଣ ବିକଳାଙ୍ଗ ଚେଷ୍ଟା ଭାବନା ଓଲଟ ହୋଇ ସ୍ୱର୍ଣ୍ଣଲଙ୍କା ଦଗ୍ଧୀଭୂତ ହୋଇଥିଲା। ରାବଣ ଦୂତକୁ କଷ୍ଟ ଦେଇ ଶ୍ରୀରାମଙ୍କୁ ନିଜ ବଳ ପରାକ୍ରମ ସୂଚନା ଦେବା ଚିନ୍ତା ଫସର ଫାଟି ଯାଇଥିଲା। ମନ୍ତ୍ରୀ ସଚିବ ସବୁରାଜା ପ୍ରଶାସକଙ୍କର ରହିଛି। ରାଜହତ ଅଛନ୍ତି, ରାଜ ପ୍ରତିନିଧି ଅଛନ୍ତି। ରାଜଧାନୀ ସଦାବ୍ୟସ୍ତ ରାଜା ବା ମୁଖ୍ୟ ପ୍ରଶାସକ କେବେ ସର୍ବତ୍ର ଚାହିଁଲେ ବି ଯାଇ ନପାରନ୍ତି। ଏପାଇଁ ଅତି ଦରକାରୀ କାମରେ ଚିଫ ସେକ୍ରେଟାରୀ, ଜିଲ୍ଲା କଲକ୍ଟର, ତହସିଲଦାର, ବିଡ଼ିଓଙ୍କୁ ତାଙ୍କର ଆଦେଶ ଫରମାନ ପ୍ରୟୋଗ ପାଇଁ ସଦା ଲଗାଉଛନ୍ତି।

ପୋଲିସ ପ୍ରଶାସନରେ ପ୍ରତି ଥାନାଦାରଙ୍କ ମାର୍ଫତ ରାଜକାନୁନ ବିବରଣୀ ଜଣାଇ କାମରେ ଲଗାଉଛନ୍ତି। ନେତାମାନେ ଏମ୍.ପି ହେଲେ ଦଲ୍ଲୀରେ, ଏମଏଲଏ ହେଲେ ରାଜଧାନୀରେ ରହି ତାଙ୍କର ପ୍ରତିନିଧିଙ୍କ ଦ୍ୱାରା ନିର୍ବାଚନ ମଣ୍ଡଳୀରେ ସ୍ୱ ସ୍ୱ ଇପସିତ ଉନ୍ନତିକରଣ ଫରମାନ ଲଗାଇ କାର୍ଯ୍ୟ କରୁଛନ୍ତି। ଦିଲ୍ଲୀର ବାଦଶାମାନେ ସର୍ବତ୍ର ଯିବା ସମ୍ଭବ ନଥିଲା ତାଙ୍କର ଆଦେଶରେ ଦେଶ ସାରା ବାଦଶା କାନୁନ ଜାହିରି କରୁଥିଲେ। ବ୍ରିଟିଶ ରାଜ୍ୟର ପ୍ରତିନିଧି ଭାରତରେ ଲର୍ଡ଼ଥିଲେ ଏଇ ଲର୍ଡମାନେ ଜମିଦାର ରାଜାଙ୍କ ଦ୍ୱାରା ଖଜଣା କର ଆଦାୟ କରୁଥିଲେ। ଲୋକେ ରାଜ ଭୟରେ ବାଧ୍ୟ ହୋଇ କର ବାନ୍ଧୁଥିଲେ ନ ହେଲେ କାର୍ଯ୍ୟାନୁଷ୍ଠାନ ଜମି ବା ରାଜ୍ୟ ତାଲୁକ ନିଲାମ ହେଉଥିଲା ଅତଏବ ରାଜ ପ୍ରତିନିଧି ସଦା ଥିଲେ ଏବେ ଅଛନ୍ତି। ଜଣେ ରାଜ୍ୟ ମୁଖ୍ୟଙ୍କ ଯାତ୍ରାପଥରେ ଯେତେ ନିରାପତ୍ତାରକ୍ଷୀ କାମ କରନ୍ତି ତାଙ୍କର ଆଦେଶ ଜାହିର କରିବା ପାଇଁ ସେତେ ଦରକାର ନାହିଁ। ତାପରେ ମନ୍ତ୍ରଣା ଦାତାଙ୍କୁ ମୂଳ ଆଦେଶ ଦେଇ ତାହା କେମିତି କାମ କରିବ ଏହା ତାଙ୍କ ବୁଦ୍ଧି କରାମତିରେ କହିବାକୁ ପରାମର୍ଶ ଦେଇଥାନ୍ତି। ଦୂତ ବିଶ୍ୱାସର ପାତ୍ର ବା ଯାତ୍ରୀ, ସ୍ତ୍ରୀଲୋକ ଦୂତୀ କାର୍ଯ୍ୟ କରିପାରନ୍ତି। ରାଜ ଅନ୍ତଃପୁରର ଅଳି ଅଳି ରାଜକୁମାରୀ ସହ ଭିନ୍ନ ଦେଶର ରାଜକୁମାର ସମ୍ବନ୍ଧ ଦୂତୀମାନେ କରୁଥିଲେ। ହଂସଦୂତ, ମେଘଦୂତ ସମ୍ବନ୍ଧରେ ସଂସ୍କୃତ କାବ୍ୟରେ ଉଦାହରଣ ଅଛି, ଶ୍ରୀକୃଷ୍ଣ ଶ୍ରୀରାଧାଙ୍କ ମଧ୍ୟରେ ସମ୍ବନ୍ଧ ଦୂତୀଙ୍କ ଦ୍ୱାରା ହେଉଥିଲା। ଯୋଗବଳାଙ୍କ ମଧ୍ୟରେ ଦୂତୀ ଥିଲେ। ଦୂତୀ କାର୍ଯ୍ୟରେ ମାଲୁଣୀ, ବାରିକଆଣି, ଧୋବଣୀ ବ୍ୟବହାରରେ ଆସୁଥିଲେ। ପାରାପକ୍ଷୀ ଦୂତ କାର୍ଯ୍ୟ କରିବା ସମସ୍ତେ ଜାଣନ୍ତି। ଏବେ ମଧ୍ୟ ପାରାପକ୍ଷୀ ଦୂତ କାମରେ ଆସୁଛନ୍ତି। ନିମନ୍ତ୍ରଣ କରିବା କାର୍ଯ୍ୟ ଦୂତ ଦ୍ୱାରା କରାଯାଏ ଏ କାମ ନାପିତମାନେ ତୁଲାଉ ଥିଲେ। ଡାକ ବିଭାଗ ଦୂତକାର୍ଯ୍ୟ କରୁଛନ୍ତି। ପ୍ରେରକ ଗ୍ରାହକ ମଧ୍ୟରେ ଯୋଗସୂତ୍ର ଡାକ ବିଭାଗ କରି ଆସୁଛି। ମୁଦ ଚିଠି, ଖୋଲାଚିଠି, ବେରିଂ ଚିଠି, ରେଜେଷ୍ଟ୍ରି ଚିଠି, ପାର୍ସଲ, ମନିଅର୍ଡ଼ର ସବୁ ଗ୍ରାହକ ପାଇବା ଦୂତ ଦ୍ୱାରା ହିଁ ସାଧିତ ହେଉଛି। ଏବେ ଟେଲିଗ୍ରାମ ବାର୍ତ୍ତା। ବିଲୁପ୍ତ ମାତ୍ର ଦିନେ ଟେଲିଗ୍ରାମ ନେଇ ବାର୍ତ୍ତାବହ ମାନେ ଉଦ୍ଦିଷ୍ଟ ବ୍ୟକ୍ତିକୁ ଦେଉଥିଲେ। ଯୁଦ୍ଧ ଭୂମିରେ କୂଟନୀତି ପ୍ରୟୋଗ ପାଇଁ ଦୂତ ପ୍ରେରଣ ହୁଏ। ଏହି ଦୂତମାନେ ମଧ୍ୟ ରକ୍ତପାତ ସମୟ ଅର୍ଥ କ୍ଷୟ, ବଳ କ୍ଷୟରୁ ତ୍ରାହି କରିପାରନ୍ତି। ମନ୍ତ୍ରପୁତ ତୀର ବି ଦୂତ କାମ କରେ। ତରଣୀ ସେନ ଓ ଶ୍ରୀରାମଙ୍କ ପ୍ରଥମ ତୀର ଏପରି ପ୍ରୟୋଗରେ ଥିଲା।

ଏସମୟରେ ମୋବାଇଲ ଫୋନ ଏ କାର୍ଯ୍ୟ ତୁଲାଉଛନ୍ତି ହେଲେ ଏଥିରେ ଗୋପନୀୟତାର ବିଶ୍ୱାସ ଲୁଟ ସମ୍ଭବନା ଆସିଗଲାଣି। ଯୁଗେ ଯୁଗେ ବିଶ୍ୱାସ ଘାତକ ଅଛନ୍ତି। ମନୁଷ୍ୟ ସ୍ୱ ସ୍ୱାର୍ଥ ପାଇଁ ପିଶାଚ ରାକ୍ଷସ ସମୟକୁ ହୋଇପାରେ ଏ ଯୁଗରେ ଏହାବାଦ ଯାଇନାହିଁ। ବିଶ୍ୱସନୀୟ ବ୍ୟକ୍ତି ବାଛିବା ଅତି କଠିନ। ତେବେ କିଛି ସତ୍ୟ ବି ରହିଛି ବୋଲି ଦୁନିଆ ତିଷ୍ଠି ରହିଛି। ଦୂତ ପ୍ରତିନିଧି ରାଜ କର୍ମଚାରୀ ରାଜାଙ୍କ ପରି ଶକ୍ତିଶାଳୀ ମୂଳ ଫାଇଲରୁ ଆଦେଶ ବିଳମ୍ବ ବା ନହୋଇ ପାରିବା ରାଜକର୍ମଚାରୀଙ୍କ ଦ୍ୱାରା ହିଁ ହୋଇପାରେ। ଫାଇଲ ଗାଏବ ଠିକ ସମୟକୁ ହୋଇପାରେ। ପୂର୍ବେ ଜାତିଆଣ ଭାବ ଟାଣ ଥିଲା, ଗ୍ରାମର ଚଉକିଆ ଜଣେ ତତ୍କାଳ ନିମ୍ନ ଜାତିର ବା ଭିନ୍ନ ଧର୍ମର ରହୁଥିଲେ ସେ ଯାଇ ଥାନାର ଦାରୋଗା ବା ମୁଖ୍ୟକର୍ତ୍ତାଙ୍କୁ ଗଣ୍ଡଗୋଳ କର୍ତ୍ତା, ଚୋର, ରାହାଜନୀକାରୀ ଅପରାଧି ଖବର ଜଣାନ୍ତି। ଥାନାରୁ ଚଉକିଆଙ୍କୁ ଆଦେଶ ମିଳିଥାଏ ଅଭିଯୁକ୍ତକୁ ଧରି ଥାନାକୁ ନେଇଯିବା ପାଇଁ। କାହାରି ଘରକୁ ତତ୍କାଳ ଚୌକିଆ ଗଲେ ତାକୁ ଘର ଅଟକ, ଜାତି ଅଟକ, କରାଯାଉଥିଲା। ନିଆଁ, ପାଣି ବନ୍ଦ କରାଯାଉଥିଲା। ଅତଏବ କେହି ଅପରାଧ ନକରିବା ପାଇଁ ଏକ ବଡ଼ ଉପାୟ ତତ୍କାଳ ଥିଲା, ଚୌକିଆ ଗ୍ରାମକୁ ଆସିଲେ ଅତଏବ ଗ୍ରାମରେ ଜଳୁଥିଲା, ଯାହା ଏ ସମୟରେ ଖୋଦ ଏସ.ପି, ଡି.ଜି. ଆସିଲେ ବି ଏପରି ହେଉନାହିଁ। ଧର୍ମ ଭୟ ଓ ସାମାଜିକ ବନ୍ଧନ ଭୟ, ଅପରାଧିକରଣ ବିରୋଧି ଥିଲା। ରାଜ ପ୍ରତିନିଧି ଦୂତ ସମ୍ମାନନୀୟ, ପୁରାଣରେ ବିଭିନ୍ନ ପର୍ଯ୍ୟାୟରେ ଦୂତ ପ୍ରେରଣ କରାଯିବା ଉଦାହରଣ ଅଛି। ଇତିହାସରେ ଅଛି, ଏ ସମୟରେ ଏପରି ବିଭିନ୍ନ ପ୍ରକାରରେ କରାଯାଉଛି। ହେଲେ ଛୋଟ କଥାକୁ ଏକ ଜଟିଳ କଥାରେ ଆକ୍ରୋଶରେ କରାଯାଇ ପରିବେଶ ଗୋଳମାଳ ଜନମତ ବିଭ୍ରାନ୍ତ କରାଯାଉଛି। ତେବେ ଘୋଷିତ ଯୋଜନାର ଅଟକଳ ଅର୍ଥ ଠିକ କାମରେ ଲାଗୁଛିକି ନାହିଁ। ପୁଣି ଏ ଅର୍ଥ କେଉଁ ତହବିଲରୁ ଅଣାଯାଇଛି। ଏହା ତଦାରଖ କରାଯିବା ନିହାତି ଜରୁରୀ। ପ୍ରିୟାପ୍ରୀତି ତୋଷଣରେ ଏବେକାର ନେତା ଲିପ୍ତ। ଏହି ପ୍ରିୟାପ୍ରୀତି ସବୁ ଦଳର ଶାସକ ଦଳର କାର୍ଯ୍ୟରୁ ବିରୁଦ୍ଧ ଦଳର ଲୋକେ କାମ ଭାଗ ନପାଇଲେ ଏପରି ଅପପ୍ରଚାର କରାଯାଇ ଜନମତ ବିଭ୍ରାନ୍ତ କରାଯାଉଛି। ଦେଶ ପ୍ରଗତି ଦିଗକୁ ଆଗେଇଲେ ଅନେକ ନୂଆ ଢ଼ାଞ୍ଚା ଆବଶ୍ୟକ। ଏ ପାଇଁ ସ୍ଥିର ରହି ପ୍ରଗତି ଦିଗକୁ ଅପେକ୍ଷା କରାଯିବା ଦରକାର। ବର୍ତ୍ତମାନ ଆଧୁନିକ ବିଜ୍ଞାନର ନୂଆ ଟେକନିକ ବହୁ ଆଗେଇ ଗଲାଣି। କୌଣସି ପୋଲ, ରାସ୍ତା, ଅନୁଷ୍ଠାନର ଆରମ୍ଭ ଉନ୍ମୋଚନ ପ୍ରତ୍ୟକ୍ଷ ନକରାଯାଇ ରାଜଧାନୀରେ ବା ଦୂରରେ ବସି ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀ, କମ୍ପ୍ୟୁଟର ମୋବାଇଲ ମାର୍ଫତ ଭରଚ୍ୟୁଆଲ ମୋଡ଼ରେ କରୁଛନ୍ତି। ଏପରିକି ରେଳଗାଡ଼ିର ପ୍ରଥମ ଶୁଭାରମ୍ଭ ଦିଲ୍ଲୀରେ ରହି ପ୍ରଧାନମନ୍ତ୍ରୀ ପୁରୀରୁ ଛାଡ଼ିବା ଗାଡ଼ିର କରୁଛନ୍ତି ଅତଏବ ଯନ୍ତ୍ର ବି ଦୂତ କାର୍ଯ୍ୟ କରିଲାଣି ଏଥିରେ କେହି ବିରୋଧ କରୁନାହାଁନ୍ତି। ଏଥିରେ ବିରୋଧିମାନେ ତଟସ୍ଥ ହୋଇ ଘଟଣା ସଂଦର୍ଶନ କରୁଛନ୍ତି।

ବରେଣ୍ୟ ବାଣୀ' ପିସି ସରକାର ଲେନ୍, ଅରୁଣୋଦୟ ମାର୍କେଟ, କଟକ, ଦୂରଭାଷ : ୯୪୩୭୦୩୧୨୫୩

# କଳା ଅବତାର, ଅଂଶାବତାର ଓ ରାମାବତାର

॥ ଡା.ଦିଲ୍ଲୀପ କୁମାର ମହାରଣା ॥

ଭଗବାନଙ୍କର କଳା ବା ଅଂଶ ନେଇ ଯଦି କୌଣସି ଅବତାର ପୃଥିବୀରେ ଅବତୀର୍ଣ୍ଣ ହୁଅନ୍ତି ତାହେଲେ ତାଙ୍କୁ ଭଗବାନଙ୍କର କଳା ଅବତାର ବୋଲି କୁହାଯାଏ। ଭଗବାନଙ୍କର କଳା ବା ଅଂଶ ନେଇ ଯଦି କୌଣସି ଅବତାର ପୃଥିବୀରେ ଅବତୀର୍ଣ୍ଣ ହୁଅନ୍ତି ତାହେଲେ ତାଙ୍କୁ ଭଗବାନଙ୍କର କଳାବତାର ବୋଲି କୁହାଯାଏ। ଭଗବାନଙ୍କର ଯେତେ ଗୁଡ଼ିଏ ଅବତାର ଅଛି ତା ମଧ୍ୟରୁ ଅଂଶାବତାର ବା କଳାବତାର ଅଧିକ। କଳାବତାର ଓ ଅଂଶାବତାର ମଧ୍ୟରେ ସାମ୍ୟ ସୁସ୍ପଷ୍ଟ। ଏ ସମ୍ପର୍କରେ ଭାଗବତରେ ଯଥେଷ୍ଟ ଆଲୋଚନା କରାଯାଇଛି। ଭାଗବତ ଦଶମସ୍କନ୍ଦ ପଞ୍ଚମ ଅଧ୍ୟାୟ ୨୪ ପଦରେ ଶେଷନାଗଙ୍କୁ କଳାବତାର ବୋଲି ବର୍ଣ୍ଣନା କରାଯାଇଥିଲା ବେଳେ ଏକାଦଶ ସ୍କନ୍ଦ ଦ୍ୱିତୀୟ ଅଧ୍ୟାୟ ପ୍ରଥମ ପଦରେ ଅଂଶାବତାର ବୋଲି କୁହାଯାଇଛି ତେଣୁ ଅଂଶାବତାର ଓ କଳାବତାର ଭିତରେ ଶବ୍ଦର ପାର୍ଥକ୍ୟ ପରିଲକ୍ଷିତ ହେଲେ ମଧ୍ୟ ଅର୍ଥଗତ ସାମ୍ୟ ସୁସ୍ପଷ୍ଟ। କଳାବତାର ବା ଅଂଶାବତାର ପ୍ରାଚୀନତା ଦେଖିବାକୁ ଗଲେ ମନେ ହୁଏ ଯେ ଏହା ବହୁ ପ୍ରାଚୀନ କାଳରୁ ସାହିତ୍ୟର ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖିତ। ସେଥିରେ ଅବତାର ସହିତ କଳାରୂପ ଓ କଳାଶକ୍ତିର ମଧ୍ୟ ବ୍ୟବହାର ହୋଇଛି।

ବିଷ୍ଣୁଙ୍କର ଅବତାର ମଧ୍ୟରେ ହେଉଛି ସପ୍ତମ ଅବତାର। ଏହି ଅବତାର ସମ୍ପୂର୍ଣ୍ଣ ମାନବ ଅବତାର। ଜଣେ ପ୍ରତାପୀ ମେଧା, ପ୍ରଜ୍ଞାଦୀପ୍ତ, ସ୍ଥିତପ୍ରଜ୍ଞା, ବିଚକ୍ଷଣ ଓ ବୀର ଭାବରେ ରାମାବତାର ଚିତ୍ରିତ ହୋଇଛି। ଧର୍ମର ପ୍ରତିଷ୍ଠା ଏବଂ ଅଧର୍ମ ବିରୁଦ୍ଧରେ ସଂଗ୍ରାମ ତଥା ଦୁଷ୍ଟ ସଂହାର ପାଇଁ ଭଗବାନ ମାନବ ଦେହରେ ଅବତୀର୍ଣ୍ଣ ହୁଅନ୍ତି। ଏହି ମୌଳିକ କାରଣ ଲାଗି ରାମଅବତାରର ପ୍ରୟୋଜନ। ଅତ୍ୟାଚାରୀ ରାବଣର ଅତ୍ୟାଚାରରେ ଜର୍ଜରିତ ଧରଣୀକୁ ଉଦ୍ଧାର କରିବା ପାଇଁ ଏବଂ ସତ୍ୟ ଧର୍ମ ନ୍ୟାୟର ପ୍ରତିଷ୍ଠା ପାଇଁ ରାବଣର ବିନାଶ ପାଇଁ ବିଷ୍ଣୁଙ୍କର ରାମଚନ୍ଦ୍ର ଅବତାର।

ପ୍ରାଚୀନ ଯୁଗଠାରୁ ଆରମ୍ଭ କରି ଆଜି ପର୍ଯ୍ୟନ୍ତ ଭାରତୀୟ ସାହିତ୍ୟରେ ଯେଉଁ ଦୁଇଜଣ କାବ୍ୟ ନାୟକ ସାହିତ୍ୟକୁ ଋଦ୍ଧିମନ୍ତ କରିପାରିଛନ୍ତି ସେମାନେ ହେଲେ ରାଘବ ଶ୍ରୀରାମଚନ୍ଦ୍ର ଏବଂ ବାସୁଦେବ ଶ୍ରୀକୃଷ୍ଣ। ଭାରତୀୟ ସଂସ୍କୃତି ମୁଖ୍ୟତଃ ଏହି ଦୁଇଜଣଙ୍କୁ କେନ୍ଦ୍ର କରି ଗତି କରିଆସିଛି। ରାମଚନ୍ଦ୍ରଙ୍କର ଅବତାରତ୍ୱ ଅପେକ୍ଷା କାବ୍ୟ ନାୟକତ୍ୱ ଅଧିକ ମାତ୍ରାରେ ପ୍ରତିପାଳିତ। କାବ୍ୟ କବିତା ଗୁଡ଼ିକରେ ତାଙ୍କର ବେଦତ୍ୱ ଅପେକ୍ଷା ମାନବୀୟ ଗୁଣାବଳୀକୁ ଅଧିକ ପ୍ରାଧାନ୍ୟ ଦିଆଯାଇଛି। ତେଣୁ ରାମ ସାହିତ୍ୟ ପାଠକଲେ ପାଠକ ଭୁଲିଯାଏ ସେ ରାମଚନ୍ଦ୍ର ଜଣେ ସାଧାରଣ ମାନବ। ପାଠକ ହଜିଯାଏ କାବ୍ୟ ଭିତରେ ମଜିଯାଏ ତାର ଚରିତ୍ର ଗୁଣାବଳୀ ଗୁଡ଼ିକରେ ଭିଜିଯାଏ ତାଙ୍କର ଆଦର୍ଶ ଅନ୍ତର୍ନିହିତ ସତ୍ତା ଭିତରେ। କବି ଜଗନ୍ନାଥ ଦାସ ତାଙ୍କ 'ଟୀକା ରାମାୟଣ'ରେ ରାମଚନ୍ଦ୍ରଙ୍କର ଅବତାର ଗୁଣ ଅପେକ୍ଷା ମାନବୀୟ ଗୁଣର ବିଶେଷ ଗୁରୁତ୍ୱ ଆରୋପ କରିଛନ୍ତି। କବି ରାମଚନ୍ଦ୍ରଙ୍କର ଜନ୍ମ ବୃତ୍ତାନ୍ତ ଆରମ୍ଭ କରିବାକୁ ଯାଇ ବର୍ଣ୍ଣନା କରିଛନ୍ତି ଯେ ରାମଚନ୍ଦ୍ର ହେବେ ସମ୍ପୂର୍ଣ୍ଣ ମାନବ ଯେଉଁଠି ଶଙ୍ଖ, ଚକ୍ର, ଗଦା ପଦ୍ମଧାରୀ ଚତୁର୍ଭୁଜ ଅପେକ୍ଷା ଦୁଇଭୁଜଧାରୀ ମାନବ ଶକ୍ତି, ସାହାସ ସଂଗ୍ରାମର ଅଧିକାରୀ ଅପେକ୍ଷା ଏକ ସାଧାରଣ ମାନବ ରୂପରେ ଗ୍ରହଣ କରିବା ଲାଗି ରାମଚନ୍ଦ୍ରଙ୍କର ଜନ୍ମ ପଛରେ ଥିଲା ପରମବ୍ରହ୍ମଙ୍କର ପରମ ନିର୍ଦ୍ଦେଶ। ସାଧାରଣତଃ ରାବଣର ନିଧନ ହେଉ ବା ଧର୍ମ ସଂସ୍ଥାପନା ନିମିତ୍ତ ହେଉ ଏହି ସବୁ ମଧ୍ୟରେ ଗୋଟିଏ ଅଖଣ୍ଡ ଚେତନା ସ୍ରୋତ ପ୍ରବାହିତ ହେଉଛି ତାହା ହେଉଛି ଇଚ୍ଛାମୟଙ୍କର ଲୀଳା ଯାହାକି ସାଧାରଣ ମଣିଷଙ୍କର ଅପେକ୍ଷା ଏକ ଅଲୌକିକ କାର୍ଯ୍ୟ ରୂପେ ଦୃଷ୍ଟିଗୋଚର ହୋଇପାରେ। କବି ଜଗନ୍ନାଥ ଦାସ ତାଙ୍କ 'ଟୀକା ରାମାୟଣ' ରେ ରାମଚନ୍ଦ୍ରଙ୍କୁ ଏକ ମାନବୀୟ ଚରିତ ରୂପେ କଳ୍ପନା କରିଥିଲେ ହେଁ ଅନେକ ସ୍ଥଳରେ ଦର୍ଶାଇଛନ୍ତି ଯେ ରାମଚନ୍ଦ୍ରଙ୍କ ଦ୍ୱାରା ତାଡ଼କା ନିଧନ ପରେ ତାଡ଼କାର ସ୍ୱର୍ଗ ପ୍ରାପ୍ତ ହେଲା। ଏହି ଦୃଶ୍ୟ ଦେଖି ବିଶ୍ୱାମିତ୍ର ବିଶ୍ୱାସ କଲେ ଯେ ରାମଚନ୍ଦ୍ର ହିଁ ସ୍ୱୟଂ ବିଷ୍ଣୁ। ବିଷ୍ଣୁଙ୍କର ସମସ୍ତ କାର୍ଯ୍ୟ ଓ ଗୁଣାବଳୀରେ ଅନୁରଞ୍ଜିତ ତେଣୁ ବିଶ୍ୱାମିତ୍ର ଭାବିଲେ ରାମଚନ୍ଦ୍ର ସାଧାରଣ ମଣିଷ ନୁହଁନ୍ତି। ରାମ ଅବତାରର ପୂର୍ବବର୍ତ୍ତୀ ଅବତାରଗୁଡ଼ିକରେ ଭଗବାନଙ୍କର ପ୍ରକଟିତ ଲୀଳାଖେଳା ପରି ରାମ ଅବତାରରେ ମଧ୍ୟ ସେହିପରି ଲୀଳା ଖେଳା ପ୍ରକଟିତ।

ସାରଳା ମହାଭାରତର ବନପର୍ବରେ ରାମଚରିତ ସଂକ୍ଷେପ ଭାବରେ ବର୍ଣ୍ଣିତ ହୋଇଛି। ଏତଦବ୍ୟତୀତ ଭୀଷ୍ମ ପର୍ବରେ ମଧ୍ୟ ରାମ ଅବତାରର ଉଲ୍ଲେଖ ପରିଲକ୍ଷିତ ହୁଏ। ଏଥିରେ ବିଷ୍ଣୁ ରାମାବତାର ଗ୍ରହଣ କରିବା କଥା କୁହାଯାଇଛି। ଏଥିରୁ ସ୍ପଷ୍ଟ ଭାବରେ ଅନୁମିତି ହୁଏ ଯେ ସାରଳା ଦାସ ରାମ ବିଷ୍ଣୁ ଓ ଜଗନ୍ନାଥଙ୍କୁ ଏକ ଓ ଅଭିନ୍ନ ବୋଲି ପରିକଳ୍ପନା କରିଛନ୍ତି। ବାଲ୍ମିକୀ ରାମାୟଣ ଓ ଜଗମୋହନ ରାମାୟଣ ରାମଚରିତ୍ରକୁ ଅନୁଧ୍ୟାନ କଲେ ସ୍ପଷ୍ଟ ଅନୁମିତି ହୁଏ ଯେ ବାଲ୍ମିକୀ ରାମଚନ୍ଦ୍ରଙ୍କୁ ଦେବତା ଅପେକ୍ଷା ମାନବୀୟ ଗୁଣରେ ଭୂଷିତ କରିଥିଲାବେଳେ ବଳରାମ ଦାସ ରାମଚନ୍ଦ୍ରଙ୍କୁ ମାନବ ଅପେକ୍ଷା ଦେବତାର ଆସନ ପ୍ରଦାନ କରିଛନ୍ତି। ତେଣୁ ବଳରାମ ଦାସଙ୍କ ରାମାୟଣରେ ରାମଚନ୍ଦ୍ର ବିଷ୍ଣୁଙ୍କର ଅବତାର ରୂପରେ ପ୍ରକଟିତ। ବ୍ରହ୍ମାଙ୍କ ବଳରେ ବଳିୟାନ ରାବଣର ନିଧନ ପାଇଁ ବିଷ୍ଣୁ ରାମ ଅବତାରରେ ଆବିର୍ଭୁତ ହୋଇଛନ୍ତି। ରାମଚନ୍ଦ୍ର ଭଗବାନଙ୍କର ଏକ ଅବତାର ଏଥିରେ ସନ୍ଦେହର ଅବକାଶ ନାହିଁ। କିନ୍ତୁ ବିଭିନ୍ନ ସମାଲୋଚକଙ୍କ ଦୃଷ୍ଟିରେ ସେ ଭିନ୍ନ ରୂପ ଧାରଣ କରିଛନ୍ତି। ଏହି ଭିନ୍ନ ଭିତରେ ସେ ଅଭିନ୍ନ, ରୂପ ଭିତରେ ସେ ଅରୂପ। ଆକାର ଭିତରେ ନିରାକାର ଓ କାଳ ଭିତରେ ସେ କାଳାତୀତ।

ଶିଖରପୁର ଉପରସାହି, କଟକ,ଦୂରଭାଷ : ୮୨୮୦୯୬୩୨୮୩/ ୯୪୩୮୫୮୩୨୮୯

# ଜୀବନ ଯୁଦ୍ଧର ଲଢ଼େଇରେ ଦିବ୍ୟାଙ୍ଗ ପୁଷ୍ପଲତା

॥ ସୁଶାନ୍ତ ଭୂୟାଁ ॥

ଲିଙ୍କରୋଡ଼ର ଗଳିପୋଲରୁ ଖାନନଗର ମୁଖ୍ୟ ରାସ୍ତା ପୂର୍ବରୁ ରେଳପୋଲର କିଛି ଦୂରର ବାମ ପାର୍ଶ୍ୱରେ ନୂଆଁଣିଆ ଭଙ୍ଗା ଛପର ଘର ଭିତରେ ଦିବ୍ୟାଙ୍ଗ ପୁଷ୍ପଲତାଙ୍କ ଛୋଟିଆ ଦୋକାନଟିଏ। ଯେଉଁଥିରେ ପାଞ୍ଚ ପ୍ରାଣୀ କୁଟୁମ୍ବ ପ୍ରତିପୋଷଣ ହୁଅନ୍ତି। ପିଲାଟି ଦିନରୁ ମେଧାବୀ ଛାତ୍ରୀଟିଏ ହୋଇ ପରିବାରର ସୁଖ ଦୁଃଖରେ ସାଥି ହେବାସହ ସମାଜ ସେବା ପାଇଁ ତାଙ୍କର ବହୁତ ଇଛା ଥିଲା। ହେଲେ ଭାଗ୍ୟ ସାଥ ଦେଲାନାହିଁ। ପୋଲିଓର ଅଭାବନୀୟ ସ୍ୱାସ୍ଥ୍ୟ ଦୁଃଖ ତାଙ୍କ ଦୁଇ ପାଦକୁ ବାନ୍ଧିଦେଲା। ସ୍ୱର୍ଗତଃ ସୁଦର୍ଶନ ସାହୁ ଓ ମା'ବାସନ୍ତୀ ଦେବୀଙ୍କ ଝିଅ ହେଉଛନ୍ତି ପୁଷ୍ପଲତା। ତିନି ଭଉଣୀ ଓ ଗୋଟିଏ ଭାଇଙ୍କୁ ନେଇ ତାଙ୍କର ହସ ଖୁସିର ଦୁନିଆ ଭିତରେ ପୋଲିଓର ଯନ୍ତ୍ରଣାଦାୟକ ଚଡ଼କ ସମଗ୍ର ପରିବାକୁ ମ୍ରିୟମାଣ କରିଦେଲା। ସ୍ଥାନୀୟ କୁସୁମଦେବୀ ମହାବିଦ୍ୟାଳୟରୁ ଯୁକ୍ତ+୨ ପାଠପଢ଼ିଥିବା ପୁଷ୍ପଲତା ପରିବାରର ଦାନାପାଣିର ଝଡ଼କୁ ନିଜ ମୁଣ୍ଡ ଉପରକୁ ନେଇଗଲେ। ବାପାଙ୍କର ପଚାଶ ବର୍ଷର ଛୋଟିଆ ବିସ୍କୁଟ ଷ୍ଟେସନାରୀ ସହ ସରକାରୀ ସ୍ୱୀକୃତି ପ୍ରାପ୍ତ ଭାଙ୍ଗ ଦୋକାନର ଦାୟିତ୍ୱ ସେ ନେଲେ। ଇତିମଧ୍ୟରେ ଦଶ ବର୍ଷ ହେଲାଣି ସରକାରଙ୍କ ସ୍ୱୀକୃତିପ୍ରାପ୍ତ ଦୋକାନରେ ସେ ଚଳତଶକ୍ତିହୀନ ହୋଇଥିବାରୁ ବସି ରହି ଦୋକାନ ଚଳାଉଛନ୍ତି। ଷୋଳବର୍ଷ ତଳୁ ରେଳବାଇର ଜାଗା ଉପରେ ତିଆରି ହୋଇଥିବା ତାଙ୍କ ଚାଳଛପର ମୁଣ୍ଡ ଗୁଞ୍ଜିବାର ଗୁଜୁରାଣର ସଂସ୍ଥାନଟି ଆଜି ଅନେକ ସମସ୍ୟା ଦେଇ ଗତି କରୁଛି। ସରକାରଙ୍କ କୌଣସି ସାହାଯ୍ୟ ସୁଯୋଗ ଏଯାବତ ସେ ପାଇନାହାଁନ୍ତି। ସରକାରୀ ଜାଗା ଉପରେ ଅସ୍ଥାୟୀ ଘରଟି କରିଥିବାରୁ ଚାଳଛପରର ଘରର ଭବିଷ୍ୟତକୁ ନେଇ ସେ ବଡ଼ ଚିନ୍ତାଗ୍ରସ୍ତ। ନିଜ ଅସୁସ୍ଥ ଓ ପରିଣତ ବୟସର ମାଆ ବାସନ୍ତୀ ଦେବୀ ଓ ତାଙ୍କର ଭଲ ମନ୍ଦ ତଥା ଦୈନନ୍ଦିନ କାର୍ଯ୍ୟ ତୁଲାଇବା ନିମିତ୍ତ ଭଉଣୀ ଲକ୍ଷ୍ମୀପ୍ରିୟା ଓ ଭିଣୋଇଙ୍କୁ ପାଖରେ ରଖିଛନ୍ତି।

ସରକାର ଦିବ୍ୟାଙ୍ଗ ମାନଙ୍କ ଥଇଥାନ ପାଇଁ ବିଶେଷକରି ମହିଳାମାନେ ଯେଉଁମାନଙ୍କ ଦାନା ପାଣିରେ ପରିବାର ପ୍ରତିପୋଷଣ ହେଉଛି ସେମାନଙ୍କ ଆର୍ଥିକ ଅଗ୍ରଗତି ଓ ଭରଣପୋଷଣ ପାଇଁ ଅନେକ ପର୍ଯ୍ୟାପ୍ତ ଯୋଜନା ରହିଛି। ବର୍ତ୍ତମାନର ରେଳବାଇର ଜାଗା ତାଙ୍କୁ ଲିଜ ସୂତ୍ରରେ ମିଳୁ ବୋଲି ତାଙ୍କର ଗୁହାରି ରହିଛି। ଭେଣ୍ଡିଂ ଜୋନଟିଏ ପାଇଲେ ନିରାପଦ ଭାବରେ ଦୁଇ ପଇସାର ଗୁଜୁରାଣ ଚଳାଇପାରିବେ। ତେବେ ତାଙ୍କର ସବୁଠାରୁ ବଡ଼ ଆବଶ୍ୟକତା ହେଉଛି ଗୋଟିଏ ତିନିଚକିଆ ଟ୍ରଲି। ସେ ଜଣେ ଚାଲିବା ପାଇଁ ଅକ୍ଷମ ହୋଇଥିବାବେଳେ ସର୍ବନିମ୍ନ ଯାତାୟତ ପାଇଁ ଟ୍ରଲି ଖଣ୍ଡେ ଅତ୍ୟନ୍ତ ପ୍ରୟୋଜନୀୟ ଓ ଗୁରୁତ୍ୱପୂର୍ଣ୍ଣ। ମେଧାବୀ ଛାତ୍ରୀଟି ହୋଇଥିବାରୁ ତାଙ୍କର ପାଠପଢ଼ା ପ୍ରତି ବହୁତ ଆଗ୍ରହ ତ ରହିଥିଲା ଯାହାର ଫଳସ୍ୱରୂପ ପ୍ରତିଦିନ ସେ ଚାରିପାଞ୍ଚଟି ଖବର କାଗଜ କିଣନ୍ତି। ଏହି ପ୍ରତିନିଧି ତାଙ୍କୁ ଭେଟିବାବେଳେ ତାଙ୍କ ପାଖରେ 'ପ୍ରଗତିବାଦୀ' ଠାରୁ ଅନ୍ୟ ଦୁଇ ତିନଟି ଖବର କାଗଜ ମଧ୍ୟ ଦେଖିବାକୁ ପାଇଥିଲେ। ଏଯାବତ କୌଣସି ସରକାରୀ ସହାୟତା ସେ ପାଇନାହାଁନ୍ତି ତାହା ହିଁ ବଡ଼ ଆଶ୍ଚର୍ଯ୍ୟର କଥା। ସ୍ଥାନୀୟ ସାଇ କମିଟି ଓ ଅଧିବାସୀ ବୃନ୍ଦଙ୍କର ତାଙ୍କ ଉପରେ ବହୁତ ଶ୍ରଦ୍ଧା ରହିଛି। ନିଜେ ଚଳତଶକ୍ତିହୀନ ହୋଇଥିଲେ ମଧ୍ୟ ନିଜ ସକ୍ଷମ ଅନୁଯାୟୀ ଯେତିକି ସମ୍ଭବ ଦାନଧର୍ମ କରନ୍ତି। ଦୋକାନକୁ ଆସୁଥିବା କୌଣସି ଗରିବ ଅସହାୟଙ୍କୁ ସେ ଯାହାବି ଟିକେ ହେଉ ଖାଲି ପେଟରେ ଫେରାନ୍ତି ନାହିଁ। ଦୋକାନର ପଛପଟେ ବୋହି ଯାଉଛି କାଠଯୋଡ଼ି ନଈ। ନଈର ଜଳଧାର ପ୍ରବାହିତ ପରି ଏପରି ଜଣେ ଚଳତଶକ୍ତିହୀନ ଅଥଚ ପରିବାର ଓ ସମାଜ ସେବାକୁ ବିନା ଦୁଃଖରେ ଆଗେଇ ନେଉଥିବା ମେହନତୀ ଝିଅଟିର ପ୍ରତିଜ୍ଞାବଦ୍ଧତା ଓ ସାଧୁ ସଙ୍କୋଚତା ପ୍ରଶଂସନୀୟ ନିଶ୍ଚୟ। ତାଙ୍କ ଦୋକାନରେ ଛାଡ଼ି ଯାଇଥିବା କିଛି ଅଜଣା ଲୋକଙ୍କ ମୂଲ୍ୟବାନ ସାମଗ୍ରୀ ସେ ଖୋଜିଲୋଡି ଫେରାଇଛନ୍ତି। ନାଁ ଚାହିଁଛନ୍ତି ପୁରସ୍କାର ନାଁ ପ୍ରଶଂସା। ଆଜିର ପ୍ରଚାର ସର୍ବସ୍ୱ ସମାଜ ସେବା ଯୁଗରେ ନିଜକୁ ବିଜ୍ଞପିତ କରିବା ପାଇଁ ସେ କେବେ ଚାହିଁନାହାଁନ୍ତି। ନିଜ ଆତ୍ମ ସମ୍ମାନ ଓ ସ୍ୱାଭିମାନକୁ ତଳେ ପକାଇ କାହା ପାଖରେ ହାତି ପାତି ନାହାଁନ୍ତି କି ମୁଣ୍ଡ ଝୁକାଇ ନାହାଁନ୍ତି। ପ୍ରଶାସନ ତାଙ୍କ ଅଭିଯୋଗକୁ ସହୃଦୟତାର ସହିତ ଶୁଣନ୍ତୁ। ତାଙ୍କ ନିଃସ୍ୱାର୍ଥପର ସେବା ଓ ଦିବ୍ୟାଙ୍ଗ ହୋଇ ମଧ୍ୟ ସ୍ୱାଭିମାନର ସହ ଜୀବନ ଯୁଦ୍ଧରେ ଲଢୁଥିବାର ପ୍ରତିଜ୍ଞାବଦ୍ଧତାକୁ ଶତ ସହସ୍ର ସଲାମ।



# ରାଇଜ କଥା

ଆଖି ଦେଖୁଥା କାନ ଶୁଣୁଥା
ପ୍ରତିଟି ଖବରରେ ଟଳୁଛି ମଥା





## ଅଭିନବ ଉପାୟରେ ବିଦ୍ୟାଳୟରେ ବିଧାନ ସଭା



ନାରାୟଣପାଟଣା, (ମହାଭାରତ) : ବ୍ଲକ ଶିକ୍ଷାଧିକାରୀ କାର୍ଯ୍ୟାଳୟ ଅଧୀନ ପିଏମ ଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟ ନାରାୟଣପାଟଣା ଠାରେ ବିଦ୍ୟାଳୟ ପ୍ରଧାନଶିକ୍ଷୟତ୍ରୀ କଳ୍ପନା ଜେନା ଙ୍କ ସଭାପତିତ୍ୱ ରେ ଛାତ୍ର ଛାତ୍ରୀ ମାନଙ୍କୁ ନେଇ ଏକ ଅଭିନବ ଉପାୟରେ ଶୀତ କାଳୀନ ଅଧିବେଶନ କାର୍ଯ୍ୟ କର୍ମ ଅନୁଷ୍ଠିତ ହୋଇ ଯାଇଛି ।ଏହି ଛାୟା ବିଧାନସଭାରେ ଛାତ୍ରଛାତ୍ରୀମାନେ ବାଚସ୍ପତି, ମୁଖ୍ୟମନ୍ତ୍ରୀ, ବିରୋଧିଦଳ ନେତା, ସ୍ୱାସ୍ଥ୍ୟ ମନ୍ତ୍ରୀ, ଅର୍ଥ ମନ୍ତ୍ରୀ, ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ଭୂମିକା ଗ୍ରହଣ କରିଥିଲେ ବିଧାନସଭା କେଉଁଭଳି ଭାବରେ ପରିଚାଳନା କରାଯାଏ ତାହାକୁ ପିଲା ମାନଙ୍କ ମଧରେ ଶିକ୍ଷା ଦେବା ପାଇଁ ଅଭିନ୍ଵ ଉପାୟରେ ଆଜି ବିଦ୍ୟାଳୟର ଛାତ୍ର, ଛାତ୍ରୀ ମାନଙ୍କୁ ନେଇ ସାୟା ବିଧାନସଭା ଶୀତକାଳୀନ ଅଧିବେଶନ ପାଇଁ ବିଧାନସଭା ସଦସ୍ୟ ଗଠନ କରାଯାଇଥିଲା ।ଛାତ୍ର ବିଧାନସଭା ଶୀତକାଳୀନ ଅଧିବେଶନ ଦିନ ୧୧ଟା ବେଳେ ଗୃହକାର୍ଯ୍ୟ ଆରମ୍ଭ ହୋଇଥିଲା । ବିଧାନସଭା କାର୍ଯ୍ୟସୂଚୀ ଅନୁସାରେ ପ୍ରଥମେ ଗୃହରେ ଦିବଙ୍ଗତ ଙ୍କ ଶୋକ ପ୍ରସ୍ତାବ ଆଗତ କରାଯାଇଥିଲା ।ପରେ ଅଭିନୟ ବାଚସ୍ପତି ଙ୍କ ନିର୍ଦ୍ଦେଶକ୍ରମେ ବିଦ୍ୟାଳୟ ପରିସରରେ ଶିକ୍ଷା, ସ୍ୱାସ୍ଥ୍ୟ, ପରିବେଶ, ଶ୍ରମ ରାଜ୍ୟ ବୀମା ବିଭାଗର ପ୍ରଶ୍ନକାଳ ରହିଥିଲା । କିଛି ସମୟ ଅଭିନୟ କରୁଥିବା ଛାତ୍ର, ଛାତ୍ରୀ ଗୃହକୁ ମୁଲତବି ରଖିଥିଲେ । ଅର୍ଥମନ୍ତ୍ରୀ ଗୃହରେ ଅତିରିକ୍ତ ବଜେଟ ଆଗତ କରିଥିଲେ ।ଅନ୍ୟ ପଟେ ଶୀତକାଳୀନ ଅଧିବେଶନ ବିରୋଧୀ ଦଳ ସରକାରଙ୍କୁ ଘେରିବା ସହ ବିଦ୍ୟାଳୟ ସମସ୍ୟା ସମ୍ପର୍କ ରେ ପ୍ରଶ୍ନ କରିଥିଲେ । ଶାସକ ଦଳ ବିରୋଧୀ ଙ୍କୁ ମୁକାବିଲା କରି କାଉଣ୍ଟର ରଣନୀତି କରିଥିଲେ । ଅଭିନୟ ମାଧ୍ୟମରେ ବିଧାନସଭା କୁ ସୁରୁଖୁରୁରେ ଚଳାଇବା ପାଇଁ ବାଚସ୍ପତି ଶେଷରେ ସବୁ ଦଳର ସହଯୋଗ ଲୋଡ଼ିଥିଲେ । ଏହି କାର୍ଯ୍ୟକ୍ରମ ରେ ବିଦ୍ୟାଳୟ ପ୍ରଧାନଶିକ୍ଷୟତ୍ରୀ କଳ୍ପନା ଜେନା ଉପସ୍ଥିତ ରହି ଛାତ୍ର, ଛାତ୍ରୀ ମାନଙ୍କୁ ବିଧାନସଭା ସମ୍ପର୍କିତ ଜ୍ଞାନ ଛାତ୍ର ଛାତ୍ରୀ ଙ୍କୁ ପରିପ୍ରକାଶ କରିଥିଲେ । ପ୍ରେମକାନ୍ତ ରାଉତ କାର୍ଯ୍ୟକର୍ମକୁ ପରିଚାଳନା କରୁଥିବା ବେଳେ ଶିକ୍ଷୟତ୍ରୀ ପ୍ରିୟଙ୍କା ପାଢ଼ୀ, ଶିକ୍ଷୟତ୍ରୀ ଜି ଜୋତି କୁମାରୀ, ଚିନ୍ମଇ କର, ପଦ୍ମାବତୀ ଭୂଇଁଆ, ଙ୍କ ସମେତ ଶିକ୍ଷକ ସୁଶାନ୍ତ ସାହୁ ଆଜିର ଛାତ୍ରୀ ଙ୍କ ଦ୍ୱାରା ସାୟା ବିଧାନ ସଭା କାର୍ଯ୍ୟକ୍ରମ କୁ ସହଯୋଗ କରିଥିଲେ । ସଭା ପରିଶେଷରେ ଅଭିନୟ କରୁଥିବା କୃତି ପ୍ରତିଯୋଗୀଙ୍କୁ ମାନପତ୍ର ଓ ଟ୍ରଫି ପ୍ରଦାନ ସହ ୪ଜଣ କୃତି ପ୍ରତିଯୋଗୀଙ୍କୁ ଜିଲ୍ଲାସ୍ତରକୁ ମନୋନୀତ କରାଯାଇଥିଲା । ଏହି କାର୍ଯ୍ୟକ୍ରମ ରେ ବିଦ୍ୟାଳୟର ଶିକ୍ଷକ ପଶୁରାମ ତାଡିଙ୍ଗି ,ଧାନ୍ୟବାଦ ଦେଇଥିଲେ ।

## ଶହେବର୍ଷର ପରମ୍ପରା ଡ଼ିମିରିପଲ୍ଲୀ କାର୍ତ୍ତିକ ପୂର୍ଣ୍ଣିମା ଯାତ୍ରା



ନୂଆଗାଁ, (ମହାଭାରତ ) : ନୟାଗଡ଼ ନୂଆଗାଁ ବ୍ଲକ ଅନ୍ତର୍ଗତ ଗୁମି ଗ୍ରାମ ପଞ୍ଚାୟତ ଅଧୀନରେ ଥିବା ଡ଼ିମିରିପଲ୍ଲୀ ବାବା ସିଦ୍ଧେଶ୍ୱର ମନ୍ଦିର ଆନୁକୂଲ୍ୟରେ କାର୍ତ୍ତିକ ପୂର୍ଣ୍ଣିମା ଉପଲକ୍ଷେ ଦୁଇଦିନ ଧରି ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା ଙ୍କୁ ନିମନ୍ତ୍ରିତ କରାଯାଇଥିବା ବେଳେ କୌଣସି କାର୍ଯ୍ୟ ବ୍ୟସ୍ତତା ନେଇ ଯୋଗ ଦେଇନଥିବାରୁ ବିଧାୟକ ଙ୍କ ନିର୍ଦ୍ଦେଶକ୍ରମେ ନୂଆଗାଁ ବ୍ଲକ ଅଧକ୍ଷା ଙ୍କ ପ୍ରତିନିଧି ତଥା ସମାଜସେବୀ ଶଙ୍କର୍ଷଣ ବେହେରା ଯୋଗ ଦେଇଥିଲେ । ଅନ୍ୟ ମାନଙ୍କ ମଧରେ ପୂର୍ବତନ ଜିଲ୍ଲାପରିଷ ନସିର ଅହମ୍ମଦ,ସ୍ଥାନୀୟ ସମିତି ସଭ୍ୟ ସଞ୍ଜୀବ କୁମାର ଡ଼ାକୁଆ,ପୂର୍ବତନ କାପ୍ତାପଲ୍ଲୀ ସରପଞ୍ଚ ହାଡିବନ୍ଧୁ ସାମନ୍ତରାୟ,ନୂଆଗାଁ ପଞ୍ଚାୟତ ବିଜେଡ଼ି ସଭାପତି ପ୍ରକାଶ କୁମାର ନାୟକ,ଆଦର୍ଶ ଶିକ୍ଷକ ଶରତ ଚନ୍ଦ୍ର ସାହୁ,ଯାତ୍ରା କମିଟିର ସଭାପତି ଭଜି ନାଏକ,ସମ୍ପାଦକ ଜ୍ଞାନେନ୍ଦ୍ର ନାଏକ ପ୍ରମୁଖ ମଞ୍ଚାସିନ ଥିଲେ । ମାନ୍ୟବର ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା ଙ୍କ ପ୍ରଚେଷ୍ଟାରେ ବା ବା ସିଦ୍ଧେଶ୍ୱର ମନ୍ଦିର ଉନ୍ନତି କରଣ ସହ ଶିକ୍ଷା,ସ୍ୱାସ୍ଥ୍ୟ ଏବଂ ଗମନାଗମନ କ୍ଷେତ୍ରରେ ବୈପ୍ଳବିକ ବିକାଶ କରିଥିବାରୁ ଯାତ୍ରା କମିଟିର ସମସ୍ତ ସଦସ୍ୟ ସମେତ ସମଗ୍ର ଅଞ୍ଚଳବାସୀ ବିଧାୟକ ଶ୍ରୀ ବେହେରା ଙ୍କୁ ଭୂୟସୀ ପ୍ରଂଶସା କରିଥିଲେ । ଅନୁଷ୍ଠାନର ପୂର୍ବତନ ସଭାପତି ବରୁଣ ନାଏକ ମଞ୍ଚ ପରିଚାଳନା କରିଥିଲେ ।ଏହି ସାଂସ୍କୃତିକ କାର୍ଯ୍ୟକ୍ରମ ଦେଖିବା ପାଇଁ ବିଭିନ୍ନ ଅଞ୍ଚଳରୁ ବହୁ ସଂଖ୍ୟାରେ ଜନସମାଗମ ହୋଇଥିବା ଦେଖିବାକୁ ମିଳିଥିଲା ।

## ଜାଗା ଦେବେ କହି ଦସ୍ତଖତ ନେଲେ, ଘର ଭାଙ୍ଗିବାକୁ ନୋଟିସ୍



ଅନୁଗୋଳ,(ମହାଭାରତ):ଅନୁଗୋଳ ପୌରପାଳିକା ଅଧୀନରେ ଥିବା ବ୍ରାହ୍ମଣୀଦେଇ ପଡ଼ାରେ ଦୀର୍ଘ ପଚାଶ ବର୍ଷରୁ ଉର୍ଦ୍ଧ ବସବାସ କରିଆସୁଥିବା ପାଞ୍ଚ ପରିବାରକୁ ଉଚ୍ଛେଦ ପାଇଁ ପୌରପାଳିକା ପକ୍ଷରୁ ନୋଟିସ ଜାରି ହୋଇଛି । ତେବେ ଘର ଉଚ୍ଛେଦ ନ କରିବା ପାଇଁ ଜିଲ୍ଲାପାଳଙ୍କୁ ଲିଖିତ ଅଭିଯୋଗ କରିଛନ୍ତି ବ୍ରାହ୍ମଣୀଦେଇ ପଡ଼ାର ପାଞ୍ଚ ପରିବାର । ସୂଚନା ଯେ, ବ୍ରାହ୍ମଣୀଦେଇ ପଡ଼ାରେ ପ୍ରାୟ ପଚାଶ ବର୍ଷ ହେବ କୋଡ଼ିଏ ରୁ ଅଧିକ ପରିବାର ରହି ଆସୁଛନ୍ତି । କିଛି ଦିନ ତଳେ ଘର ପାଇଁ ଜାଗା ଦିଆଯିବ କହି ଘରର ମହିଳା ମାନଙ୍କ ଠାରୁ ଦସ୍ତଖତ ସହ ଘର ମୁରବିଙ୍କର କିଛି କାଗଜ ପତ୍ର ନେଇଥିଲେ । ତେବେ ପରବର୍ତ୍ତୀ ସମୟରେ ୫ ପରିବାରଙ୍କ ଘର ଉଚ୍ଛେଦ ପାଇଁ ନୋଟିସ ପଠାଇଥିଲା ପୌରପାଳିକା । ଘର ପାଇଁ ଜାଗା ଦେବୁ କହି ମିଛରେ ଆମ ପାଖରୁ ଦସ୍ତଖତ ନେଇଯାଇଥିବା ଅଭିଯୋଗ କରିଛନ୍ତି ଅଭିଯୋଗ କାରି । ଅନ୍ୟପକ୍ଷରେ ଅଭିଯୋଗକାରି ମାନେଭୁବନେଶ୍ୱର ଆର ଡି ସି, ନିକଟରେ ଅଭିଯୋଗ କରିଥିଲେ ଏବଂ ଆର ଡି ସି ଜିଲ୍ଲାପାଳଙ୍କୁ ଘର ନ ଭାଙ୍ଗି ବା ପାଇଁ ଫୋନ୍ ଯୋଗେ କହିଥିବା କହିଛନ୍ତି ଅଭିଯୋଗକାରି । ତେବେ ଏହାକୁ ନେଇ ଗୁରୁବାର ଜିଲ୍ଲାପାଳଙ୍କୁ ଭେଟିଥିବା ବେଳେ ଜିଲ୍ଲାପାଳ ଘର ଭଙ୍ଗା ଯିବ ବୋଲି କହିବାରୁ ନିରାଶ ହୋଇଛନ୍ତି ବ୍ରାହ୍ମଣୀଦେଇ ପଡ଼ାର ପାଞ୍ଚ ପରିବାର । ତେବେ ଆମକୁ ଉଚ୍ଛେଦ ପୂର୍ବରୁ ଥଇଥାନ କରିବା ପାଇଁ ଦାବି କରିଛନ୍ତି । ଏ ଉଚ୍ଛେଦ ଘଟଣା ବିଷୟରେ ପୌରପାଳିକା ନିର୍ବାହୀ ଯନ୍ତ୍ରୀ ଙ୍କୁ ପଚାରିବାରୁ ପୋଖରି ପୁନରୁଦ୍ଧାର ଏବଂ ସୌନ୍ଦର୍ଯ୍ୟ କରଣ କରିବା ପାଇଁ ପାଞ୍ଚ ପରିବାର ପୋଖରି ହୁଡ଼ା ରେ ରହୁଥିବାରୁ ସେମାନଙ୍କୁ ଉଦ୍ଧାର ଉଚ୍ଛେଦ କରିବା ପାଇଁ ନିର୍ଦ୍ଦେଶ ଦିଆ ଯାଇଛି ।

## ଦେଓବନ୍ଧରେ ଚାଷୀଙ୍କ ନିଦ ହଜାଉଛନ୍ତି ହାତୀ ପଲ

କେନ୍ଦୁଝର, (ମହାଭାରତ) : କେନ୍ଦୁଝର ସଦର ରେଞ୍ଜ ମଇଦାନକାଲ ବିଟର ଦେଓବନ୍ଧ ଗ୍ରାମରେ ୩୨ ଟିକିଆ ହାତୀ ପଲକୁ ଦେଖି ଗ୍ରାମବାସୀ ଭୟଭୀତ ହୋଇଛନ୍ତି । ଗତ ତିନି ଚାରି ଦିନ ହେଲାଣି ଏହି ହାତୀପଲ ମଇଦାନକାଲ ବିଟ ଅଂଚଳରେ ବ୍ୟାପକ ଧାନ ଫସଲ କ୍ଷୟକ୍ଷତି କରିବା ସହିତ ସ୍କୁଲ ପାଚେରୀ ଭାଙ୍ଗି ଦେଇଛି । ବର୍ତ୍ତମାନ ଏହି ହାତୀପଲ ଦେଓବନ୍ଧ ନିକଟସ୍ଥ ଜଙ୍ଗଲ ଥିବାବେଳେ ବନ ବିଭାଗ କର୍ମଚାରୀ ମାନେ ସେଠାରେ ଉପସ୍ଥିତ ରହି ହାତୀ ର ଗତିବିଧି ଉପରେ ନଜର ରଖିଛନ୍ତି । ଏହି ୩୨ ଟିକିଆ ହାତୀପଲ ରେ ୧୩ଟି ଦନ୍ତାହାତୀ, ୧୨ ଟି ମାଈ ହାତୀ,୭ଟି ଛୁଆ ହାତୀ ରହିଛନ୍ତି । ବନ ବିଭାଗ ପକ୍ଷରୁ ହାତୀପଲ ପାଖକୁ ନଯିବାକୁ ଲୋକଙ୍କୁ ବାରଣ କରାଯିବା ସହିତ ହାତୀର ଗତିବିଧି ନ ରୋକିବାକୁ ଲୋକଙ୍କୁ ସଚେତନ କରାଯାଉଛି ।

## ଯାତ୍ରା ଅଭିନେତା ଦେବୀ ରଥଙ୍କ ହୃଦଘାତରେ ପରଲୋକ

ପାରାଦୀପ, (ମହାଭାରତ) : ଆଉ ନାହାଁନ୍ତି ଓଡ଼ିଆ ଯାତ୍ରା ଜଗତର ପ୍ରବୀଣ ଅଭିନେତା ଦେବୀ ପ୍ରସାଦ ରଥ । ଗତ କିଛିଦିନ ହେବ ହୃଦରୋଗ ରେ ପୀଡିତ ଓ ଚିକିତ୍ସିତ ହେଉଥିବା ଶ୍ରୀ ରଥ ଗତ ମଙ୍ଗଳବାର ରାତିରେ ବୋଇତ ବନ୍ଦାଣ ପାଇଁ ଅନୁଷ୍ଠିତ ଝାଲିଆ ଶୋଭାଯାତ୍ରାରେ ପ୍ରତିଯୋଗିତାମୂଳକ ଅତ୍ୟଧିକ ଡିଜେ ସାଉଣ୍ଡ ଯୋଗୁଁ ତାଙ୍କର ମୃତ୍ୟୁ ହୋଇଥିବା ପରିବାର ଓ ପଡ଼ୋଶୀ ଅଭିଯୋଗ କରିଛନ୍ତି । ମାତ୍ର ୧୬ ବର୍ଷ ବୟସରୁ ତାରପୁର ଅପେରା ରୁ ଅଭିନୟ ଜୀବନ ଆରମ୍ଭ କରିଥିବା ସ୍ୱର୍ଗତ ଦେବୀ ରଥ ସମସ୍ତ ପ୍ରକାର ଅଭିନୟ ରେ ନିପୁଣ ଥିଲେ । ଏକାଧିକ ନାଟକରେ ଅଭିନୟ କରିବା ସହିତ ବହୁ ନାଟକ ର ସେ ନିର୍ଦ୍ଦେଶନା ମଧ ଦେଇଛନ୍ତି । ସିଏ ହିରୋ , ହିରୋଇନ୍, ଆଣ୍ଟି ହିରୋ, ଚରିତ୍ର ଅଭିନୟରେ ଦର୍ଶକ ଙ୍କୁ ମତୁଆଲା କରୁଥିଲେ । ତାଙ୍କର ବିୟୋଗରେ ପାରାଦ୍ୱୀପ ଗଡ଼ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି । ଭୋର ୫ ଟା ପାଖାପାଖି ତାଙ୍କର ମୃତ୍ୟୁ ହୋଇଥିବା ବେଳେ ଗ୍ରାମବାସୀଙ୍କ ପକ୍ଷରୁ ତାଙ୍କ ମୃତ ଶରୀରକୁ ଏକ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରାଯାଇ ଗାଁ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି । ତେବେ ଜିଲ୍ଲାରେ ଡିଜେ ସାଉଣ୍ଡ ବ୍ୟାନ୍ ଥିବା ବେଳେ ପାରାଦ୍ୱୀପ ଗଡ଼ ଗ୍ରାମରେ ଗୋଟିଏ ସ୍ଥାନରେ ଦୁଇ ରୁ ତିନୋଟି ଡିଜେ ଗାଡ଼ି ମଧରେ ସାଉଣ୍ଡ ପ୍ରତିଯୋଗିତା କୁ ପରିବାର ବିରୋଧ କରିଛନ୍ତି ।

## ଶୁଣିଲାନି ପ୍ରଶାସନ, ରାସ୍ତା ମରାମତି କରାଇଲେ ସରପଞ୍ଚ



କେନ୍ଦୁଝର, (ମହାଭାରତ) : ଜାତୀୟ ରାଜପଥ ପ୍ରାଧିକରଣ ଦ୍ୱାରା ସଡକ ସିନା କରାଗଲା ହେଲେ ସର୍ଭିସ ରୋଡ଼ ପ୍ରତି ସେତେଟା ବିଭାଗ ଦ୍ୱାରା ଠିକଭାବରେ ଦେଖାନଯିବା ଦ୍ୱାରା ନିମ୍ନମାନର କାମଯୋଗୁ ଅନେକ ସ୍ଥାନ ୟେ୍ଵ ଖାଲଖମା ରେ ଭର୍ତ୍ତି ହୋଇ ପାଲଟିଛି ମରଣ ଯନ୍ତା । ବିଶେଷ କରି ଗୋପୀନାଥପୁର ଶ୍ମଶାନ ପର୍ଯ୍ୟନ୍ତ ରାସ୍ତା ଦେଇ ଦୁଇଚକିଆ ଗାଡି ତ ଦୂରର କଥା ଚାଲିକି ଯିବା ବି କଷ୍ଟକର ।ଏହା ବାବାଦ ରେ ବାରମ୍ବାର ବିଭାଗ ର ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ କିଛି ସୁଫଳ ନମିଳିବାରୁ ଆଞ୍ଚଳିକ ବିକାଶ ମଞ୍ଚ ଦ୍ୱାରା ଜିଲ୍ଲାପାଳଙ୍କୁ ଅବଗତ କରାଯାଇଥିଲା । ଆଜି ଆର୍ଯ୍ୟନ୍ତ କିଛି ସୁଫଳ ନମିଳିବାରୁ ଗୁରୁବାର ଦିନ ଗୋପୀନାଥପୁର ସରପଞ୍ଚ ସରୋଜ କୁମାର ଦେହୁରୀ ନିଜ ଖର୍ଚ୍ଚରେ ଏକ ଜେସିବି ମେସିନ ସାହାଯ୍ୟରେ ରାସ୍ତା କୁ ସମାନ କରାଇଥିଲେ । ଯାହାପାଇଁ ତାଙ୍କୁ ପ୍ରଶଂସା କରିଛନ୍ତି ଅଞ୍ଚଳବାସୀ ।

## ମା’ ଲୋଭୀଙ୍କ ପୀଠରେ ପ୍ରବଳ ଜନସମାଗମ

ଅନୁଗୋଳ, (ମହାଭାରତ): ଅନୁଗୋଳ ଜିଲ୍ଲା ବଅଁରପାଳ ବ୍ଲକ ଗଡ଼ସନ୍ତ୍ରୀ ପଞ୍ଚାୟତରେ ଥିବା ମା’ ଲୋଭୀ ଠାକୁରାଣୀଙ୍କ ବାର୍ଷିକ ଯାତ୍ରା ବୁଧବାର କାର୍ତ୍ତିକ ପୂର୍ଣ୍ଣିମା ଠାରୁ ଆରମ୍ଭ ହୋଇଛି ।ଏହା ୫ଦିନ ବ୍ୟାପୀ ଅନୁଷ୍ଠିତ ହେବ । ସକାଳ ୧୦ଟାରେ ତୁଳସୀପାଳ ଗ୍ରାମର ଦିଅଁଘରୁ ମା’ଙ୍କୁ ବିରାଟ ଶୋଭାଯାତ୍ରାରେ ମନ୍ଦିରକୁ ଅଣାଯାଇଥିଲା । ସେଠାରେ ମୁଖ୍ୟ ପୂଜକ ମାଜଣା ସହ ପୂଜାବିଧ ସମ୍ପନ୍ନ କରିଥିଲେ । ମା ଲୋଭୀ ତୁଳସୀ ପାଳ ଗ୍ରାମରେ ୩୬୦ଦିନ ପୂଜା ପାଉଥିବାବେଳେ ବିଜେସ୍ଥଳୀ ଗଡ଼ସନ୍ତ୍ରୀରେ ମା ଲୋଭୀ୫ ଦିନ ପୂଜା ପାଆନ୍ତି । ଏଠିକାର କିମ୍ବଦନ୍ତୀ କହେଏହି ଅଞ୍ଚଳର ପୁଅ ହେଉ କିମ୍ବା ଝିଅ ହେଉ ଯିଏ ବିବାହ କରିବ ତାଙ୍କର ପ୍ରଥମ ସନ୍ତାନ ମା’ଙ୍କ ପାଖରେ ନିଶ୍ଚିତ ଭାବରେ ଚୁଟି ପକାଇବା ସହ ମା’ଙ୍କ ଆଶ୍ରିବାଦ ନିଅନ୍ତି ।ମା’ଙ୍କ ଏହି ବାର୍ଷିକ ଯାତ୍ରା ଦେଖିବାକୁ ଜିଲ୍ଲା ଓ ଜିଲ୍ଲା ବାହାରୁ ପ୍ରବଳ ଭକ୍ତଙ୍କ ସମାଗମ ହୋଇଥିବା ଦେଖିବାକୁ ମିଳିଥିଲା ।ଏହି ଅବସରରେ ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନ ପକ୍ଷରୁ ଶେଷ ଜୀବନ ସାଥୀ, ଉତ୍କଳ ଗୋପାଳ ସମାଜ, ପ୍ରେମାନନ୍ଦ ସେବକ ସଂଘ ଦ୍ୱାରା ଔଷଧ, ସରବତ, ଲେମ୍ବୁପାଣି, ଅଣ୍ଡା ପାଣିର ବ୍ୟବସ୍ଥା କରଯାଇଛି । ପ୍ରଶାସନ ତରଫରୁ ଶାନ୍ତିଶୃଙ୍ଖଳା ପାଇଁ ଫୋର୍ସ ମୁତୟନ କରାଯାଇଥିବା ବେଳେ ବଅଁରପାଳ ଥାନା ଅଧିକାରୀ ଦୁଷ୍ମନ୍ତ କୁମାର ସିଂହ ଏହାର ନେତୃତ୍ୱ ନେଉଛନ୍ତି । ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ, ଜିଲା ଭାଜପା ସଭାପତି ଯଯାତି କେଶରୀ ପଟ୍ଟନାୟକ ମା’ଙ୍କ ଦର୍ଶନ କରିଥିଲେ ।

## ମହିଳାଙ୍କୁ ହତ୍ୟା ଘଟଣାରେ ୬ କୋର୍ଟ ଚାଲାଣ




ଗଣିଆ, (ମହାଭାରତ): ନୟାଗଡ଼ ଜିଲା ଗଣିଆ ଥାନା ଅନ୍ତର୍ଗତ ଜଗନ୍ନାଥ ପ୍ରସାଦ ପଦ୍ମନାଭପୁର ଶାସନ ଗାଁରେ ଜଣେ ମହିଳାଙ୍କୁ ଅତି ନିର୍ମମ ଭାବରେ ହତ୍ୟା କରିବା ଘଟଣାରେ ୬ଜଣଙ୍କୁ ଆଜି କୋର୍ଟ ଚାଲାଣ କରିଛି ଗଣିଆ ପୋଲିସ । ପ୍ରକାଶ ଥାଉକି ଗତ ୨ତାରିଖ ରବିବାର ଦିନ ଜଗନ୍ନାଥପ୍ରସାଦ ପଦ୍ମନାଭପୁର ଶାସନର ଭରତ ସାହୁଙ୍କୁ ସ୍ତ୍ରୀ ସାବିତ୍ରୀ ସାହୁଙ୍କୁ ଅତି ନିର୍ମମ ଭାବରେ ଟାଙ୍ଗିଆରେ ହାଣି ହତ୍ୟା କରାଯାଇଥିଲା । ଏହାକୁ ନେଇ ସ୍ୱାମୀ ଭରତ ସାହୁ ଗଣିଆ ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଅଭିଯୋଗକୁ ଭିତିକରି ଗଣିଆ ଥାନା ଅଧିକାରୀ ଲକ୍ଷ୍ମଣ ଦଣ୍ଡସେନା ଘଟଣାସ୍ଥଳରେ ପଂହଚି ତଦନ୍ତ ଜାରି ରଖିଥିଲେ । ମୃତା ମହିଳାଙ୍କ ସ୍ୱାମୀଙ୍କ ଅଭିଯୋଗ ମୁତାବକ ସେହି ଗ୍ରାମର କିଶୋର ସାହୁଙ୍କ ସହିତ ତାଙ୍କ ସ୍ତ୍ରୀର ପ୍ରେମ ସମ୍ପର୍କ ଥିଲା । ଯାହାକୁ ନେଇ ଆଗରୁ ଅନେକ ବଚସା ହେବା ସହିତ ଗଣିଆ ଥାନା ଏହାର ସମାଧାନ ହୋଇଥିଲା । ପୁନର୍ବାର କିଶୋର ସାହୁ ସାବିତ୍ରୀଙ୍କୁ ଟଙ୍କାର ପ୍ରଲୋଭନ ଦେଖାଇ ଏକପାଖିଆ ପ୍ରେମ କରୁଥିଲେ । ହେଲେ ସାବିତ୍ରୀ ଏଥିରେ ରାଜି ନହେବାରୁ ତାଙ୍କୁ ଜୀବନରୁ ମାରିଦେବାକୁ କିଶୋର ଧମକ ଦେଉଥିଲା । ରବିବାର ସନ୍ଧ୍ୟା ସମୟରେ ଭରତ ଆଡ଼କଟା ବଜାରକୁ ଯାଇଥିବା ବେଳେ ତାଙ୍କ ପରିବାର ଲୋକ ଗ୍ରାମ ମନ୍ଦିରକୁ ଯାଇଥିଲେ । ଏହାର ସୁଯୋଗରେ କିଶୋରଙ୍କ ସହିତ ତାଙ୍କ ପୁଅ ସୌମ୍ୟରଂଜନ ସାହୁ , ଶଳା କାର୍ତ୍ତିକ ସାହୁ ମିଶି ଭରତଙ୍କ ଘରେ ପଶି ଏକ ଟାଙ୍ଗିଆରେ ସାବତ୍ରୀଙ୍କ ବେକ କୁ ଚୋଟ ମାରିବା ସହିତ ମୁଣ୍ଡରେ ଗଭୀର ଆଘାତ ଦେଇ ଫେରାର ହୋଇଯାଇଥିଲେ । ଫଳରେ ଘଟଣାସ୍ଥଳରେ ସାବିତ୍ରୀଙ୍କୁ ମୃତ୍ୟୁ ଘଟିଥିଲା । ମନ୍ଦିରରୁ ଫେରି ସାବିତ୍ରୀଙ୍କୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଦେଖି ସାନ ପୁଅ ବାପା ଭରତଙ୍କୁ ଫୋନ କରି ଜଣାଇଥିଲା । ସଙ୍ଗେ ସଙ୍ଗେ ଘରକୁ ଫେରି ଭରତ ଦେଖିଲେ କି ରକ୍ତ ଜୁଡୁବୁଡୁ ଅବସ୍ଥାରେ ସାବିତ୍ରୀଙ୍କ ମୃତ ଦେହ ପଡ଼ିଛି । ଭରତ ଗଣିଆ ଥାନାକୁ ଖବର ଦେଇଥିଲେ । ଘଟଣାସ୍ଥଳରେ ଥାନା ଅଧିକାରୀ ପଂହଚି ତଦନ୍ତ ଜାରି ରଖିଥିଲେ । ଉକ୍ତ ଘଟଣାରେ ଅଭିଯୁକ୍ତ କିଶୋର ସାହୁ(୪୦), ସ୍ତ୍ରୀ ସରସ୍ୱତୀ ସାହୁ (୩୫), ପୁଅ ସୌମ୍ୟରଂଜନ ସାହୁ (୧୯), ଶଳା କାର୍ତିକ ସାହୁ (୩୦), ଶଶୁର ରାଜକିଶୋର ସାହୁ (୬୪) ଓ ଶାଶୁ ଲକ୍ଷ୍ମୀ ସାହୁ (୫୩)ଙ୍କୁ ଆଣି ଅଧିକ ପଚରା ଉଚୁରା କରିବା ପରେ ହତ୍ୟା କରିବା ଘଟଣାକୁ ମାନିଥିଲେ । ଉକ୍ତ ଘଟଣାରେ ବ୍ୟବହୃତ ଏକ ଟାଙ୍ଗିଆ, ଏକ ଭୁଜାଲି, ଓ ଏକ ଏଚଏଫ ଡିଲକ୍ସ ବାଇକକୁ ଜବତ କରିବା ସହିତ ୧୫୩/୨୦୨୫ରେ ଏକ ମାମଲା ରୁଜୁ କରି ବୁଧବାର ଅପରାହ୍ନରେ ଅଭିଯୁକ୍ତ ୬ଜଣଙ୍କୁ କୋର୍ଟ ପଠକ୍ଷ ଯାଇଥିଲା । ଉକ୍ତ ଘଟଣାକୁ ଗଣିଆ ଥାନା ଅଧିକାରୀ ଲକ୍ଷ୍ମଣ ଦଣ୍ଡସେନା ତଦନ୍ତ କରୁଥିବାବେଳେ ଏଏସଆଇ ଦେବାଶିଷ ସେଠୀ ଓ ଏଏସଆଇ ଏସ ଏ ଖାନ ସହଯୋଗ କରିଥିଲେ ।

## ଯୁବପିଢ଼ିଙ୍କୁ ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ସଶକ୍ତ କରିବ ଏଏମ୍/ଏନଏସ୍ ଇଣ୍ଡିଆ ’ଦକ୍ଷ ଏକାଡେମୀ



ପାରାଦ୍ୱୀପ, (ମହାଭାରତ) : ସ୍ଥାନୀୟ ଯୁବପିଢ଼ିମାନଙ୍କୁ ସଶକ୍ତ କରିବା ଲକ୍ଷ୍ୟରେ ଆର୍ସେଲରମିତ୍ତଲ ନିପ୍ପନ୍ ଷ୍ଟିଲ୍ ଇଣ୍ଡିଆ (ଏଏମ୍/ ଏନ୍ଏସ୍ ଇଣ୍ଡିଆ), ଗୁରୁକୁଳ ଫାଉଣ୍ଡେସନର ସହଯୋଗରେ ଜଗତସିଂହପୁର ଜିଲ୍ଲାର ପାରାଦ୍ୱୀପଗଡ଼ ଠାରେ ଏକ ’ଦକ୍ଷ ଏକାଡେମୀ’ ପ୍ରତିଷ୍ଠା କରିଛି । ଶିଳ୍ପ, ଦକ୍ଷତା ବିକାଶ ଏବଂ ବୈଷୟିକ ଶିକ୍ଷା ରାଷ୍ଟ୍ରମନ୍ତ୍ରୀ (ସ୍ୱାଧୀନ) ସମ୍ପଦ ଚନ୍ଦ୍ର ସ୍ୱାଇଁଙ୍କ ଦ୍ୱାରା ଏହି ପ୍ରଶିକ୍ଷଣ କେନ୍ଦ୍ର ନଭେମ୍ବର ୫ ତାରିଖ କାର୍ତ୍ତିକ ପୂର୍ଣ୍ଣମୀ ଦିନ ଉଦଘାଟନ କରାଯାଇଛି । ଆଇଏଏସ୍, ଓଏଏସ୍, ବ୍ୟାଙ୍କିଙ୍ଗ୍, ରେଳବାଇ, ପ୍ରତିରକ୍ଷା, ଓଏସଏସସି, ଓଏସଏସଏସସି, ଓପିଏସସି, କ୍ଲର୍କ, ଶିକ୍ଷକ, ସଚିବାଳୟ ଏବଂ ଅନ୍ୟାନ୍ୟ ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ପ୍ରସ୍ତୁତ ହେଉଥିବା ଆଶାୟୀମାନଙ୍କୁ ମାଗଣାରେ ଉଚ୍ଚମାନର କୋଚିଂ ପ୍ରଦାନ କରିବା ଏଏମ୍ / ଏନ୍ଏସ୍ ଇଣ୍ଡିଆର ପ୍ରମୁଖ ସିଏସ୍ଆର୍ ପଦକ୍ଷେପ ‘ଦକ୍ଷ‘ ଅଧୀନରେ ପ୍ରତିଷ୍ଠିତ ଏହି କେନ୍ଦ୍ରର ମୁଖ୍ୟ ଉଦ୍ଦେଶ୍ୟ । ସ୍ମାର୍ଟ ଶ୍ରେଣୀଗୃହ, କ୍ୟାରିୟର କାଉନସେଲିଂ, ଡିଜିଟାଲ୍ ଲାଇବ୍ରେରୀ, ୱାଇ-ଫାଇ ସହିତ କମ୍ପ୍ୟୁଟର ଲ୍ୟାବ୍ ଏବଂ ଅଭିଜ୍ଞ ଅଧ୍ୟାପକଙ୍କୁ ନେଇ ପ୍ରସ୍ତୁତ ଦକ୍ଷ ଏକାଡେମୀ ଛାତ୍ରଛାତ୍ରୀମାନଙ୍କୁ ରୋଜଗାରକ୍ଷମ ଏବଂ ଆତ୍ମବିଶ୍ୱାସ ବୃଦ୍ଧି ପାଇଁ ସଫ୍ଟ-ସ୍କିଲ୍ ପ୍ରଶିକ୍ଷଣ, ସାକ୍ଷାତକାର ନିମନ୍ତେ ପ୍ରସ୍ତୁତି ଏବଂ ବ୍ୟକ୍ତିତ୍ୱ ବିକାଶ ଅଧିବେଶନ ମଧ ଆୟୋଜନ କରିବ । ଉଦଘାଟନୀ ଉତ୍ସବରେ ପାରାଦ୍ୱୀପଗଡ଼ର ସରପଞ୍ଚ ଶ୍ରୀମତୀ ସସ୍ମିତା ବେହେରା, ନୂଆଗଡ଼ର ସରପଞ୍ଚ ଦେବେନ୍ଦ୍ର ରାଉତ, ଭୂତମୁଣ୍ଡାଇ ସରପଞ୍ଚ ରୋହିତ ଜେନା, ଏଏମ/ ଏନଏସ ଇଣ୍ଡିଆର ପାରାଦ୍ୱୀପ ପେଲେଟ ପ୍ଲାଣ୍ଟର ମୁଖ୍ୟ ୟୁଏସଆର ରାଜୁ, ଏଏମ/ ଏନଏସ ଇଣ୍ଡିଆର ସିଏସ୍ଆର୍ ମୁଖ୍ୟ ଡକ୍ଟର ବିକାଶ ଯାଦଭେନ୍ଦୁ, ବରିଷ୍ଠ ଆଇନଜୀବୀ ସଞ୍ଜୟ ବେହେରା, ଗୁରୁକୁଳ ଏକାଡେମୀର ନିର୍ଦ୍ଦେଶକ ତଥା ପ୍ରତିଷ୍ଠାତା ସୁରଜ ମିଶ୍ର, ଅନୁଷ୍ଠାନର ଛାତ୍ରଛାତ୍ରୀ ଏବଂ ସ୍ଥାନୀୟ ଜନସାଧାରଣ ଉପସ୍ଥିତ ଥିଲେ । ଏହି ଅବସରରେ ମନ୍ତ୍ରୀ ଶ୍ରୀ ସ୍ୱାଇଁ ପାରାଦ୍ୱୀପଗଡ଼ରେ ବହୁ ପ୍ରତିକ୍ଷିତ ଏଭଳି ଏକ ଏକାଡେମୀ ପ୍ରତିଷ୍ଠା ପାଇଁ ଏଏମ୍/ଏନ୍ଏସ୍ ଇଣ୍ଡିଆକୁ ପ୍ରଶଂସା କରିବା ସହ ଏହା ଏକ ଯୁଗାନ୍ତକାରୀ ପଦକ୍ଷେପ ବୋଲି କହିଥିଲେ । ସରକାରୀ ସେବା ଓ ଅନ୍ୟାନ୍ୟ କ୍ଷେତ୍ରରେ ଏକ ସଫଳ ଭବିଷ୍ୟତ ଗଢ଼ିବା ପାଇଁ ନିଜକୁ ପ୍ରସ୍ତୁତ କରିବା ପାଇଁ ସେ ସ୍ଥାନୀୟ ଯୁବପିଢ଼ିମାନଙ୍କୁ ଏହି ସୁଯୋଗର ସଦୁପଯୋଗ କରିବାକୁ ଏବଂ ଏକାଡେମୀରେ ବହୁ ସଂଖ୍ୟାରେ ନାମ ଲେଖାଇବାକୁ ପରାମର୍ଶ ଦେଇଥିଲେ ଫ ଏହି ଅବସରରେ ୟୁଏସ୍ଆର୍ ରାଜୁ କହିଛନ୍ତି, ‘ଏଏମ୍/ଏନ୍ଏସ୍ ଇଣ୍ଡିଆ ସର୍ବଦା ଶିକ୍ଷା କ୍ଷେତ୍ରକୁ ଗୁରୁତ୍ୱ ଦେଇଆସିଛି । ବିଭିନ୍ନ କ୍ୟାରିୟର ଭିତ୍ତିକ ପଦକ୍ଷେପ ମାଧମରେ, କମ୍ପାନୀ ଛାତ୍ରଛାତ୍ରୀମାନଙ୍କୁ ପ୍ରତିଯୋଗିତାମୂଳକ ପରୀକ୍ଷାରେ ଉତ୍କର୍ଷତା ହାସଲ କରିବା ପାଇଁ ଆବଶ୍ୟକ ଜ୍ଞାନ ଏବଂ ଦକ୍ଷତା ସହିତ ପ୍ରସ୍ତୁତ କରିବାକୁ ଲକ୍ଷ୍ୟ ରଖିଛୁ । ଆଶାୟୀ ପ୍ରାର୍ଥୀଙ୍କ ଆତ୍ମବିଶ୍ୱାସ ବୃଦ୍ଧି କରିବା ଏବଂ ସେମାନଙ୍କ କ୍ୟାରିୟର ଗଢ଼ିବା ଦିଗରେ ଦକ୍ଷ ଏକାଡେମୀର ଶୁଭାରମ୍ଭ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ।“ ଏଏମ୍ / ଏନଏସ୍ ଇଣ୍ଡିଆ ସ୍ଥାନୀୟ ଯୁବପିଢ଼ିମାନଙ୍କ ମଧରେ ଏକାଡେମିକ୍ ଉତ୍କର୍ଷତା ବୃଦ୍ଧି କରିବାକୁ ଏବଂ ଏକ ଉଜ୍ଜ୍ୱଳ ଭବିଷ୍ୟତର ସ୍ୱପ୍ନକୁ ପୂରଣ କରିବାକୁ ପ୍ରତିଶ୍ରୁତିବଦ୍ଧ ।

# ଜିଆଇ ଟ୍ୟାଗ୍ ମାନ୍ୟତାପ୍ରାପ୍ତ କଣ୍ଟେଇମୁଣ୍ଡି ବାଇଗଣର ଚାଷ କି ବିକ୍ରି ପାଇଁ ନାହିଁ ପ୍ରୋତ୍ସାହନ



କଣ୍ଟିଲୋ, ( ମହାଭାରତ ) : ନୟାଗଡ଼ ଜିଲ୍ଲା କଣ୍ଟିଲୋ ଆଖପାଖ ଅଞ୍ଚଳରେ ବହୁଳ ଭାବେ ଚାଷ ହେଉଥିବା ସ୍ୱତନ୍ତ୍ର କଣ୍ଟେଇମୁଣ୍ଡି ବାଇଗଣକୁ ୨ବର୍ଷ ତଳୁ ମିଳିଛି ଜିଆଇ ଟ୍ୟାଗ(ଭୌଗୋଳିକ ପରିଚିତି) ।ପ୍ରଥମ କରି ଜିଲ୍ଲାରେ କୌଣସି କୃଷିଜାତ ଦ୍ରବ୍ୟକୁ ଏହି ମର୍ଯ୍ୟାଦାଜନକ ମାନ୍ୟତା ମିଳିବା ପରେ କଣ୍ଟେଇମୁଣ୍ଡି ବାଇଗଣ ଚାଷ କରୁଥିବା ଚାଷୀଙ୍କ ମଧ୍ୟରେ ଖୁସିର ଲହରି ଖେଳିଯାଇଥିଲା। ସେମାନେ ଚାଷ କରୁଥିବା କଣ୍ଟେଇମୁଣ୍ଡି ବାହାରେ ପରିଚୟ ପାଇବ। ଅଞ୍ଚଳ ବାହାରର ଲୋକେ ଏହାର ସ୍ୱାଦ ଉପଭୋଗ କରିବା ସହ ଏହାର ଆଦୃତି ବଢ଼ିବ। ଏହାକୁ ଚାଷ କରି ଲାଭବାନ ହେବେ ଅଞ୍ଚଅଳର କୃଷକ। ଏଥି ସହ ଏହି ବାଇଗଣ ଚାଷ ପାଇଁ ସରକାର ସହଯୋଗର ହାତ ବଢ଼ାଇବେ। କିନ୍ତୁ ଜିଆଇ ଟ୍ୟାଗ୍ ମିଳିବା ପରେ ସେଥିପାଇଁ ସରକାରଙ୍କର ସେଭଳି ଉଦ୍ୟମ ନାହିଁ। ଚଳିତ ମାସଠାରୁ କ□ଇମୁଣ୍ଡି ବାଇଗଣ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି। ଏହି କଣ୍ଟାଯୁକ୍ତ ବାଇଗଣ ଫଳ ଧରିବାକୁ ୫୦ ରୁ ୬୦ ଦିନ ସମୟ ଲାଗିଥାଏ। ଏହି ଚାଷକୁ ଲୋକାଭିମୁଖୀ କରିବା ପାଇଁ ସ୍ୱତନ୍ତ୍ର ଯୋଜନା ସହିତ ସରକାରୀ ପ୍ରୋତ୍ସାହନର ଆବଶ୍ୟକତା ରହିଛି। କଣ୍ଟେଟଇମୁଣ୍ଡି ବାଇଗଣ ଚାଷକୁ କିପରି ବ୍ୟାପକ ଭାବେ ଚାଷ କରାଯିବ ଏବଂ ଏଥିପାଇଁ ସରକାର ଆନୁଷଙ୍ଗିକ ସୁବିଧା ସୁଯୋଗ ପ୍ରଦାନ କରିବା ସହ ସରକାରୀ ସ୍ତରରେ ଏହାର ପ୍ରଚାରପ୍ରସାର ତଥା ବ୍ୟାପକ ବଜାର ବ୍ୟବସ୍ଥା ନିମନ୍ତେ ପଦକ୍ଷେପ ନେବା ପାଇଁ ଚାଷୀ ମାନେ ଆଶା ବାନ୍ଧିଥିବା ବେଳେ ସରକାରୀ ପ୍ରୋତ୍ସାହନ କିନ୍ତୁ ଶୂନ। ଏଥିପାଇଁ ଆଗ୍ରହୀ କୃଷକଙ୍କ ମଧ୍ୟରେ ନୈରାଶ୍ୟ ପ୍ରକାଶ ପାଇଛି। କୃଷି ବିଭାଗ ପକ୍ଷରୁ ସୁବିଧା ସୁଯୋଗ ପ୍ରଦାନର ଆବଶ୍ୟକତା ଥିବା ଚାଷୀ ମାନେ ଦାବି କରିଛନ୍ତି।

## ଠାକୁରମୁଣ୍ଡାରେ ସାଇବର ସୁରକ୍ଷା ଅଭିଯାନ ୨୦୨୫



କରଞ୍ଜିଆ,(ମହାଭାରତ): ଠାକୁରମୁଣ୍ଡା ପୋଲିସ ଆନୁକୂଲ୍ୟରେ ଆଜି ସ୍ଥାନୀୟ ହାଇସ୍କୁଲ ପଡିଆ ଠାରେ ସାଇବର ସୁରକ୍ଷା ଅଭିଯାନ ୨୦୨୫ ପାଳନ ଅବସରରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ପୋଲିସ ଅଧିକ୍ଷକ ଦୀପକ କୁମାର ଗୋଛାୟତ, ସମ୍ମାନିତ ଅତିଥି ଭାବେ ଅତିରିକ୍ତ ପୋଲିସ ଅଧିକ୍ଷକ ଯଦୁମଣି ଜେନା, କରଞ୍ଜିଆ ଏସ ଡି ପି ଓ ନବକୃଷ୍ଣ ନାଏକ, ଏବିଡ଼ିଓ ଟଙ୍କଧର ମହାନ୍ତ, ବରିଷ୍ଠ ସାମ୍ବାଦିକ ମଧୁସୂଦନ ନନ୍ଦ, ସ୍ଥାନୀୟ କଲେଜ ଅଧକ୍ଷ, ପ୍ରଧାନ ଶିକ୍ଷକ, ଲକ୍ଷ୍ମୀକାନ୍ତ ମହାନ୍ତ,ସମାଜସେବୀ ବସନ୍ତ ପଇବର୍ତ୍ତୀ ଯୋଗ ଦେଇଥିବାବେଳେ ସ୍ଥାନୀୟ ଥାନା ଅଧିକାରିଣୀ ସାବିତ୍ରୀ ଦଳେଇ ଏହାକୁ ପରିଚାଳନା କରିଥିଲେ। ପୋଲିସ ସବ ଇନ୍ସପେକ୍ଟର ଅନିତା ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିବାବେଳେ କାର୍ଯ୍ୟକ୍ରମ ରେ ଗଣେଶ ଦାଶ ଏବଂ ହାଇସ୍କୁଲ ର ସମସ୍ତ ଛାତ୍ର ଛାତ୍ରୀ ସହଯୋଗ କରିଥିଲେ ଏହି ଅବସରରେ ସାଇବର ସଚେତନତା ରଥ କୁ ସ୍ୱାଗତ କରାଯାଇଥିବାବେଳେ ଏହି କାର୍ଯକ୍ରମ ରେ ଛାତ୍ର ଛାତ୍ରୀମାନେ ବହୁ ସଂଖ୍ୟାରେ ଯୋଗଦେଇଥିଲେ ।

## ରାଜ୍ୟ ସ୍ତରକୁ ମନୋନୀତ ହେଲେ ଛାତ୍ରଛାତ୍ରୀ



ଦଶପଲ୍ଲା(ମହାଭାରତ): ଜିଲ୍ଲା ସ୍ତରୀୟ ଶିଶୁ ମହୋତ୍ସବ ସୁରଭି ବ୍ରଜେନ୍ଦ୍ର ହାଇସ୍କୁଲ, ନୟାଗଡ଼ ଠାରେ ଅନୁଷ୍ଠିତ ହୋଇଯାଇଛି। ବିଭିନ୍ନ ବ୍ଲକରୁ ମନୋନୀତ ପ୍ରତିଯୋଗୀମାନେ ଜିଲ୍ଲା ସ୍ତରୀୟ ବିଭିଓ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାର ସୁଯୋଗ ପାଇଥିଲେ। ଇତ୍ୟବସରରେ ଦଶପଲ୍ଲା ବ୍ଲକ ଅନ୍ତର୍ଗତ ଉତ୍ତୀତ ଉଚ୍ଚ ବିଦ୍ୟାଳୟ, ନଛିପୁରର ଦଳଗତନୃତ୍ୟ ଜିଲ୍ଲା ସ୍ତରୀୟ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରି ରାଜ୍ୟ ସ୍ତରୀୟ ଶିଶୁ ମହୋତ୍ସବ ସୁରଭି ରେ ଭାଗନେବା ନିମନ୍ତେ ଯୋଗ୍ୟ ବିବେଚିତ ହୋଇଛ। ଏଥସହିତ ସୃଜନାତ୍ମକ ଲିଖନ (କନିଷ୍ଠ ବର୍ଗ) ରେ ଉନ୍ନୀତ ଉଚ୍ଚ ବିଦ୍ୟାଳୟ, ବାମ୍ ର ମାମାଲି ମହାଖୁଡ ପ୍ରଥମ ସ୍ଥାନ ଅଧିକାର କରି ରାଜ୍ୟ ସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ ପାଇଁ ମନୋନୀତ ହୋଇଛନ୍ତି। କୃତି ପ୍ରତିଯୋଗୀ ମାନଂକୁ ବିଭିଓ ମହଲରୁ ଶୁଭେଚ୍ଛା ଓ ଅଭିନନ୍ଦନ ଜ୍ଞାପନ କରାଯାଇଛି।

## ହିନ୍ଦୋଳ ପୋଲିସ୍ ପକ୍ଷରୁ ସାଇବର ସୁରକ୍ଷା ଅଭିଯାନ କାର୍ଯ୍ୟକ୍ରମ

ହିନ୍ଦୋଳ(ମହାଭାରତ) ଢ଼େଙ୍କାନାଳ ଜିଲ୍ଲା ହିନ୍ଦୋଳ ଆରକ୍ଷୀ ଉପ ଅଧିକ୍ଷକ ଶ୍ରୀ ସତ୍ୟ କୁମାର ନନ୍ଦଙ୍କ ତତ୍ତ୍ୱାବଧାନରେ ହିନ୍ଦୋଳ ଥାନା ଭାରପ୍ରାପ୍ତ ଅଧିକାରୀଣୀ ଚାରୁଲତା ବେହେରାଙ୍କ ନେତୃବରେ ହିନ୍ଦୋଳ ଥାନାର ସାତମାଇଲ ଜନତା ମହାବିଦ୍ୟାଳୟ ଏବଂ ହିନ୍ଦୋଳ ଉଚ୍ଚ ବିଦ୍ୟାଳୟ ଠାରେ ସାଇବର ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି ।ଉକ୍ତ କାର୍ଯ୍ୟକ୍ରମରେ ଶହଶହ ଛାତ୍ରଛାତ୍ରୀ ମାନଙ୍କ ସହ ହିନ୍ଦୋଳ ଥାନାର ସମସ୍ତ ପୋଲିସ ଅଧିକାରୀ ଯୋଗଦେଇ କୌଣସି ଅଜ୍ଞାତ ଲୋକଙ୍କୁ ଓଟିପି ଦେବା ନାହିଁ ,କିମ୍ବା ଲୋଭରେ ବଶ ବ୍ରତୀ ହୋଇ କାହାକୁ ବ୍ୟାଙ୍କ୍ ଖାତାର ବିବରଣୀ ଦେବା କଥା ନୁହେଁ ବୋଲି ଆରକ୍ଷୀ ଉପ ଅଧିକ୍ଷକ ଶ୍ରୀ ସତ୍ୟ କୁମାର ନନ୍ଦ ଅଭିଭାଷଣ ରଖିଥିଲେ ।ସଚେତନ ହେବା ସଜାଗ ହେବା ନାଟକ ମାଧ୍ୟମରେ ଉପସ୍ଥିତ ଲୋକ ମାନଙ୍କୁ ସଚେତନ କରାଯାଇଥିଲାୟ ଉକ୍ତ କାର୍ଯ୍ୟକ୍ରମରେ ଅନେକ ସ୍ଥାନୀୟ ଲୋକଙ୍କ ସହ ଅନେକ ବୁଦ୍ଧିଜୀବି ଉପସ୍ଥିତ ଥିଲେ ।ହିନ୍ଦୋଳ ପୋଲିସ୍ ପକ୍ଷରୁ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମ ପାଇଁ ସ୍ଥାନୀୟ ଅଞ୍ଚଳର ଲୋକମାନଙ୍କ ମଧ୍ୟରେ ପ୍ରଶଂସାର ସୁଅ ଛୁଟିଛି।

## ଫୋନପେରେ ଲାଞ୍ଚ ନେବା ପଡିଲା ମହଙ୍ଗା, ଭିଜିଲାନ୍ସ ଜାଲରେ ଡି ଏସ ଏସ

କେନ୍ଦୁଝର,(ମହାଭାରତ): ଡିଜିଟାଲ ମୋଡ୍ ମାଧ୍ୟମରେ ଏକ ସ୍ୱେଚ୍ଛାସେବୀ ଅନୁଷ୍ଠାନ ରୁ ୨୦ ହଜାର ଟଙ୍କା ଲାଞ୍ଚ ନେବା ଅଭିଯୋଗରେ ଗୁରୁବାର ଦିନ କେନ୍ଦୁଝର ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ (ଡିଏସଏସଓ) ବିପ୍ଳବ କେଶରୀ ସାମନ୍ତରାୟଙ୍କୁ ଓଡ଼ିଶା ଭିଜିଲାନ୍ସ ଗିରଫ କରିଛି। ଭିଜିଲାନ୍ସ ଏକ କ ବିବୃତିରେ କହିଛି ଯେ ଶ୍ରୀ ସାମନ୍ତରାୟଙ୍କ ବିରୁଦ୍ଧରେ ବିଭିନ୍ନ ମହଲରୁ ଅଭିଯୋଗ ଆସିଥିଲା ଯେ ସରକାରଙ୍କ ସାମାଜିକ ସୁରକ୍ଷା ଯୋଜନା ଅଧୀନରେ ସ୍ୱେଚ୍ଛାସେବୀ ଅନୁଷ୍ଠାନମାନଙ୍କୁ ଚୁକ୍ତିନାମା କାର୍ଯ୍ୟକାରୀ କରିବା, ସହାୟତା ପ୍ରଦାନ/ବିଲ୍ ପ୍ରଦାନ କରିବା ପାଇଁ ଏବଂ ବ୍ୟକ୍ତି ବିଶେଷଙ୍କଠାରୁ ଲାଞ୍ଚ ଆଦାୟ କରାଯାଇଥିଲା ସାମନ୍ତରାୟ ତାଙ୍କ ଫୋନ ପେ ଆକାଉ□ ଏବଂ ତାଙ୍କ ପରିବାର ସଦସ୍ୟ, ସମ୍ପର୍କୀୟ ଏବଂ ଅଫିସ କର୍ମଚାରୀଙ୍କ ଆକାଉଣ୍ଟ ମାଧ୍ୟମରେ ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଏବଂ ବ୍ୟକ୍ତିବିଶେଷଙ୍କଠାରୁ ଲାଞ୍ଚ ନେଇଥିବା ସନ୍ଦେହ କରାଯାଉଛି ।ପ୍ରାଥମିକ ଯାଞ୍ଚ ସମୟରେ, ବିଭିଓ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଏବଂ ବ୍ୟକ୍ତିବିଶେଷଙ୍କଠାରୁ ଟଙ୍କା ପ୍ରାପ୍ତିର ବହୁ ସଂଖ୍ୟକ ଫୋନ୍ ପେ କାରବାର ମିଳିଛି, ଯାହା ଯାଞ୍ଚ ଅଧୀନରେ ଅଛି। ଭିଜିଲାନ୍ସ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ବିରୋଧରେ ଏକ ମାମଲା ରୁଜୁ କରିଛି ଏବଂ ତଦନ୍ତ ଜାରି ରହିଛ। ଏହା ପରେ, ଡିଏ ଦୃଷ୍ଟିକୋଣରୁ ଶ୍ରୀ ସାମନ୍ତରାୟ ତିନୋଟି। ସ୍ଥାନରେ ଏକକାଳୀନ ସନ୍ଧାନ କରାଯାଇଛିୟତଲାସ ସମୟରେ, ସାମନ୍ତରାୟ ଏବଂ ପରିବାର ସଦସ୍ୟ ଦସ୍ୟଙ୍କ ନାମରେ ର ଭୁବନେଶ୍ୱର ଏବଂ ଏହାର ଆଖପାଖରେ ଥିବା ୧୦ଟି ପ୍ଲଟର ବିବରଣୀ ଚିହ୍ନଟ କରାଯାଇଛି ।ଏହାକୁ ଯାଞ୍ଚ କରାଯାଉଛି ।ଏହା ବ୍ୟତୀତ, ଭୁବନେଶ୍ୱରରେ ପ୍ରାୟ ୩୦୦୦ ବର୍ଗଫୁଟ କ୍ଷେତ୍ରଫଳ ବିଶିଷ୍ଟ ଏକ ତିନି ମହଲା କୋଠା, ଭୁବନେଶ୍ୱରର ମଦନପୁରରେ ଏକ ସିମ୍ପ୍ଲେକ୍ସ ଘର ଏବଂ ଭୁବନେଶ୍ୱରର ମଦନପୁରରେ ୩ ଏକର ପରିମିତ ଏକ ଫାର୍ମ ହାଉସ ଠାବ କରାଯାଇଛି ବୋଲି ଭିଜିଲାନ୍ସ କହିଛି। ଏନେଇ ଅଧିକ ତଦନ୍ତ ଜାରି ରହିଛି।

## ସରକାରୀ ସହାୟତା ଅପେକ୍ଷାରେ ଗରିବରୋଗୀ



ଲାଞ୍ଜିଗଡ,(ମହାଭାରତ):ଲାଞ୍ଜିଗଡ ବ୍ଲକ ଲାଖବାହାଲି ପଞ୍ଚାୟତ ଅନ୍ତର୍ଗତ ଶୁକନାଭଟା ପଡ଼ାର ଅତ୍ୟନ୍ତ ଗରିବ ଖଟିଖିଆ ଶ୍ରେଣୀର ୨୧ ବର୍ଷୀୟ ସସ୍ମିତା ସାହୁ ମାରାତ୍ମକ ଅଜଣା ରୋଗରେ ଆକ୍ରାନ୍ତ ହୋଇ ମୃତ୍ୟୁ ସହ ସଂଘର୍ଷ କରୁଛନ୍ତି। ପରିବାର କହିଲେ ମାଁ ସେମନ୍ତି ସାହୁ,ସ୍ୱାମୀ ନରେନ୍ଦ୍ର ସାହୁ ଓ ସ୍ତ୍ରୀ ସସ୍ମିତା, ତିନି କୁଟୁମ୍ବ ହସଖୁସିରେ କୁଲି ମଞ୍ଜୁରୀ କରି ଚଳିଆସୁଥିବା ବେଳେ ହଟାତ ସତେ ଯେମିତି ପରିବାରକୁ କଳା ବାଦଲ ଢାଙ୍କି ଦେଉଛି । ସସ୍ମିତାକୁ ଡାହାଣ ଗୋଡ଼ରେ ସାମନ୍ୟ ବଥ ବାହାରି ଥିଲା ହେଲେ ଏତେବଡ଼ ମାରତ୍ମକ ରୋଗ ହେବ ବୋଲି କେହିଁ ଜାଣି ନଥିଲେ ।ସ୍ୱାମୀ ନରେନ୍ଦ୍ର ଯାହା ସଞ୍ଚିତ ଅର୍ଥ, ସୁନା ଘହଣା ଧାର କରଜ କରି ଭବାନୀପାଟଣା ମୁଖ୍ୟ ଡାକ୍ତଖାନା ସମେତ ବିଭିଓ ଡାକ୍ତରଖାନରେ ଚିକିତ୍ସା ପାଇଁ ଭର୍ତି କରିଥିଲେ ହେଲେ ଅର୍ଥ ଅଭାବ ଯୋଗୁଁ ସସ୍ମିତାଙ୍କୁ ଭଲ ଚିକିତ୍ସା କରାଇ ପାରି ନଥିଲା ଯାହାଫଳରେ ଏବେ ସସ୍ମିତା ୬ମାସ ହେବ ମରଣ ସହ ସଂଘର୍ଷ କରି ଶଯ୍ୟାଶାୟୀରେ ପଡିରହିଛନ୍ତି ।ତାଙ୍କୁ ଉଚ୍ଚ ଚିକିତ୍ସାରେ ଅର୍ଥ ବାଧକ ସାଜୁଥିବାରୁ ରୋଗୀଣା ସ୍ତ୍ରୀଙ୍କୁ ଛାଡି ସ୍ୱାମୀ ଏବେ ଦାଦନ ଖଟିବାକୁ ତାମିଲନାଡୁ ଯାଇଥିବା ବେଳେ ଏପଟେ ସ୍ତ୍ରୀ ଜୀବନ ମରଣ ସହ ସଂଘର୍ଷ କରୁଛି । ଏମାନଙ୍କୁ ସରକାରୀ ସୁବିଧା କହିଲେ ରେସନକାର୍ଡରେ ମିଳୁଥିବା ମାତ୍ର ୧୦ କିଲୋ ଚାଉଳ ମିଳୁଥିବା ବେଳେ ଆଜିପର୍ଯ୍ୟନ୍ତ ସ୍ୱାସ୍ଥ୍ୟକାର୍ଡ ହୋଇପାରି ନାହିଁ ଯାହାଦ୍ୱାରା ଉଚ୍ଚ ଚିକିତ୍ସାରେ ପ୍ରତିବନ୍ଧକ ଲାଗୁଥିବା ବେଳେ ସ୍ୱାସ୍ଥ୍ୟକାର୍ଡ ପାଇଁ କେବଳ ପ୍ରତିଶ୍ରୁତି ମିଳୁଛି ବୋଲି କୋହଭରା କଣ୍ଠରେ ପରିବାର ଅଭିଯୋଗ ଆଣିଛନ୍ତି। ଏହି କାର୍ଡ ମିଳିଲେ କୌଣସି ବଡ଼ ଡାକ୍ତରଖାନା ଯାଇ ଉଚ୍ଚ ଚିକିତ୍ସା ପାଇପାରନ୍ତେ ବୋଲି ଗ୍ରାମବାସି କହୁଥିବା ବେଳେ ପରିବାର ପାଇଁ ନିହାତି ସରକାରୀ ସହାୟତା ଆବଶ୍ୟକ ରହିଛି ବୋଲି ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ହେଉଛି ।ତେବେ ସସ୍ମିତାର ଉତ୍ତମ ଚିକିତ୍ସା ପାଇଁ ସହାୟତା ଯୋଗାଇବାକୁ ସରକାର, ପ୍ରଶାସନ,ସ୍ୱେଚ୍ଛାସେବୀ ସଂଗଠନ,ସମାଜସେବୀ ବ୍ୟକ୍ତିବିଶେଷଙ୍କୁ ପରିବାର ସମେତ ଗ୍ରାମବାସୀ ପକ୍ଷରୁ ଆକୁଳ ନିବେଦନ କରୁଛନ୍ତି।

## ଚିଲିଗୁଡାରେ ସାଇବର ସୁରକ୍ଷା ଅଭିଯାନ କାର୍ଯ୍ୟକ୍ରମ

ଜୁନାଗଡ଼/ ମହାଭାରତ/କଳାହାଣ୍ଡି ଜିଲ୍ଲା ଜୁନାଗଡ଼ ବ୍ଲକ ଅନ୍ତର୍ଗତ ଚିଲିଗୁଡା ନୀଳମାଧବ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟଠାରେ ଚିଲିଗୁଡା ଫାଣ୍ଡି ପକ୍ଷରୁ ସାଇବର ସୁରକ୍ଷା ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।ଚିଲିଗୁଡା ଫାଣ୍ଡି ଅଧିକାରୀ ମିନ ରାଓ ଶବର ଙ୍କ ନେତୃତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅକ୍ଷୟ କୁମାର ସତନାମୀ ସଭାପତିତ୍ୱ କରିଥିଲେ ।ଏଥିରେ ସାଇବର ସୁରକ୍ଷା ସବ ଇନ୍ସପେକ୍ଟର ଜକ୍ଷନବୀ ତାଣ୍ଡି ମୁଖ୍ୟ ଅତିଥି ଭାବେ ଯୋଗଦାନ କରି ସାଇବର ସୁରକ୍ଷା ସମ୍ପର୍କରେ ଉପସ୍ଥିତ ଛାତ୍ରଛାତ୍ରୀ ମାନଙ୍କୁ କିପରି ସାଇବର ଠକ ମାନଙ୍କ ଠାରୁ ରକ୍ଷା ପାଇବ ସେ ବିଷୟରେ ପଙ୍ଖା ନୁପୁଙ୍ଖ ଭାବରେ ମାର୍ଗଦର୍ଶନ କରିଥିଲେ ।ଏଥିରେ ସମ୍ମାନିତ ଅତିଥି ଭାବେ ସହକାରୀ ଶିକ୍ଷକ ଅମୂଲ୍ୟ ମେହେର ,ସାମ୍ବାଦିକ ସୁନ୍ଦର ମୋହନ ଛତ୍ରିଆ ,ଯୁବ ସାମ୍ବାଦିକ ବ୍ୟମୋକେଶ ପୁରୋହିତ ,ରୋହିତ ବାଗ, ରାଜପୁର ସରପଞ୍ଚ ଗଜିନ୍ଦ୍ର ମାଝି,ଏବଂ ସମାଜସେବୀ ବସନ୍ତ ଯୋଶୀ ପ୍ରମୁଖ ଉପସ୍ଥିତ ଥିଲେ ।ଏହି କାର୍ଯ୍ୟକ୍ରମ ରେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଏବଂ ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ।

## ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅଭିଯାନ



ଗଜପତି(ମହାଭାରତ): ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡି ଟାଉନ ହଲ ଠାରେ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ପୌର ପରିଷଦ ଅଧକ୍ଷା ନିର୍ମଳା ସେଠି ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମକୁ ଶୁଭ ଆରମ୍ଭ କରିଥିଲେ । ଅନ୍ୟତମ ଅତିଥି ଭାବେ ପୌରପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀ ଲକ୍ଷ୍ମଣ କୁମାର ମୁର୍ମୁ, ଉପାଧକ୍ଷ ଲେଙ୍କା ମଧୁ , ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଉତ୍ସର୍ଗିତା ବଡରଇତ ପ୍ରମୁଖ ଉପସ୍ଥିତ ଥିଲେ । ଏହି କାର୍ଯ୍ୟକ୍ରମରେ ପୌରପରିଷଦର ସହ ଆଖ ପାଖ ଗ୍ରାମର ଭିଓକ୍ଷମ ବ୍ୟକ୍ତିବିଶେଷ ମାନେ ଯୋଗଦେଇ ପଞ୍ଜୀକୃତ କଲା ପରେ ସେମାନେ ସେମାନଙ୍କର ସ୍ୱାସ୍ଥ୍ୟ ଗତ ସମସ୍ୟା ଡାକ୍ତରଙ୍କୁ ଦେଖାଇଥିଲେ । ତେବେ ଚାଳିଶି ପ୍ରତିଶତ ରୁ ଅଧିକ ଶାରରୀକ କିମ୍ବା ମାନସିକ ଅକ୍ଷମ ହେଲେ ଭିଓକ୍ଷମ ରୂପେ ବିବେଚିତ କରାଯାଇ ସାର୍ଟିଫିକେଟ ପ୍ରଦାନ କରାଯିବ ବୋଲି ଜଣାପଡିଛି । ଏହି ଶିବିରରେ ମୋଟ ୨୧୯ ଜଣ ପଞ୍ଜିକୃତ ହୋଇଥିବା ବେଳେ ଅସ୍ଥିଶଲ୍ୟ ସମସ୍ୟା ପାଇଁ ୧୧୮, କାନ ଆଦି ପାଇଁ ୩୭, ଆଖି ପାଇଁ ୪୭ ଓ ମାନସିକ ବିକାରଗ୍ରସ୍ତ ବ୍ୟକ୍ତି ମାନେ ଯୋଗଦେଇଥିଲେ। ୧୬୮ ଜଣଙ୍କ ନୂତନ ଭାବେ ଚିହ୍ନଟ ବା ନବୀକରଣ କରାଯାଇଥିଲା । ଏଲ ସନ୍ତୋଷ ଏହି କାର୍ଯ୍ୟ କ୍ର ସହଯୋଗ କରିଥିଲେ।

## କଳିଙ୍ଗ ବାଲିଯାତ୍ରା-୨୦୨୫ ସାଇକେଲ / କାର ଷ୍ଟାଣ୍ଡ ପରିଚାଳକଙ୍କ ଦବଙ୍ଗଗିରି କଲୋନୀବାସୀ ହନ୍ତସନ୍ତ

ପାରାଦୀପ(ମହାଭାରତ): ଚଳିତ ବର୍ଷ କଳିଙ୍ଗ ବାଲିଯାତ୍ରା ନିମନ୍ତେ ଆୟୋଜକଙ୍କ ପକ୍ଷରୁ ସାଇକେଲ ଓ କାର ପାର୍କିଙ୍ଗ ନିମନ୍ତେ ଟେଣ୍ଡର କରାଯାଇଥିଲା । ଏହି ଦୁଇ ଷ୍ଟାଣ୍ଡ ନିମନ୍ତେ କିଛି ଯୁବକ ଦାୟିତ୍ୱରେ ଅଛନ୍ତି । ସେମାନଙ୍କ ଦବଙ୍ଗଗିରିରେ କଲୋନୀକୁ ଯାଉଥିବା କଲୋନୀବାସୀ ହନ୍ତସନ୍ତ ହେଲେଣି । ବଡପଡିଆ ଥାନା ଛକରୁ ମେରାଇନ୍ ଡ୍ରାଇଭ୍ ରୋଡ୍‌କୁ କୌଣସି ଗାଡିକୁ ଛଡାଯାଉନାହିଁ । ଅପରପକ୍ଷରେ ମୋରାଇନ୍ ଡ୍ରାଇଭ୍ ରୋଡ୍‌ର ବିଜୁ ପଟ୍ଟନାୟକ ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳରେ ଏକ ଷ୍ଟାଣ୍ଡ ପାଇଁ ଆୟୋଜକଙ୍କ ପକ୍ଷରୁ ଟେଣ୍ଡର ହୋଇଛି । ବଡପଡିଆ ପଡିଆ ଥାନା ଛକରୁ ରିକ୍ରେସନ୍ କ୍ଲବ୍ ପର୍ଯ୍ୟନ୍ତ ଦୀର୍ଘ ୨ କିଲୋମିଟର ରାସ୍ତାର ବାମ ପାର୍ଶ୍ୱରେ କଲୋନୀମାନ ରହିଛି । ଏହି କଲୋନୀର ପ୍ରବେଶ ଦ୍ୱାରା ଷ୍ଟାଣ୍ଡର ପରିଚାଳନାରେ ଥିବା ଯୁବକମାନେ ରହିବା ସହିତ ପୋଲିସ୍‌ର ବ୍ୟାରିକେଟ୍ ପକାଇ ରାସ୍ତା ଅବରୋଧ କରୁଛନ୍ତି । ଯାହା ଦ୍ୱାରା କଲୋନୀ ରାସ୍ତା ସଂକୁଚିତ ହେଉଛି । କଲୋନୀକୁ ଯାଉଥିବା ଲୋକମାନେ ଏଥି ପାଇଁ ନାହିଁ ନଥିବା ହଇରାଣର ସମ୍ମୁଖୀନ ହେଉଛନ୍ତି । ବନ୍ଦରରେ କାମ କରୁଥିବା କର୍ମଚାରୀମାନେ କାର୍ଯ୍ୟ ସାରି ଘରକୁ ଫେରିବା ବେଳକୁ ଷ୍ଟାଣ୍ଡର ପରିଚାଳନାରେ ଥିବା ଯୁବକମାନେ ସେମାନଙ୍କୁ ମଧ୍ୟ ଫେରାଇ ଦେଉଥିବା ଗୁରୁବାର ଦିନ ଦେଖିବାକୁ ମିଳିଛି । ଏମ୍ପାୟାର୍ସ ଛକ ନିକଟରେ ବାଇକ୍ ଷ୍ଟାଣ୍ଡ ଯୁବକଙ୍କ ଦବଙ୍ଗଗରିରି ସବୁଠୁ ଅଧିକା ଦେଖିବାକୁ ମିଳିଥିଲା । ଲୋକମାନଙ୍କୁ ଜୋରଜବରଦସ୍ତ ଟାଣିକି ନେଇ ସେମାନଙ୍କ ବାଇକ୍‌କୁ ଷ୍ଟାଣ୍ଡରେ ରଖିବାକୁ ବାଧ କରାଯାଉଛି । ନିକଟରେ ଥିବା ପୋଲିସ୍ କର୍ମଚାରୀମାନେ ସେଠାରେ ଉପସ୍ଥିତ ଥିଲେ ବି ସେମାନେ କୌଣସି ପ୍ରକାର ବିରୋଧ ମଧ୍ୟ କରୁନାହାନ୍ତି । ଅଶାଳୀନ ଭାବେ ଷ୍ଟାଣ୍ଡର ପରିଚାଳନାରେ ଥିବା ଯୁବକମାନେ କାର ଓ ବାଇକ୍‌କୁ ସେମାନଙ୍କ ଷ୍ଟାଣ୍ଡରେ ରଖିବାକୁ ଜୁଲମ୍ କରୁଛନ୍ତି । ନୂଆବଜାର କଲୋନୀରେ ରହୁଥିବା ଜନୈକ ଠିକାଦାର ପ୍ରମୋଦ କୁମାର ସାମଲ ଘରକୁ ଏହି ରାସ୍ତାରେ ସବୁଦିନ ପରି ଗୁରୁବାର ଅପରାହ୍ନରେ ଫେରୁଥିବା ସମୟରେ ଷ୍ଟାଣ୍ଡର ପରିଚାଳନାରେ ଥିବା ଯୁବକମାନେ ତାଙ୍କୁ ଜୋରଜବରସ୍ତ ଘରକୁ ଛାଡି ନଥିଲେ । ବାଧ ହୋଇ ଶ୍ରୀ ସାମଲ ଫେରି ଯାଇଥିବା ଦେଖିବାକୁ ମିଳିଥିଲା । ଲକ୍ଷ୍ମୀ ଟେ□ ହାଉସର ମାଲିକ ମନୋଜ କୁମାର ସ୍ୱାଇଁ ଓ ଭବାନୀ ଟେଷ୍ଟ ହାଉସ୍‌ର ମାଲିକ ଉଭୟେ ସେମାନଙ୍କ ପରିବାର ସହିତ ଯାଉଥିବା ବେଳେ ଷ୍ଟାଣ୍ଡର ପରିଚାଳନାରେ ଥିବା ଯୁବକମାନେ ସେମାନଙ୍କୁ ଅଟକାଇ ଫେରିଯିବାକୁ ବାଧ କରିଥିଲେ । ଗାଡିର ରଖି ପିଲାଛୁଆଙ୍କ ସହିତ ଦୁଇ କିଲୋମିଟର ଚାଲିଚାଲି ଯିବାକୁ ବାଧ ହେଉଛନ୍ତି ବାହାରୁ ଗାଡି ଭଡା କରି ଆସୁଥିବା ଲୋକମାନେ । କେହି କେହି ଏହା ଦେଖି ବାଲିଯାତ୍ରା ନଦେଖି ଫେରି ଯାଉଛନ୍ତି ।

## ବଢ଼ି ଚାଲିଛି ଜାଲ୍ ଭିନ୍ନକ୍ଷମ ପ୍ରମାଣପତ୍ର

# ବର୍ଦ୍ଧିତ ଭତ୍ତା ପାଇଁ ଚାଲିଛି ଗଳାକାଟ ଖୋଜା : ତଦନ୍ତ ଦାବି କଲା ଭାରତୀୟ ବିକାଶ ପରିଷଦ




ଖଣ୍ଡପଡ଼ା, ( ମହାଭାରତ ) : ଟଙ୍କା ଦେଲେ ମିଳୁଛି ଭିନ୍ନକ୍ଷମ ପ୍ରମାଣପତ୍ର। ଜାଲିଆତି କରି ପ୍ରକୃତ ଭିଓକ୍ଷମଙ୍କ ସୁବିଧା ହଡ଼ପ କରିନେଉଛନ୍ତି ସକ୍ଷମ। ଏଭଳି ଜାଲ୍ ପ୍ରମାଣପତ୍ର ପ୍ରସଙ୍ଗ ଖଣ୍ଡପଡ଼ା ଅଞ୍ଚଳରେବଢ଼ି ଚାଲିଥିବା ବେଳେ ତଦନ୍ତ ଦାବି କରିଛି ଭାରତୀୟ ବିକାଶ ପରିଷଦ। ମିଳିଥିବା ସୂଚନା ଅନୁଯାୟୀ, ରାଜ୍ୟ ସରକାର ଚଳିତ ବର୍ଷ ଜାନୁଆରି ମାସରୁ ୮୦% ପ୍ରତିଶତ ଭିନ୍ନକ୍ଷମ ଓ ବୟସ୍କଙ୍କ ନିମନ୍ତେ ବର୍ଦ୍ଧିତ ଭତ୍ତା ବଣ୍ଟନ କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ। ଫଳରେ ପୂର୍ବରୁ ୧୨ ଶହ ଟଙ୍କା ପାଉଥିବା ଲୋକେ ଏବେ ମାସିକ ଏବେ ୩ ହଜାର ଟଙ୍କା ପାଉଛନ୍ତି। ତେବେ କିଛି ମାସ ଧରି ବର୍ଦ୍ଧିତ ଭତ୍ତା ପାଇବା ନିମନ୍ତେ ଭିଓକ୍ଷମ ମାନଙ୍କର ଆବେଦନ ସଂଖ୍ୟା ବଢ଼ିବାରେ ଲାଗିଛି। ଯାହା ବ୍ଲକ୍ ପ୍ରଶାସନର ମୁଣ୍ଡବ୍ୟଥାର କାରଣ ପାଲଟିଛି। ଖଣ୍ଡପଡ଼ା ବ୍ଲକ୍ ଅଧୀନ ୨୨ଟି ପଞ୍ଚାୟତରୁ ଚଳିତ ବର୍ଷ ଆରମ୍ଭରୁ ଏଯାବତ ୪୫୦ଟି ବର୍ଦ୍ଧିତ ଭତତ୍ତା ପାଇଁ ଆବେଦନ ପତ୍ର ମିଳିଛି। ଉକ୍ତ ଆବେଦନରେ ଭିନ୍ନକ୍ଷମ ପ୍ରତିଶତ ହଠାତ ବଢ଼ିଯିବା ସହିତ ହିତାଧିକାରୀ ଭତ୍ତା ପାଇଁ ଦାବି କରିଛନ୍ତି। ତେବେ ଆଳୁ ଖୋଳୁ ଖୋଳୁ ମହାଦେବ ମିଳିବା ନ୍ୟାୟରେ ବ୍ଲକ୍ ପ୍ରଶାସନ ପକ୍ଷରୁ ପୁନଃ ଯାଞ୍ଚ ନିମନ୍ତେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ କାର୍ଯ୍ୟାଳୟକୁ ପଠାଯିବାରେ ସାଂଘାତିକ ତଥ୍ୟ ସାମ୍ନାକୁ ଆସିଛି। ଚଳିତବର୍ଷ ଆସିଥିବା ୪୫୦ ଆବେଦନପତ୍ର ମଧ୍ୟରୁ ପୁନଃ ଯାଞ୍ଚ ପରେ ୭୫ ଜଣ ହିତାଧିକାରୀ ଜାଲିଆତି କରିଥିବା ସ୍ପଷ୍ଟ ହୋଇଛି। ଫଳରେ ଜାଲ୍ ଭିଓକ୍ଷମ ପ୍ରମାଣପତ୍ରର ଏକ ବଡ଼ ରାକେଟ୍ କାମ କରୁଥିବା ଜଣାପଡ଼ିଛି। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଏହି ଦଲାଲ ସକ୍ରିୟ ରହିବା ସହିତ ଟଙ୍କା ବଦଳରେ ପ୍ରମାଣପତ୍ର ଯୋଗାଇ ଦେଉଛନ୍ତି। ଫଳରେ ଦଲାଲ୍ ମାନଙ୍କ ଯୋଗୁ ଶହ ଶହ ଭିନ୍ନକ୍ଷମଙ୍କ ସୁବିଧା ହଡ଼ପ କରିନେଉଛନ୍ତି ସକ୍ଷମ ଥିବା ବ୍ୟକ୍ତିବିଶେଷ। ପୂର୍ବରୁ ପାଉଥିବା ଭତ୍ତା ତୁଳନାରେ ବର୍ଦ୍ଧିତ ଭତ୍ତା ପ୍ରାୟ ୩ ଗୁଣା ହୋଇଥିବା ଯୋଗୁ ଦଲାଲ ମାନେ ମୋଟ ଅଙ୍କର ଟଙ୍କା ବଦଳରେ ଏଭଳି କାମ କରୁଥିବା ସୂଚନା ମିଳିଛି। ଏଭଳି ଘଟଣାରେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ କାର୍ଯ୍ୟାଳୟ ସାମିଲ୍ ଥିବା ଅଭିଯୋଗ ଆଣିଛନ୍ତି ଭାରତୀୟ ବିକାଶ ପରିଷଦ ରାଜ୍ୟ ଉପସଭାପତି ନିରଞ୍ଜନ ଦାସ। ଶ୍ରୀ ଦାସଙ୍କ କହିବା କଥା ହେଲା ପ୍ରଶାସନିକ କୋହଳ ମନୋଭାବ ଯୋଗୁ ଦଲାଲ ସକ୍ରିୟ ହୋଇଥିବା ବେଳେ ଯୋଗ୍ୟ ହିତାଧିକାରୀଙ୍କ ତଣ୍ଟି ଚିପି ଦିଆଯାଉଛି। ଅନ୍ୟପକ୍ଷରେ, ଅଯୋଗ୍ୟ ମାନେ ଦଲାଲଙ୍କୁ ମାଧ୍ୟମ କରି ସରକାରୀ ଯୋଜନାକୁ ହରଣଚାଲ୍ କରିନେଉଛନ୍ତି। ଶ୍ରୀ ଦାସ ଘଟଣାର ତଦନ୍ତ ସହିତ ଯୋଗ୍ୟଙ୍କୁ ଚିହ୍ନଟ କରି ବର୍ଦ୍ଧିତ ଭତ୍ତା ଦେବା ନିମନ୍ତେ ଦାବି କରିଛନ୍ତି। ଏ ଦିଗରେ ଜିଲ୍ଲା ପ୍ରଶାସନ ପଦକ୍ଷେପ ନ ନେଲେ ଉଚ୍ଚ ନ୍ୟାୟାଳୟର ଦ୍ୱାରସ୍ଥ ହେବେ ବୋଲି ପ୍ରତିକ୍ରିୟା ଦେଇଛନ୍ତି।

## ବିହାର ନିର୍ବାଚନ: ପ୍ରଥମ ପର୍ଯ୍ୟାୟରେ ୬୪% ମତଦାନ



ପାଟନା: ବିହାର ବିଧାନସଭା ନିର୍ବାଚନର ପ୍ରଥମ ପର୍ଯ୍ୟାୟରେ ଆଜି ୧୨୧ ଆସନରେ ଭୋଟ୍ ? ଗ୍ରହଣ ଶେଷ ହୋଇଛି ଏବଂ ୬୪.୪୬ ପ୍ରତିଶତ ମତଦାନ ରେକର୍ଡ କରାଯାଇଛି। ୧୮ ଜିଲ୍ଲା ମଧ୍ୟରୁ ବେଗୁସରାଇରେ ମତଦାନ ପ୍ରତିଶତ ସର୍ବାଧିକ ୬୭.୩୨ ରହିଛି। ଏହା ପଛକୁ ଗୋପାଳଗଞ୍ଜରେ ୬୪.୯୬%, ମୁଜାଫରପୁରରେ ୬୪.୬୩% ଏବଂ ପାଟନାରେ ୫୫.୦୨% ରହିଛି। ପ୍ରଥମ ପର୍ଯ୍ୟାୟ ମତଦାନ ଶେଷ ହେବା ସହିତ ୧୩୧୪ ପ୍ରାର୍ଥୀଙ୍କ ଭାଗ୍ୟ ଇଭିଏମ୍ ?ରେ ବନ୍ଦ ହୋଇଯାଇଛି। ମୁଖ୍ୟମନ୍ତ୍ରୀ ନୀତୀଶ କୁମାର, ଉପମୁଖ୍ୟମନ୍ତ୍ରୀ ସମ୍ରାଟ ଚୌଧାରୀ, ଆରଜେଡି ସୁପ୍ରିମୋ ଲାଲୁ ପ୍ରସାଦ ଯାଦବ ଏବଂ ତେଜସ୍ୱୀ ଯାଦବ, ଏଲ୍‌ଜେପି ନେତା ଚିରାଗ ପାସ୍ୱାନ ଆଜି ମତଦାନ କରିଛନ୍ତି। ଆରଜେଡି ସୁପ୍ରିମୋ ଲାଲୁ ପ୍ରସାଦ ଆଜି ସ୍ୟାହି ଲାଗିଥିବା ଅଙ୍ଗୁଳି ସହ ନିଜର ଏକ ଫ୍ୟାମିଲି ଫଟୋ ପୋଷ୍ଟ କରି ଲେଖିଛନ୍ତି, 'ରୁଟି ତାୱାରେ ଓଲଟାଇବା ଉଚିତ, ନଚେତ ଏହା ପୋଡ଼ିଯିବ। ୨୦ ବର୍ଷ ବହୁତ ଲମ୍ବା ସମୟ। ଏବେ ନୂଆ ବିହାର ପାଇଁ ତେଜସ୍ୱୀ ସରକାର ଜରୁରି।' ଆଜି ପ୍ରଥମ ପର୍ଯ୍ୟାୟ ମତଦାନ ସମୟରେ ବିଭିନ୍ନ ସ୍ଥାନରେ ହିଂସା ଉପୁଜିଛି। ବିହାରର ଲକ୍ଷ୍ମୀସରାଇ ଜିଲ୍ଲାରେ ଆଜି ଉପମୁଖ୍ୟମନ୍ତ୍ରୀ ବିଜୟ କୁମାର ସିହ୍ନାଙ୍କ ଗାଡ଼ି ଉପରେ ଆକ୍ରମଣ ହୋଇଛି। କିଛି ଲୋକ ସିହ୍ନାଙ୍କ କନ୍‌ଭୟ ଉପରକୁ ପଥର ମାଡ଼ କରିବା ସହ ଗୋବର ଓ ସ୍ଲିପର ଫୋପାଡ଼ିଛନ୍ତି। ତେବେ ଆର୍‌ଜେଡି ଏଭଳି ଆକ୍ରମଣ କରିଛି ବୋଲି ବିଜେପି ଅଭିଯୋଗ କରିଛି। ୩ ଥର ବିଧାୟକ ହୋଇଥିବା ସିହ୍ନା ଦାବି କରିଛନ୍ତି ଯେ ଆର୍‌ଜେଡି ସମର୍ଥକଙ୍କ ଦ୍ୱାରା ଏହି ଆକ୍ରମଣ କରାଯାଇଛି। ଉକ୍ତ ଘଟଣାର ଏକ ଭିଡିଓରୁ ଦେଖିବାକୁ ମିଳିଛି ଯେ କିଛି ଲୋକ ସିହ୍ନାଙ୍କ ଗାଡ଼ିକୁ ଘେରିଯାଇ ସ୍ଲୋଗାନ ଦେଇଥିଲେ ଏବଂ ଗାଡ଼ିଆଗକୁ ବଢ଼ିବାପାଇଁ ଦେଇନଥିଲେ। ଉପମୁଖ୍ୟମନ୍ତ୍ରୀଙ୍କ କନ୍‌ଭୟ ଉପରେ ଆକ୍ରମଣ ମାମଲାରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାପାଇଁ ମୁଖ୍ୟ ନିର୍ବାଚନ କମିସନର ଜ୍ଞାନେଶ କୁମାର ଡିଜିପିଙ୍କୁ କହିଛନ୍ତି। ସେହିପରି ଅନ୍ୟ ଏକ ଘଟଣାରେ ସାରନ ଜିଲ୍ଲାର ମାଞ୍ଝି ନିର୍ବାଚନମଣ୍ଡଳୀରେ ଆଜି ସିପିଆଇ(ଏମ୍‌ଏଲ) ଲିବରେସନ ବିଧାୟକଙ୍କ ଉପରେ ମଧ୍ୟ ଆକ୍ରମଣ ହୋଇଛି। ସାରନ ପୁଲିସ ଅନୁଯାୟୀ ବିଧାୟକ ତାଙ୍କ ସମର୍ଥକଙ୍କ ସହ କା ?ରେ ଥିବାବେଳେ ହଠାତ କିଛି ଲୋକ ସଂଘବଦ୍ଧ ଭାବେ ଆକ୍ରମଣ ଆରମ୍ଭ କରିଦେଇଥିଲେ। ଏହି ଘଟଣାକୁ ନେଇ ସ୍ଥାନୀୟ ଅଂଚଳରେ ଉତ୍ତେଜନା ଲାଗି ରହିଛି ଏବଂ ସେଠାରେ ଅଧିକ ସୁରକ୍ଷା ପଦକ୍ଷେପ ଗ୍ରହଣ କରାଯାଇଛି।

ବିହାରରେ ଆଜି ପ୍ରଥମ ପର୍ଯ୍ୟାୟ ମତଦାନ ଶେଷ ହୋଇଥିବା ବେଳେ ୭ଟି ରାଷ୍ଟ୍ରର ୧୬ଟି ପ୍ରତିନିଧି ଦଳ ଏହି ପ୍ରକ୍ରିୟା ଏବଂ ଏ ବାବଦ ପ୍ରସ୍ତୁତି ଦେଖିଛନ୍ତି। ଇଣ୍ଡୋନେସିଆ, କଲମ୍ବିଆ, ଫିଲିପାଇନ୍ସ, ଫ୍ରାନ୍ସ, ବେଲଜିୟମ, ଦକ୍ଷିଣ ଆଫ୍ରିକା ଏବଂ ଥାଇଲାଣ୍ଡର ପ୍ରତିନିଧି ଦଳ ଏବେ ନିର୍ବାଚନ ପ୍ରସ୍ତୁତି ଅନୁଧ୍ୟାନ ପାଇଁ ବିହାରରେ ଅଛନ୍ତି। ଭାରତୀୟ ନିର୍ବାଚନ କମିସନ୍‌ର ଇଣ୍ଟରନାସ୍‌ନାଲ୍ ଇଲେକ୍ଟର୍ସ ଭିଜିଟର ପ୍ରୋଗ୍ରାମ ଅଧୀନରେ ଏହି ପ୍ରତିନିଧି ଦଳଙ୍କୁ ଭାରତ ଅଣାଯାଇଛି। ଥାଇଲାଣ୍ଡର ଜଣେ ପ୍ରତିନିଧି ଆଜି ପାଟନାରେ ଏକ ଭୋଟିଂ ବୁଥ୍ ?ରେ ପହଞ୍ଚି ଭୋଟିଂ ପ୍ରକ୍ରିୟାକୁ ଭଲଭାବେ ଅନୁଧ୍ୟାନ କରିଥିଲେ। ଅନ୍ୟପକ୍ଷେ ନିର୍ବାଚନ ନିର୍ବାଚନ ଆୟୋଗର ଶୀର୍ଷ ଅଧିକାରୀମାନେ ଆଜି ବିଭିନ୍ନ ଭୋଟିଂ ବୁଥ୍‌ରେ ଉପଲବ୍ଧ ଥିବା ଲାଇଭ ଫିଡ୍ ଦ୍ୱାରା ମତଦାନ ପ୍ରକ୍ରିୟାକୁ ଲଗାତାର ଅନୁଧ୍ୟାନ କରିଥିଲେ। ପ୍ରଥମ ଥର ପାଇଁ ରାଜ୍ୟର ସମସ୍ତ ଭୋଟିଂ ବୁଥ୍‌ରେ ସିସିଟିଭି ଲଗାଯାଇଛି। ଅଧିକାରୀମାନେ କହିଛନ୍ତି, ମୁଖ୍ୟ ନିର୍ବାଚନ କମିସନର ଜ୍ଞାନେଶ କୁମାର ଏବଂ ନିର୍ବାଚନ କମିସନର ଏସ୍ ଏସ୍ ସନ୍ଧୁ ଏବଂ ବିବେକ ଯୋଶୀ ନିର୍ବାଚନ ସଦନର କଣ୍ଟ୍ରୋଲ ରୁମ୍‌ରେ ମତଦାନ ପ୍ରକ୍ରିୟାର ସିଧା ପ୍ରସାରଣ ଦେଖିଛନ୍ତି।

## ଆମେରିକାରେ ବିମାନ ଦୁର୍ଘଟଣା: ୧୨ ମୃତ



ଆମେରିକା: କେଣ୍ଟୁକିର ଲୁଇସଭିଲ୍ ବିମାନବନ୍ଦରରୁ ଉଡ଼ାଣ ଭରିବା ସମୟରେ ଏକ ମାଲବାହୀ ବିମାନ ଦୁର୍ଘଟଣା ହୋଇଛି । ଦୁର୍ଘଟଣାଗ୍ରସ୍ତ ହୋଇ ବିସ୍ଫୋରଣ ହେବାରୁ ଅତି କମରେ ୧୨ ଜଣଙ୍କର ମୃତ୍ୟୁ ହୋଇଛି । ସୂଚନା ଦେଇ ଅଧିକାରୀମାନେ କହିଛନ୍ତି ଯେ ଦୁର୍ଘଟଣା ପରେ ଉଦ୍ଧାରକାରୀମାନେ ଅନ୍ୟମାନଙ୍କୁ ଖୋଜୁଛନ୍ତି । ମଙ୍ଗଳବାର ସ୍ଥାନୀୟ ସମୟ ସନ୍ଧ୍ୟା ସମୟରେ ବିମାନଟି ଲୁଇସଭିଲ୍ର ମହମ୍ମଦ ଅଲି ଅନ୍ତର୍ଜାତୀୟ ବିମାନବନ୍ଦରରେ ୟୁପିଏସ୍ ୱାର୍ଲ୍ଡପୋର୍ଟରୁ ହୋନୋଲୁଲୁ ଅଭିମୁଖେ ଯାତ୍ରା କରୁଥିବା ସମୟରେ ବିମାନ ଦୁର୍ଘଟଣା ଘଟିଥିଲା । ଲୁଇସଭିଲ୍ ମେୟର କ୍ରେଗ୍ ଗ୍ରୀନବର୍ଗ କହିଛନ୍ତି ଯେ ଉଦ୍ଧାରକାରୀମାନେ ଘଟଣାସ୍ଥଳରେ କାମ ଜାରି ରଖିଛନ୍ତି । ଘଟଣାର ଭିଡିଓରେ ବିମାନର ବାମ ପାର୍ଶ୍ୱରେ ନିଆଁ ଏବଂ ଘନ ଧୂଆଁ ଦେଖାଯାଇଥିଲା । ତା'ପରେ ବିମାନଟି କିଛି ସମୟ ପାଇଁ ଭୂମି ଉପରକୁ ଉଠିଥିଲା, ଏହାପରେ ଦୁର୍ଘଟଣାଗ୍ରସ୍ତ ହୋଇ ନିଆଁରେ ଜଳିଗଲା । ମେୟର କ୍ରେଗ୍ ଗ୍ରୀନବର୍ଗ କହିଛନ୍ତି ଯେ ବିମାନରେ ପ୍ରଚୁର ପରିମାଣର ଜେଟ୍ ଇନ୍ଧନ ଦୁର୍ଘଟଣାର ଏକ ପ୍ରମୁଖ କାରଣ ଥିଲା । ସୂଚନା ଅନୁଯାୟୀ, ବିମାନଟି ପ୍ରାୟ ୨୮୦,୦୦୦ ଗ୍ୟାଲନ୍ ଇନ୍ଧନ ବହନ କରୁଥିଲା," ସେ କହିଛନ୍ତି । ଏଥିସହ ସ୍ଥାନୀୟ ଲୋକମାନେ କହିଛନ୍ତି ଯେ ବିସ୍ଫୋରଣ ଏତେ ଶକ୍ତିଶାଳୀ ଥିଲା ଯେ ଏହା ନିକଟବର୍ତ୍ତୀ କୋଠାଗୁଡ଼ିକୁ ଥରାଇ ଦେଇଥିଲା ଏବଂ ଅନେକ ଘରର ଝରକା ଭାଙ୍ଗି ଦେଇଥିଲା ।

## ଫିଲିପାଇନ୍ସରେ ଟାଇଫୁନ୍ କାଲମେଗିର ତାଣ୍ଡବ: ମୃତ୍ୟୁସଂଖ୍ୟା ୧୧୫

ସେବୁ: ବୁଧବାର ଦକ୍ଷିଣ-ପୂର୍ବ ଏସୀୟ ଦେଶ ଫିଲିପାଇନ୍ସରେ ଘୂର୍ଣ୍ଣିବାତ୍ୟା କାଲମେଗି ଭୟଙ୍କର ତାଣ୍ଡବ ସୃଷ୍ଟି କରିଛି। ଏଥିରେ ଅଦ୍ୟାବଧି ୧୧୫ ଜଣ ଲୋକଙ୍କର ମୃତ୍ୟୁ ଘଟିଛି। ଗଛ ଉପୁଡ଼ିବା, ବାତ୍ୟାଜନିତ ବନ୍ୟାରେ ଅଞ୍ଚଳ ଓ ଘରଗୁଡ଼ିକ ଜଳମଗ୍ନ ହେବା ଏବଂ ଛାତ ଉଡ଼ିଯିବାର ଦୃଶ୍ୟ ଦେଖିବାକୁ ମିଳିଥିଲା। ଫିଲିପାଇନ୍ସର ରାଷ୍ଟ୍ରପତି ଫର୍ଡିନାଣ୍ଡ ମାର୍କୋସ୍ ଜୁନିୟର ଜରୁରିକାଳୀନ ପରିସ୍ଥିତି ଘୋଷଣା କରିଛନ୍ତି। ଉଦ୍ଧାରକାରୀ କର୍ମଚାରୀମାନେ ଫସି ରହିଥିବା ଲୋକଙ୍କୁ ଉଦ୍ଧାର କରିବା ପାଇଁ ପ୍ରାଣପଣ ଉଦ୍ୟମ କରୁଛନ୍ତି। ଏକ ଶକ୍ତିଶାଳୀ ଭୂକମ୍ପରେ ୭୨ ଜଣଙ୍କର ମୃତ୍ୟୁ ଏବଂ ୧୪୦ରୁ ଅଧିକ ଆହତ ହେବାର ଏକ ମାସରୁ କମ୍ ସମୟ ମଧ୍ୟରେ ଏହି ଟାଇଫୁନ୍ ଆସିଥିଲା। ଅଧିକାରୀମାନେ ଚେତାବନୀ ଦେଇଛନ୍ତି ଯେ ଅନ୍ୟ ଏକ ଟ୍ରପିକାଲ୍ ବାତ୍ୟା ଏକ ସୁପର ଟାଇଫୁନରେ ପରିଣତ ହୋଇପାରେ ଏବଂ ଆସନ୍ତା ସପ୍ତାହରେ ଉତ୍ତର ଫିଲିପାଇନ୍ସକୁ ଧକ୍କା ଦେଇପାରେ। କାଲମେଗି ଦ୍ୱାରା ସବୁଠାରୁ ଅଧିକ ପ୍ରଭାବିତ ପ୍ରଦେଶ ହେଉଛି ସେବୁ। ଫିଲିପାଇନ୍ସର ଦକ୍ଷିଣ ପ୍ରଦେଶ ଆଗୁସାନ୍ ଡେଲ୍ ସୁରରେ ରିଲିଫ୍ ସାମଗ୍ରୀ ବଣ୍ଟନ କରିବାକୁ ଯାଉଥିବା ବେଳେ ଫିଲିପାଇନ୍ସର ବାୟୁସେନାର ହେଲିକପ୍ଟର ଦୁର୍ଘଟଣାଗ୍ରସ୍ତ ହେବାରୁ ଛଅ ଜଣଙ୍କର ମୃତ୍ୟୁ ଘଟିଛି। ସରକାରୀ ଆକଳନ ଅନୁଯାୟୀ, ଏହି ଘୂର୍ଣ୍ଣିବାତ୍ୟା ପ୍ରାୟ ୨ ଲକ୍ଷ ଲୋକଙ୍କୁ ପ୍ରଭାବିତ କରିଛି ଏବଂ ୫,୬୦,୦୦୦ରୁ ଅଧିକ ଗ୍ରାମବାସୀଙ୍କୁ ବିସ୍ଥାପିତ କରିଛି। ଫିଲିପାଇନ୍ସ ପ୍ରତିବର୍ଷ ପ୍ରାୟ ୨୦ଟି ଟାଇଫୁନ୍ ଓ ଝଡ଼ ଦ୍ୱାରା ପ୍ରଭାବିତ ହୁଏ। ଏକ ଡଜନରୁ ଅଧିକ ଆଗ୍ନେୟଗିରି ଥିବା ଏହି ଦେଶ ମଧ୍ୟ ପ୍ରାୟତଃ ଭୂକମ୍ପ ଦ୍ୱାରା ପ୍ରଭାବିତ ହୁଏ।

## ଦ୍ୱିତୀୟ କିମ୍ବା ତୃତୀୟ ଉଷ୍ମତମ ବର୍ଷ ହେବ ୨୦୨୫: ଜାତିସଂଘ



ଜେନେଭା: ଜାତିସଂଘ ଆଜି ଜଳବାୟୁ ସଙ୍କଟ ଉପରେ ଏକ କଠୋର ଚେତାବନୀ ଜାରି କରି ୨୦୨୫ ଏ ପର୍ଯ୍ୟନ୍ତ ଉପଲବ୍ଧ ବିଶ୍ୱ ରେକର୍ଡରେ ଦ୍ୱିତୀୟ କିମ୍ବା ତୃତୀୟ ଉଷ୍ମତମ ବର୍ଷ ହେବ ବୋଲି ଘୋଷଣା କରିଛି। ୨୦୨୩ ଓ ୨୦୨୪ ସହ ୨୦୨୫ ମଧ୍ୟ ଅଭୂତପୂର୍ବ ରେକର୍ଡ ଭାଙ୍ଗୁଥିବା ଉଷ୍ମ ବର୍ଷର ଶୃଙ୍ଖଳା ଭିତରେ ରହିବ। ବିଶ୍ୱ ପାଣିପାଗ ସଂଗଠନ (ଡବ୍ଲ୍ୟୁଏମଓ)ର 'ଷ୍ଟେଟ୍ ଅଫ୍ ଦି କ୍ଲାଇମେଟ ୨୦୨୫ ଅପ୍ ?ଡେଟ ସିଓପି୩୦' ରିପୋର୍ଟରେ ୧୭୬ ବର୍ଷର ତଥ୍ୟ ବିଶ୍ଳେଷଣ କରି ଜଣାଇଛି ଯେ ୨୦୨୫ର ପ୍ରଥମ ଆଠ ମାସ ପ୍ରାକ୍-ଶିଳ୍ପ ଯୁଗର ହାରାହାରିଠାରୁ ୧.୪୨ ଡିଗ୍ରି ସେଲସିୟସ (୨.୫ ଡିଗ୍ରି ଫାରେନ୍ ହାଇଟ) ଅଧିକ ଉଷ୍ମ ଥିଲା। ୨୦୨୪ରେ ଗ୍ରୀନହାଉସ ଗ୍ୟାସ୍ ସାନ୍ଦ୍ରତା ବିଶ୍ୱବ୍ୟାପୀ ୨.୩% ବୃଦ୍ଧି ପାଇ ନୂଆ ରେକର୍ଡ ସୃଷ୍ଟି କରିଛି, ଯେଉଁଥିରେ ଭାରତ, ଚୀନ୍, ରୁଷ୍ ଓ ଇଣ୍ଡୋନେସିଆର ନିର୍ଗମନ ଏଥିରେ ବିଶେଷ ଭୂମିକା ନେଇଛି। ଗତ ଦଶନ୍ଧି (୨୦୧୫-୨୦୨୫) ରେକର୍ଡରେ ୧୧ଟି ଉଷ୍ମତମ ବର୍ଷ ରହିଛି ଏବଂ ସମୁଦ୍ରର ଉତ୍ତାପ ଓ ବାୟୁମଣ୍ଡଳୀୟ ଗ୍ୟାସ ନିରନ୍ତର ବୃଦ୍ଧି ପାଇଛି। ଡବ୍ଲ୍ୟୁଏମ୍ଓ ମହାସଚିବ ସେଲେଷ୍ଟେ ସାଉଲୋ କହିଛନ୍ତି, 'ଏହି ଅଭୂତପୂର୍ବ ଶୃଙ୍ଖଳା ସ୍ପଷ୍ଟ କରୁଛି ଯେ ଆଗାମୀ କିଛି ବର୍ଷରେ ବିଶ୍ୱ ତାପନ ୧.୫ ଡିଗ୍ରି ସେଲସିୟସ ସୀମା ରହିବା ପ୍ରାୟ ଅସମ୍ଭବ, କିନ୍ତୁ ଶତାବ୍ଦୀ ଶେଷ ସୁଦ୍ଧା ଏହାକୁ ଫେରାଇ ଆଣିବା ସମ୍ଭବ ଓ ଅତ୍ୟାବଶ୍ୟକ। ଜାତିସଂଘ ମହାସଚିବ ଆଣ୍ଟୋନିଓ ଗୁଟେରେସ ଏହାକୁ ନୈତିକ ବିଫଳତା ବୋଲି ଅଭିହିତ କରି ତୁରନ୍ତ ବଡ଼ ପଦକ୍ଷେପ ନେବାକୁ ଆହ୍ୱାନ ଦେଇଛନ୍ତି।

## ଭାରତ ଆସି ପାରନ୍ତି ଟ୍ରମ୍ପ

ୱାସିଂଟନ: ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଆଜି କହିଛନ୍ତି ଯେ ୨୦୨୬ରେ ତାଙ୍କର ଭାରତ ଗସ୍ତ ସମ୍ଭାବନା ରହିଛି। ଆମେରିକା ଓ ଭାରତ ମଧ୍ୟରେ ବାଣିଜ୍ୟ ଓ ସୁରକ୍ଷା ଆଲୋଚନା ତ୍ୱରାନ୍ୱିତ ହୋଇଛି ଏବଂ ଦ୍ୱିପାକ୍ଷିକ ସମ୍ପର୍କରେ ନୂଆ ଗତି ଦେଖିବାକୁ ମିଳିଛି ବୋଲି ଟ୍ରମ୍ପ ହ୍ୱାଇଟ୍ ?ହାଉସରେ ସାମ୍ବାଦିକମାନଙ୍କୁ କହିଛନ୍ତି। ଟ୍ରମ୍ପ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ମହାନ ନେତା ଓ ବନ୍ଧୁ ବୋଲି ଅଭିହିତ କରି ସମ୍ପର୍କ ଗଭୀର କରିବାକୁ ଉତ୍ସାହ ପ୍ରକାଶ କରିଛନ୍ତି। ଏହି ମନ୍ତବ୍ୟ ଆମେରିକା-ଭାରତ ବାଣିଜ୍ୟ କାରବାରରେ ଦେଖାଦେଇଥିବା ସଙ୍କଟର ସମାଧାନ କରିବ ବୋଲି ଆଶା କରାଯାଉଛି। ଟ୍ରମ୍ପ କହିଛନ୍ତି ଯେ ଭାରତ- ଆମେରିକା ସଂପର୍କରେ ଏକ ନୂଆ ଅଧ୍ୟାୟ ସୃଷ୍ଟି ହେବ ଏବଂ ଏହା ଦୁଇ ରାଷ୍ଟ୍ରର ବାଣିଜ୍ୟ ଓ ସୁରକ୍ଷା ନୀତିରେ ପ୍ରତିଫଳିତ ହେବ। ନିକଟରେ ଭାରତ-ଆମେରିକା ମଧ୍ୟରେ ଏକ ଐତିହାସିକ ପ୍ରତିରକ୍ଷା ଚୁକ୍ତି ସ୍ୱାକ୍ଷରିତ ହୋଇଛନ୍ତି। ଆଗାମୀ ୧୦ ବର୍ଷ ପାଇଁ ଉଭୟ ରାଷ୍ଟ୍ର ପ୍ରତିରକ୍ଷା କ୍ଷେତ୍ରରେ ସହଯୋଗ ବଢ଼ାଇବାକୁ ସହମତି ପ୍ରକାଶ କରିଛନ୍ତି।



## ହୋଟେଲରେ ସପ୍ତମ ଶ୍ରେଣୀ ଛାତ୍ରୀଙ୍କୁ ଗଣବଳାତ୍କାର

ଲକ୍ଷ୍ନୌ,୬।୧୧: ଉତ୍ତରପ୍ରଦେଶରେ ଲକ୍ଷ୍ନୌରେ ଜଣେ ସପ୍ତମ ଶ୍ରେଣୀ ଛାତ୍ରୀଙ୍କ ଇନ୍ ?ଷ୍ଟାଗ୍ରାମ ବନ୍ଧୁତାର ବୀଭତ୍ସ ପରିଣତି ଦେଖିବାକୁ ମିଳିଛି। ଅଭିଯୁକ୍ତ ଜଣକ ବନ୍ଧୁତା ଆଳରେ ଛାତ୍ରୀଙ୍କୁ ଭେଟିବା ପାଇଁ ହୋଟେଲକୁ ଡକାଇ ଅନ୍ୟ ୨ ସହଯୋଗୀଙ୍କ ସହ ଗଣବଳାତ୍କାର କରିଛନ୍ତି। ୩ ଜଣଙ୍କ ବିରୋଧରେ ପୋଲିସ ମାମଲା ରୁଜୁ କରିଥିବା ବେଳେ ସେମାନଙ୍କ ମଧ୍ୟରୁ ଜଣେ ଫେରାର ହୋଇଯାଇଛନ୍ତି। ଘଟଣା ସମ୍ପର୍କରେ ପୀଡ଼ିତାଙ୍କ ମାଆ ସରୋଜିନୀନଗର ଥାନାରେ ଅଭିଯୋଗ କରିଥିଲେ। ପୀଡ଼ିତାଙ୍କ କହିବା ଅନୁଯାୟୀ ଜଣେ ଯୁବକଙ୍କ ସହ ଇନ୍‌ଷ୍ଟାଗ୍ରାମରେ ତାଙ୍କର ବନ୍ଧୁତା ସ୍ଥାପନ ହୋଇଥିଲା। ପରେ ସେ ଯୁବକଙ୍କ ସହ ଅନେକ ସମୟରେ ଫୋନ୍‌ରେ କଥା ହେଉଥିଲେ। ଅଭିଯୁକ୍ତ ଆଗ୍ରା ଏକ୍ସପ୍ରେସ୍‌ୱେ ନିକଟରେ ରହୁଥିବା ତାଙ୍କୁ କହିଥିଲେ। ଯୁବକଙ୍କ ଆମନ୍ତ୍ରଣକ୍ରମେ ଛାତ୍ରୀଜଣକ ଗତ ଅକ୍ଟୋବର ୧୦ ତାରିଖ ରାତି ୧୦ଟାରେ ତାଙ୍କୁ ଭେଟିବାକୁ ଘରୁ ବାହାରିଯାଇଥିଲେ। ଅଭିଯୁକ୍ତଙ୍କ ସହ ଅନ୍ୟ ୨ ଯୁବକ ଏକ ସ୍କର୍ପିଓରେ ଆସି ପହଞ୍ଚିବା ପରେ ଛାତ୍ରୀଙ୍କୁ ଆଇଆଇଏମ୍ ରୋଡରେ ଥିବା ଏକ ହୋଟେଲକୁ ନେଇଯାଇଥିଲେ। ସେଠାରେ ସେମାନେ ଜଣକ ପରେ ଜଣେ ଛାତ୍ରୀଙ୍କୁ ବଳାତ୍କାର କରିବା ସହ ଘଟଣାର ଭିଡିଓ ରେକର୍ଡିଂ କରାଇଥିଲେ।

## ଟ୍ରିବ୍ୟୁନାଲ୍ ସଂସ୍କାର ଆଇନ ମାମଲା କେନ୍ଦ୍ରକୁ ନିଶାଣ କଲେ ସିଜେଆଇ

ନୂଆଦିଲ୍ଲୀ: ଟ୍ରିବ୍ୟୁନାଲ୍ ସଂସ୍କାର ଆଇନର ସାମ୍ବିଧାନିକ ବୈଧତାକୁ ଚ୍ୟାଲେଞ୍ଜ କରି ଦାଖଲ ହୋଇଥିବା ଆବେଦନର ଶୁଣାଣିକୁ ଆଉ ଥରେ ସ୍ଥଗିତ ରଖିବାକୁ କେନ୍ଦ୍ର ସରକାର ଦାବି କରିବା ପରେ ଏଥିରେ କ୍ଷୁବ୍ଧ ହୋଇଛନ୍ତି ପ୍ରଧାନ ବିଚାରପତି ଭୂଷଣ ଆର୍ ଗଓ୍ୱାଇ। ଗୁରୁବାର କେନ୍ଦ୍ର ସରକାରଙ୍କୁ ତୀବ୍ର ସମାଲୋଚନା କରି ସେ ପ୍ରଶ୍ନ କରିଛନ୍ତି, ନଭେମ୍ବର ୨୩ରେ ମୋର ଅବସର ପରେ ଆପଣ ଏହି ମାମଲାର ଶୁଣାଣି ଚାହୁଁଛନ୍ତି କି? ଅତିରିକ୍ତ ସଲିସିଟର ଜେନେରାଲ ଐଶ୍ୱର୍ଯ୍ୟା ଭାଟି ଆଟର୍ଣ୍ଣି ଜେନେରାଲ ଆର୍ ଭେଙ୍କଟରମଣିଙ୍କ ଏକ ଅନ୍ତର୍ଜାତୀୟ ମଧ୍ୟସ୍ଥତା କାର୍ଯ୍ୟକ୍ରମ ଥିବା ଦର୍ଶାଇ ଶୁକ୍ରବାର ଶୁଣାଣି ସ୍ଥଗିତ ରଖିବାକୁ ଅନୁରୋଧ କରିବା ପରେ ପ୍ରଧାନ ବିଚାରପତି ଏଭଳି ପ୍ରତିକ୍ରିୟା ରଖିଥିଲେ। ସିଜେଆଇ କହିଥିଲେ, ଯଦି ଆପଣ ଚାହୁଁ ନାହାନ୍ତି ଯେ ଆମେ ଶୁଣାଣି କରି ରାୟ ଦେଉଁ ତେବେ ଆମକୁ କୁହନ୍ତୁ। ଲାଗୁଛି ଆପଣ ନଭେମ୍ବର ୨୪ ପରେ ହିଁ ଏହି ମାମଲାର ଶୁଣାଣି ଚାହୁଁଛନ୍ତି ବୋଲି ପ୍ରଧାନ ବିଚାରପତି ଭାଟିଙ୍କୁ କହିଛନ୍ତି। ଆମେ ଆଟର୍ଣ୍ଣି ଜେନେରାଲଙ୍କୁ ତିନିଥର ଡାକିଛୁ କିନ୍ତୁ ଆମେ ସବୁଥର ଶୁଣୁଛୁ ଯେ ସେ ଅନ୍ତର୍ଜାତୀୟ ମଧ୍ୟସ୍ଥତାରେ ବ୍ୟସ୍ତ ଅଛନ୍ତି। ଆପଣଙ୍କ ପାଖରେ ଅନେକ ଦକ୍ଷ ଏଏସ୍‌ଜି ଅଛନ୍ତି। ଅନ୍ୟ କେହି ଏହି ପ୍ରସଙ୍ଗରେ ଯୁକ୍ତି କରନ୍ତୁ ବୋଲି ଜଷ୍ଟିସ୍ ଗଓ୍ୱାଇ କହିଛନ୍ତି। ଭାଟି କହିଛନ୍ତି ଯେ ଆଟର୍ଣ୍ଣି ଜେନେରାଲ ବ୍ୟକ୍ତିଗତ ଭାବେ ଏହି ମାମଲା ପରିଚାଳନା କରୁଛନ୍ତି, ତେଣୁ ସେ ଆସିବା ପରେ ମାମଲାର ଶୁଣାଣି ହେବା ଉଚିତ। ପ୍ରଧାନ ବିଚାରପତି ନଭେମ୍ବର ୨ ତାରିଖରେ କେନ୍ଦ୍ର ସରକାରଙ୍କ ଦ୍ୱାରା ମଧ୍ୟରାତ୍ରିରେ ଦାଖଲ ହୋଇଥିବା ଆବେଦନକୁ ମଧ୍ୟ ଉଲ୍ଲେଖ କରିଛନ୍ତି, ଯେଉଁଥିରେ ଏହି ମାମଲାକୁ ସାମ୍ବିଧାନିକ ଖଣ୍ଡପୀଠକୁ ପଠାଇବାକୁ ଅନୁରୋଧ କରାଯାଇଛି। ଏଜିଙ୍କୁ ହାଜର ହେବାକୁ ସକ୍ଷମ କରିବା ପାଇଁ ଖଣ୍ଡପୀଠ ମାମଲା ସ୍ଥଗିତ ରଖିଥିଲେ। ଆମେ ଆସନ୍ତାକାଲି ଏହି ମାମଲାର ଶୁଣାଣି କରିବାକୁ ଚାହୁଁଥିଲୁ ଏବଂ ସପ୍ତାହ ଶେଷରେ ରାୟ ଲେଖିବାକୁ ଚାହୁଁଥିଲୁ ବୋଲି ପ୍ରଧାନ ବିଚାରପତି କହିଛନ୍ତି। ସୋମବାର (ନଭେମ୍ବର ୧୦) ପାଇଁ ମାମଲା ସ୍ଥିର କରିବା ପୂର୍ବରୁ ଜଷ୍ଟିସ୍ ଗଓ୍ୱାଇ କହିଛନ୍ତି, ସରକାରଙ୍କ ପ୍ରତି ଆମର ସମ୍ମାନ ଅଛି, କିନ୍ତୁ ଏଭଳି କିଛି ଉପାୟରେ ଶୁଣାଣିକୁ ବନ୍ଦ କରିବାକୁ ପ୍ରୟାସ ହେଉଛି। ପ୍ରଧାନ ବିଚାରପତି କହିଛନ୍ତି, ଆମେ ଆଶା କରୁନାହୁଁ ଯେ ଭାରତ ସରକାର କୋର୍ଟଙ୍କ ସହ ରଣନୈତିକ ଖେଳ ଖେଳିବେ।

## ଭାରତକୁ ଆବଶ୍ୟକ ବିଶ୍ୱସ୍ତରୀୟ ବ୍ୟାଙ୍କ: ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ



ନୂଆପଡା : କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଗୁରୁବାର କହିଛନ୍ତି ଯେ ଦେଶକୁ ବଡ଼ ଏବଂ ବିଶ୍ୱସ୍ତରୀୟ ବ୍ୟାଙ୍କଗୁଡ଼ିକର ଆବଶ୍ୟକତା ରହିଛି ଏବଂ ଏ ନେଇ ରିଜର୍ଭ ବ୍ୟାଙ୍କ (ଆରବିଆଇ) ସହ ଆଲୋଚନା ଜାରି ରହିଛି। ୧୨ତମ ଝଇଓ ବ୍ୟାଙ୍କିଙ୍ଗ୍ ଏବଂ ଅର୍ଥନୀତି ସମ୍ମିଳନୀ ୨୦୨୫କୁ ସମ୍ବୋଧିତ କରି ସେ ବ୍ୟାଙ୍କଗୁଡ଼ିକୁ ଶିଳ୍ପ କ୍ଷେତ୍ରକୁ ଅଧିକ ଋଣ ପ୍ରବାହ କରିବାକୁ ଆହ୍ୱାନ କରିଛନ୍ତି। ଅର୍ଥମନ୍ତ୍ରୀ ଗୁରୁତ୍ୱାରୋପ କରିଛନ୍ତି ଯେ, ଭାରତକୁ ଅନେକ ବଡ଼ ଓ ବିଶ୍ୱସ୍ତରୀୟ ବ୍ୟାଙ୍କ ଆବଶ୍ୟକ। ସରକାର ଏ ଦିଗରେ ଦେଖୁଛନ୍ତି ଏବଂ କାର୍ଯ୍ୟ ଆରମ୍ଭ ହୋଇସାରିଛି। ଏ ନେଇ ଜଇଓ ଓ ବ୍ୟାଙ୍କମାନଙ୍କ ସହ ଆଲୋଚନା ଚାଲିଛି।

ବ୍ୟାଙ୍କିଙ୍ଗ୍ କ୍ଷେତ୍ରରେ ସଂସ୍କାରକୁ ଆଗେଇ ନେଇ ସରକାର ଓଉଇଓ ବ୍ୟାଙ୍କରୁ ସେମାନଙ୍କ ଅଂଶଧନ ବିକ୍ରି କରିବାକୁ ଯୋଜନା କରିଛନ୍ତି। ନିକଟରେ (ଅଗଷ୍ଟ ୨୦୨୫ରେ) ସେବି (ଝରଇଓ) ଏହି ବ୍ୟାଙ୍କରେ ଖଓଉକୁ ପ୍ରମୋଟରରୁ ପବ୍ଲିକ୍ ଅଂଶୀଦାର ଭାବରେ ପୁନଃବର୍ଗୀକରଣ କରିବାକୁ ଅନୁମୋଦନ କରିଛି।

ଏହା ପୂର୍ବରୁ ସରକାର ୨୦୧୭ରେ ଥିବା ୨୭ଟି ରାଷ୍ଟ୍ରାୟତ୍ତ ବ୍ୟାଙ୍କ ସଂଖ୍ୟାକୁ କମାଇ ୧୨ରେ ସୀମିତ କରିବାକୁ ବୃହତ୍ ମିଶ୍ରଣ ପ୍ରକ୍ରିୟା ଆରମ୍ଭ କରିଥିଲେ। ଏହି ମିଶ୍ରଣ ଅଭିଯାନରେ ୟୁନାଇଟେଡ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ଓରିଏଣ୍ଟାଲ ବ୍ୟାଙ୍କ ଅଫ୍ କମର୍ସ, ସିଣ୍ଡିକେଟ୍ ବ୍ୟାଙ୍କ, ଆହ୍ଲାବାଦ ବ୍ୟାଙ୍କ, ଆନ୍ଧ୍ର ବ୍ୟାଙ୍କ ଏବଂ କର୍ପୋରେସନ୍ ବ୍ୟାଙ୍କ ସମେତ ଅନେକ ବ୍ୟାଙ୍କକୁ ଅନ୍ୟ ବଡ଼ ବ୍ୟାଙ୍କ ସହ ମିଶାଯାଇଛି। ସୀତାରମଣ ଦର୍ଶାଇଛନ୍ତି ଯେ ଭିତ୍ତିଭୂମି ସୃଷ୍ଟି ଉପରେ ସରକାର ମୁଖ୍ୟତଃ ଗୁରୁତ୍ୱ ଦେଉଛନ୍ତି ଏବଂ ଗତ ଦଶନ୍ଧି ମଧ୍ୟରେ ପୁଞ୍ଜି ବ୍ୟୟ ପାଞ୍ଚ ଗୁଣା ବୃଦ୍ଧି ପାଇଛି।

## ଅନିଶ୍ଚିତତାରେ ଆଫଗାନ୍-ପାକ୍ ଶାନ୍ତି ଆଲୋଚନା



ଇସଲାମାବାଦ: ଇସ୍ତାନବୁଲରେ ଆଫଗାନିସ୍ତାନ ଓ ପାକିସ୍ତାନ ମଧ୍ୟରେ ନୂତନ ଶାନ୍ତି ଆଲୋଚନା ପୂର୍ବରୁ ପାକିସ୍ତାନର ପ୍ରତିରକ୍ଷା ମନ୍ତ୍ରୀ ଖ୍ୱାଜା ଆସିଫ୍ ତାଲିବାନ ସରକାରଙ୍କୁ ଚେତାବନୀ ଦେଇ ସମ୍ଭାବ୍ୟ ସାମରିକ କାର୍ଯ୍ୟାନୁଷ୍ଠାନର ଧମକ ଦେଇଛନ୍ତି। ଏହି ବିବୃତି ନାଟକୀୟ ଭାବରେ ଉତ୍ତେଜନାକୁ ବୃଦ୍ଧି କରିଛି ଏବଂ ସପ୍ତାହେ ଧରି ଚାଲିଥିବା ମାରାତ୍ମକ ସୀମା ସଂଘର୍ଷ ଓ ଡ୍ରୋନ୍ ଆକ୍ରମଣକୁ ସମାପ୍ତ କରିବା ପାଇଁ କୂଟନୈତିକ ଉଦ୍ୟମ ଉପରେ ପାଣି ପକାଇଛି। ଆଫଗାନିସ୍ତାନରେ ତାଲିବାନ ସହ ମୁକାବିଲା କରିବା ପାଇଁ ସାମରିକ ମୁହାଁମୁହିଁ ଏକମାତ୍ର ବିକଳ୍ପ କି ବୋଲି ଜଣେ ସାମ୍ବାଦିକ ପଚରାଯିବାରୁ ଆସିଫ୍ କହିଛନ୍ତି, ଯୁଦ୍ଧ ହେବ। ବୁଧବାର ଏକ ଟିଭି ସାକ୍ଷାତ୍‌କାରରେ ଦିଆଯାଇଥିବା ମନ୍ତବ୍ୟ ତୁର୍କୀ ଓ କତରର ମଧ୍ୟସ୍ଥତାରେ ବରିଷ୍ଠ ଆଫଗାନିସ୍ତାନ ଓ ପାକିସ୍ତାନୀ ପ୍ରତିନିଧିମାନେ ତୁର୍କୀରେ ଭେଟାଭେଟି ହେବାର କିଛି ଘଣ୍ଟା ପୂର୍ବରୁ ଆସିଛି। ଆସିଫ୍ କାବୁଲ ବିରୋଧରେ ଆତଙ୍କବାଦୀଙ୍କୁ ଆଶ୍ରୟ ଦେଉଥିବା ଓ ସୀମାପାର ଆକ୍ରମଣ ପ୍ରତି ଆଖି ବୁଜି ଦେଇଥିବା ଅଭିଯୋଗ କରିଥିବାବେଳେ ପାକିସ୍ତାନ ଆଫଗାନିସ୍ତାନର ସାଧାରଣ ନାଗରିକଙ୍କ ଉପରେ ଡ୍ରୋନ୍ ଆକ୍ରମଣ କରୁଥିବା ଏବଂ ଆଇଏସ୍‌ଆଇଏସ୍ ଆତଙ୍କବାଦୀଙ୍କୁ ତାଲିମ ଦେଉଥିବା କାବୁଲ ଅଭିଯୋଗ କରିଛି। ଗୁରୁବାର ଇସ୍ତାନବୁଲରେ ଆରମ୍ଭ ହୋଇଥିବା ଶାନ୍ତି ଆଲୋଚନା ଗତ ମାସରେ ଦୋହାରେ ହୋଇଥିବା ଏକ ଦୁର୍ବଳ ଅସ୍ତ୍ରବିରତି ରାଜିନାମାକୁ ମଜଭୁତ କରିବାକୁ ଲକ୍ଷ୍ୟ ରଖିଛି। ଇଣ୍ଟେଲିଜେନ୍ସ ମୁଖ୍ୟ ଅବଦୁଲ ହକ୍ ୱାସିକଙ୍କ ନେତୃତ୍ୱରେ ଆଫଗାନିସ୍ତାନ ଟିମ୍‌ରେ ଇସଲାମିକ୍ ଏମିରେଟ୍ସର ବରିଷ୍ଠ ସଦସ୍ୟ ଆନାସ୍ ହକ୍କାନି, କତରରେ କାର୍ଯ୍ୟନିର୍ବାହୀ ରାଷ୍ଟ୍ରଦୂତ ସୁହେଲ୍ ଶାହିନ୍, ଉପ ଆଭ୍ୟନ୍ତରୀଣ ମନ୍ତ୍ରୀ ରହମତୁଲ୍ଲା ନଜିବ ଏବଂ ବୈଦେଶିକ ମନ୍ତ୍ରଣାଳୟର ମୁଖପାତ୍ର ଅବଦୁଲ କାହାର ବାଲଖି ଅଛନ୍ତି। ଜାତୀୟ ସୁରକ୍ଷା ପରାମର୍ଶଦାତା ତଥା ଆଇଏସ୍‌ଆଇ ମୁଖ୍ୟ ଲେଫ୍ଟନାଣ୍ଟ ଜେନେରାଲ ମହମ୍ମଦ ଅସିମଙ୍କ ନେତୃତ୍ୱରେ ପାକିସ୍ତାନର ପ୍ରତିନିଧି ଦଳ ଇସଲାମାବାଦର ରାଜନୈତିକ ଆପୋଷ ବୁଝାମଣା ପରିବର୍ତ୍ତେ ସୁରକ୍ଷା ନିୟନ୍ତ୍ରଣ ଉପରେ ଧ୍ୟାନ ଦେଉଛି। ଏହି ଆଲୋଚନାରେ ବାରମ୍ବାର ସୀମା ସଂଘର୍ଷ, ଡ୍ରୋନ୍ ଆକ୍ରମଣ ଓ ପାକିସ୍ତାନ ବାଣିଜ୍ୟିକ କ୍ରସିଂ ବନ୍ଦ କରିବା ଉପରେ ଆଲୋଚନା କରାଯିବ ବୋଲି ଆଶା କରାଯାଉଛି। ଆଫଗାନିସ୍ତାନ ଚାମ୍ବର ଅଫ୍ କମର୍ସ ଆଣ୍ଡ ଇନଭେଷ୍ଟମେଣ୍ଟର ତଥ୍ୟରୁ ଜଣାପଡିଛି ଯେ ୮,୦୦୦ରୁ ଅଧିକ ଆଫଗାନିସ୍ତାନ କଣ୍ଟେନର୍ ପାକିସ୍ତାନରେ ଫସି ରହିଛନ୍ତି ଏବଂ ୪,୦୦୦ରୁ ଅଧିକ ପ୍ରବେଶ ପାଇଁ ଅପେକ୍ଷା କରିଛନ୍ତି, ଯାହା ଉଭୟ ପକ୍ଷରେ ଆର୍ଥିକ କ୍ଷତି ଘଟାଇଛି।

# ବୋଲର ଦେଲେ ଭାରତକୁ ସହଜ ବିଜୟ

## ୪୮ ରନରେ ଅଷ୍ଟ୍ରେଲିଆ ପରାସ୍ତ, ଭାରତ ୧୬୭/୮, ଅଷ୍ଟ୍ରେଲିଆ ୧୧୯

କାନବେରା,୬।୧୧: କୁଇନ୍ସଲାଣ୍ଡରେ ଭାରତର ବ୍ୟାଟିଂ ଯାଦୁ କାମ କରିନଥିବାବେଳେ ବୋଲିଂ ଯାଦୁ କାମ କରିଛି । ଭାରତର ଧୂଆଁଧାର ବୋଲିଂରେ ଆୟୋଜକ ଅଷ୍ଟେଲିଆ ଦଳ ବିଜୟ ଲକ୍ଷ୍ୟ ପୂରଣ କରିବାରେ ବିଫଳ ହୋଇଛି। ଭାରତ ୪୮ ରନରେ ଅଷ୍ଟ୍ରେଲିଆକୁ ହରାଇଛି। ଫଳରେ ପାଞ୍ଚି ଟିକିଆ ସିରିଜରେ ଭାରତ ଆଜି ୨-୧ରେ ଆଗରେ ରହିଛି। ଏବେ ଭାରତ ପରବର୍ତ୍ତୀ ମ୍ୟାଚ୍‌ରେ ସିରିଜ୍ କବଜା କରିବାକୁ ଲକ୍ଷ୍ୟ ରଖିଛି ।




ଅଷ୍ଟ୍ରେଲିଆଆ ଟସ୍ ଜିତି ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲା । ପ୍ରଥମେ ବ୍ୟାଟିଂ କରିଥିବା ଭାରତ ସେଭଳି ଆଶା ଜନକ ପ୍ରଦର୍ଶନ କରିପାରିନଥିଲା । ଉପ ଅଧିନାୟକ ଶୁବମନ ଗିଲଙ୍କ ସର୍ବାଧିକ ୪୬ ରନ୍ ବଳରେ ଦଳ ୮ଟି ୱିକେଟ୍ ହରାଇ ମାତ୍ର ୧୬୭ ରନ୍ କରିଥିଲା । ଅଷ୍ଟ୍ରେଲିଆକୁ ୧୬୮ ରନର ବିଜୟ ଲକ୍ଷ୍ୟ ଦେଇଥିବା ଟିମ୍ ଇଣ୍ଡିଆ । ସମସ୍ତ କ୍ରିକେଟ ପ୍ରେମୀ ଭାରତର ସ୍କୋରକୁ ନେଇ ଚିନ୍ତିତ ହୋଇପଡ଼ିଥିଲେ । କିନ୍ତୁ ଅଷ୍ଟ୍ରେଲିଆ ମଧ୍ୟ ଭାରତର ଟାର୍ଗେଟକୁ ପୂରା କରିବାରେ ବିଫଳ ହୋଇଥିଲା । ଅଷ୍ଟ୍ରେଲିଆର ମାଥ୍ୟୁ ସର୍ଟ ଏବଂ ଅଧିନାୟକ ମିଚେଲ ମାର୍ଶ ଦଳକୁ ଦମଦାର ଆରମ୍ଭ ଦେଇଥିଲେ । ୪ ଓଭର ପରେ ଦଳର ସ୍କୋର ୩୫ ରନ ଥିଲା ମାର୍ଶ ଏବଂ ସର୍ଟ ତୃତୀୟ ଓଭରରେ ଅର୍ଶଦୀପ ସିଂହଙ୍କ ବିରୋଧରେ ୧୫ ରନ କରିଥିଲେ। ପଞ୍ଚମ ଓଭରରେ ଅକ୍ଷର ପଟେଲ ସର୍ଟଙ୍କୁ ଏଲବିଡବ୍ଲୁ କରିଥିଲେ ଜୋଶ ଇଂଲିଶ ମଧ୍ୟ ୧୨ ରନ କରି ଅକ୍ଷରଙ୍କ ଶିକାର ହୋଇଥିଲେ ।ଇଂଲିଶ ଆଉଟ ହେଲା ବେଳକୁ, ନବମ ଓଭରରେ ଅଷ୍ଟ୍ରେଲିଆର ସ୍କୋର ୬୮ ରନ ଥିଲା ସେଠାରୁ କେଟ ପତନର ଏକ ଧାରା ଆରମ୍ଭ ହୋଇଥିଲା। ଭଲ ବ୍ୟାଟିଂ କରୁଥିବା ଅଧିନାୟକ ମିଚେଲ ମାର୍ଶ ୩୦ ରନ କରି ଆଉଟ ହୋଇଥିଲେ। ଟିମ୍ ଡେଭିଡ୍ ଭଲ ଫର୍ମରେ ଥିଲେ। ଶିବମ୍ ଦୁବେଙ୍କ ବଲରେ ଏକ ଶକ୍ତିଶାଳୀ ଛକା ମାରିଥିଲେ । କିନ୍ତୁ ପରବର୍ତ୍ତୀ ବଲରେ ଆଉଟ ହୋଇଥିଲେ ।ପ୍ରଥମ ସ୍ପେଲରେ ମହଙ୍ଗା ପଡ଼ିଥିବା ଅର୍ଶଦୀପ ସିଂହ ତାଙ୍କ ଦ୍ୱିତୀୟ ସ୍ପେଲରେ ଜୋଶ ଫିଲିପଙ୍କୁ ଆଉଟ କରି ଏକ ୱିକେଟ ନେଇଥିଲେ। ବରୁଣ ଚକ୍ରବର୍ତ୍ତୀ ତାଙ୍କ ସ୍ପେଲର ଶେଷ ବଲରେ ଗ୍ଲେନ୍ ମ୍ୟାକ୍ସଲେଙ୍କୁ ବୋଲ୍ଡ କରି ଅଷ୍ଟ୍ରେଲିଆର ଆଶା ଧୂଳିସାତ କରିଥିଲେ। ଅଷ୍ଟ୍ରେଲିଆକୁ ଶେଷ ପାଞ୍ଚ ଓଭରରେ ୬୮ ରନ ଆବଶ୍ୟକ ଥିଲା। ୧୭ତମ ଓଭରରେ ୱାଶିଂଟନ ସୁନ୍ଦର ଲଗାତାର ମାର୍କସ ଷ୍ଟୋଇନିସ୍ ଏବଂ ଜାଭିୟର ବାର୍ଟଲେଟଙ୍କୁ ଆଉଟ୍ କରିଥିଲେ ।ଷ୍ଟୋଇନିସ୍ ୧୯ ବଲରୁ ୧୭ ରନ୍ କରିଥିଲେ । ୱାଶିଂଟନ ସୁନ୍ଦର ୧୯ତମ ଓଭରରେ ଆଡାମ ଜାମ୍ପାଙ୍କୁ ଆଉଟ୍ କରି ଅଷ୍ଟ୍ରେଲିଆର ଇନିଂସକୁ ୧୦ ବଲ୍ ପୂର୍ବରୁ ଶେଷ କରିଦେଇଥିଲେ। ଭାରତ ପକ୍ଷରୁ ୱାଶିଂଟନ୍ ସୁନ୍ଦର ସର୍ବାଧିକ ୩ଟି ୱିକେଟ୍ ନେଇଥିବାବେଳେ ଶିବମ୍ ଦୁବେ ଏବଂ ଅକ୍ସର ପଟେଲ୍ ୨ଟି ଲେଖାଏଁ ୱିକେଟ୍ ନେଇଥିଲେ । ସେହିପରି ଅର୍ଶଦୀପ, ବୁମରାହ ଏବଂ ବରୁଣଙ୍କୁ ଗୋଟିଏ ଲେଖାଏଁ ୱିକେଟ୍ ମିଳିଛି । ଟସ୍ ହାରି ବ୍ୟାଟିଂ କରିବାକୁ ଆସିଥିବା ଭାରତୀୟ ଦଳର ଆରମ୍ଭ ବହୁତ ଭଲ ଥିଲା ।ଅଭିଷେକ ଶର୍ମା ଏବଂ ଶୁଭମନ ଗିଲଙ୍କ ପ୍ରାରମ୍ଭିକ ଯୋଡ଼ି ୬.୪ ଓଭରରେ ୫୬ ରନର ଭାଗୀଦାରି କରିଥିଲେ ।ଅଭିଷେକ ୨୧ ବଲରେ ୨୮ ରନ କରିବା ପରେ ପାଭିଲିୟନ ଫେରିଥିଲେ। ସେ ୧ ଛକା ଏବଂ ୩ ଚୌକା ମାରିଥିଲେ । ଏହିଠାରୁ ଶିବମ ଦୁବେ ଶୁଭମନ ଗିଲଙ୍କ ସହ ଦ୍ୱିତୀୟ ୱିକେଟ ପାଇଁ ୩୨ ରନର ଭାଗୀଦାରି କରି ଦଳକୁ ମଜଭୁତ କରିବାକୁ ଚେଷ୍ଟା କରିଥିଲେ ଦୁବେ ୧୮ ବଲରେ ୨୨ ରନ କରିବା ପରେ ପାଭିଲିୟନ ଫେରିଥିଲେ। ଏହା ପରେ ଅଧିନାୟକ ସୂର୍ଯ୍ୟକୁମାର ଯାଦବ ଗିଲଙ୍କ ସହିତ ତୃତୀୟ ୱିକେଟ ପାଇଁ ୩୩ ରନ ସଂଗ୍ରହ କରି ଦଳକୁ ଏକ ମଜଭୁତ ସ୍ଥିତିକୁ ନେଇଥିଲେ ।ଗିଲ୍ ୩୯ ବଲ୍‌ରେ ୧ ଛକା ଏବଂ ୪ ଚୌକା ସହିତ ୪୬ ରନ ସଂଗ୍ରହ କରିବା ପରେ ଆଉଟ୍ ହୋଇଥିଲେ। ସୂର୍ଯ୍ୟ କୁମାର ୧୦ ବଲ୍‌ରେ ୨୦ ରନ ସଂଗ୍ରହ କରିଥିଲେ ପରେ ତିଲକ ବର୍ମା(୫) ଏବଂ ଜିତେଶ ଶର୍ମା(୩) ଆଉଟ୍ ହୋଇଥିଲେ। ୱାଶିଂଟନ ସୁନ୍ଦର ୭ ବଲ୍‌ରେ ୨ ଚୌକା ସହିତ ୧୨ ରନର ଇନିଂସ ଖେଳିଥିଲେ ଶେଷ ଓଭରଗୁଡ଼ିକରେ ଅକ୍ଷର ପଟେଲ ୧୧ ବଲ୍‌ରେ ୨୧ ରନର ଅପରାଜିତ ଇନିଂସ ଖେଳି ଭାରତକୁ ୧୬୭ ରନରେ ପହଞ୍ଚାଇଥିଲେ। ଅଷ୍ଟ୍ରେଲିଆ। ପକ୍ଷରୁ ନାଥନ୍ ଏଲିସ୍ ଏବଂ ଆଡାମ ଜାମ୍ପା ୩ଟି ଲେଖାଏଁ ୱିକେଟ୍ ନେଇଥିଲେ ଜାଭିୟର ବାର୍ଟଲେଟ୍ ଏବଂ ମାର୍କସ୍ ଷ୍ଟୋଇନିସ୍ ଗୋଟିଏ ଲେଖାଏଁ କେଟ୍ ନେଇଥିଲେ ଭାରତ ଏବଂ ଅଷ୍ଟ୍ରେଲିଆ। ମଧ୍ୟରେ ପାଞ୍ଚ ମ୍ୟାଚ୍ ବିଶିଷ୍ଟ ସିରିଜର ପ୍ରଥମ ମ୍ୟାଚ୍ ବର୍ଷା ଯୋଗୁଁ ବାତିଲ ହୋଇଯାଇଥିଲା ଏହାପରେ ଅଷ୍ଟ୍ରେଲିଆ। ମେଲବର୍ଣ୍ଣରେ ପରବର୍ତ୍ତୀ ମ୍ୟାଚ୍ ୪ ୱିକେଟରେ ଜିତିଥିଲା । ଟିମ୍ ଇଣ୍ଡିଆ। ତୃତୀୟ ମ୍ୟାଚ୍ ୫ିକେଟରେ ଜିତି ସିରିଜ୍ ୧-୧ରେ ବରାବର କରିଥିଲା

# ଟି-୨୦ ବିଶ୍ୱକପ ପାଇଁ ୫ ସହର



ନୂଆଦିଲ୍ଲୀ,୬।୧୧(ଏଜେନ୍ସି):ଶ୍ରୀଲଙ୍କା ସହ ମିଶି ୨୦୨୬ ଟି-୨୦ ପୁରୁଷ ବିଶ୍ୱକପ ଆୟୋଜନ କରିବ ଭାରତ। ୨୦୨୫ ମହିଳା ଦିନିକିଆ ବିଶ୍ୱକପ ଭଳି ପାକିସ୍ତାନ ଟି-୨୦ ୱାର୍ଲ୍ଡ କପ ଖେଳିବାକୁ ଭାରତ ଆସିବ ନାହିଁ। ପାକିସ୍ତାନ ତା'ର ମ୍ୟାଚ୍‌ଗୁଡ଼ିକ ଶ୍ରୀଲଙ୍କାରେ ଖେଳିବ। ଟି-୨୦ ବିଶ୍ୱକପ ସମ୍ଭବତଃ ଆସନ୍ତା ବର୍ଷ ମାର୍ଚ୍ଚ ଓ ଏପ୍ରିଲ ମାସରେ ଅନୁଷ୍ଠିତ ହେବ। ଏହାପୂର୍ବରୁ ବିସିସିଆଇ ପକ୍ଷରୁ ସମ୍ଭାବ୍ୟ ଭେନ୍ୟୁ ପ୍ରସ୍ତାବ ଆଇସିସିକୁ ପଠାଯାଇଛି। ଟି-୨୦ ବିଶ୍ୱକପ ଆୟୋଜନ କରିବାକୁ ବିସିସିଆଇ ପକ୍ଷରୁ ଭାରତ ୫ ସହରରେ ଥିବା ପ୍ରମୁଖ ଷ୍ଟାଡିୟମକୁ ଚୟନ କରାଯାଇଛି। ସେହିପରି ଫାଇନାଲ ମ୍ୟାଚ୍ ଅହମଦାବାଦର ନରେନ୍ଦ୍ର ମୋଦି ଷ୍ଟାଡିୟମରେ ଖେଳାଯାଇ ପାରେ। ନରେନ୍ଦ୍ର ମୋଦି ଷ୍ଟାଡିୟମରେ ଏହାପୂର୍ବରୁ ଆଇପିଏଲର ଏକାଧିକ ଫାଇନାଲ ଓ ୨୦୨୩ ପୁରୁଷ ଦିନିକିଆ ବିଶ୍ୱକପ ଫାଇନାଲ ଖେଳାଯାଇଥିଲା। ପାକିସ୍ତାନ କଥା ବିଚାରକୁ ନେଲେ ଆଇସିସି ଶ୍ରୀଲଙ୍କାରେ ଦଳର ସମସ୍ତ ମ୍ୟାଚ୍ ଆୟୋଜନ କରିବାକୁ ବ୍ୟବସ୍ଥା ଗ୍ରହଣ କରିଛି। ମିଳିଥିବା ସୂଚନା ଅନୁସାରେ, ବିସିସିଆଇ ଟି-୨୦ ବିଶ୍ୱକପର ମ୍ୟାଚ୍ ଗୁଡ଼ିକ ଦିଲ୍ଲୀର ଅରୁଣ ଜେଟଲୀ ଷ୍ଟାଡିୟମ, ମୁମ୍ବାଇର ୱାଙ୍ଖେଡେ ଷ୍ଟାଡିୟମ, ଚେନ୍ନାଇର ଏମ ଚିଦାମ୍ବରମ ଷ୍ଟାଡିୟମ, କୋଲକାତାର ଇଡେନ ଗାର୍ଡେନ୍ସ ଓ ଅହମଦାବାଦର ନରେନ୍ଦ୍ର ମୋଦି ଷ୍ଟାଡିୟମରେ ଆୟୋଜନ କରିବାକୁ ଯୋଜନା କରିଛି। ଫାଇନାଲ ଅହମଦାବାଦରେ ଓ ପାକିସ୍ତାନ ତା'ର ସମସ୍ତ ମ୍ୟାଚ୍ ଶ୍ରୀଲଙ୍କାର କଲୋମ୍ବୋରେ ଖେଳିବ।

ତେବେ ବେଙ୍ଗାଲୁରୁ ଓ ଲକ୍ଷ୍ନୌରେ ଟି-୨୦ର କୌଣସି ମ୍ୟାଚ୍ ଖେଳା ଯିବ ନାହିଁ। ଏ ସମ୍ପର୍କରେ ଆଇସିସି ପକ୍ଷରୁ ଖୁବଶୀଘ୍ର ଘୋଷଣା କରାଯିବ ବୋଲି ଜଣାପଡିଛି। ବେଙ୍ଗାଲୁରୁର ଏମ ଚିନ୍ନାସ୍ୱାମୀ ଷ୍ଟାଡିୟମକୁ ରାଜ୍ୟ ସରକାରଙ୍କ ଗୋଟିଏ କମିଟି ବଡ ଟୁର୍ଣ୍ଣାମେଣ୍ଟ ପାଇଁ ଅନଫିଟ୍ ଘୋଷଣା କରିଛି। ୨୦୨୫ ଆଇପିଏଲ ଫାଇନାଲ ଜିତିବା ପରେ ଆରସିବି ଏଠାରେ ବିଜୟ ଶୋଭାଯାତ୍ରା କରିଥିଲା। ଏହି ସମୟରେ ଭୟଙ୍କର ଦଳାଚକଟା ହୋଇଥିଲା। ଏଥିଯୋଗୁ ଚିନ୍ନାସ୍ୱାମୀ ବଡ ଟୁର୍ଣ୍ଣାମେଣ୍ଟରୁ ବାଦ ପଡିବାରେ ଲାଗିଛି। ଭାରତ, ଶ୍ରୀଲଙ୍କା, ଆଫଗାନିସ୍ତାନ, ଅଷ୍ଟ୍ରେଲିଆ, ବାଂଲାଦେଶ, ଇଂଲଣ୍ଡ, ଦକ୍ଷିଣ ଆଫ୍ରିକା, ଆମେରିକା, ୱେଷ୍ଟଇଣ୍ଡିଜ, ଆୟର୍ଲ୍ୟାଣ୍ଡ, ନ୍ୟୁଜିଲ୍ୟାଣ୍ଡ, ପାକିସ୍ତାନ, କାନାଡା, ଇଟାଲୀ, ନେଦରଲ୍ୟାଣ୍ଡ୍ସ, ନାମ୍ବିଆ, ଜିମ୍ବାୱେ, ନେପାଳ, ଓମାନ ଓ ୟୁଏଇକୁ ନେଇ ୨୦୨୬ ଟି-୨୦ ବିଶ୍ୱକପ ଖେଳାଯିବ।

## ମହିଳା କ୍ରିକେଟ ବିଶ୍ୱକପ୍ ଷ୍ଟାର ସ୍ନେହା ରାଣାଙ୍କୁ ୫୦ ଲକ୍ଷ ଦେବେ ଧାମୀ ସରକାର

ଡେରାଡୁନ,୬।୧୧: ଉତ୍ତରାଖଣ୍ଡର ମୁଖ୍ୟମନ୍ତ୍ରୀ ପୁଷ୍କର ସିଂହ ଧାମୀ ମହିଳା କ୍ରିକେଟ୍ ବିଶ୍ୱକପରେ ଭାରତର ପ୍ରତିନିଧିତ୍ୱ କରୁଥିବା ଉତ୍ତରାଖଣ୍ଡର ଝିଅ ସ୍ନେହା ରାଣାଙ୍କ ସହ ଫୋନରେ ଆଲୋଚନା କରି ତାଙ୍କୁ ଟୁର୍ଣ୍ଣାମେଣ୍ଟରେ ଉତ୍କୃଷ୍ଟ ପ୍ରଦର୍ଶନ କରି ଭାରତକୁ ବିଜୟୀ କରିବା ପାଇଁ ଶୁଭେଚ୍ଛା ଜଣାଇଛନ୍ତି।ମୁଖ୍ୟମନ୍ତ୍ରୀ ସ୍ନେହା ରାଣାଙ୍କ ସଫଳତା ଓ ଦେଶ ଏବଂ ରାଜ୍ୟର ଗୌରବ ବଢ଼ାଇବା ପାଇଁ ତାଙ୍କୁ ୫୦ ଲକ୍ଷ ଟଙ୍କାର ପ୍ରୋତ୍ସାହନ ରାଶି ଘୋଷଣା କରିଛନ୍ତି। ସେ ସ୍ନେହା ରାଣାଙ୍କୁ ଭାରତୀୟ କ୍ରିକେଟ୍ ଦଳରେ ଚୟନ ହେବା ପାଇଁ ଅଭିନନ୍ଦନ ଜଣାଇ କହିଛନ୍ତି ଯେ ଉତ୍ତରାଖଣ୍ଡର ଝିଅମାନେ ଦେଶକୁ ଗର୍ବିତ କରୁଛନ୍ତି ଏବଂ ସ୍ନେହା ରାଣାଙ୍କ ପ୍ରଦର୍ଶନ ତାହାର ଏକ ଉଜ୍ଜ୍ୱଳ ଉଦାହରଣ ଅଟେ। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, "ସ୍ନେହା ରାଣା ନିଜ ଶ୍ରମ, ସଂକଳ୍ପ ଓ ପ୍ରତିଭାର ଜରିଆରେ ଉତ୍ତରାଖଣ୍ଡର ନାମକୁ ବିଶ୍ୱମଞ୍ଚରେ ଉଜ୍ଜ୍ୱଳ କରିଛନ୍ତି। ତାଙ୍କ ସଫଳତା ଆମର ଯୁବପିଢ଼ି, ବିଶେଷକରି ଝିଅମାନଙ୍କ ପାଇଁ ପ୍ରେରଣାଦାୟକ।" ସେ ଆହୁରି କହିଛନ୍ତି ଯେ ରାଜ୍ୟ ସରକାର ଖେଳାଳିମାନଙ୍କୁ ସର୍ବୋତ୍ତମ ସୁବିଧା ଓ ପ୍ରୋତ୍ସାହନ ଦେବାକୁ ପ୍ରତିବଦ୍ଧ। ମୁଖ୍ୟମନ୍ତ୍ରୀଙ୍କ ଆଦର ଓ ପ୍ରୋତ୍ସାହନ ଘୋଷଣା ପରେ ସ୍ନେହା ରାଣା କୃତଜ୍ଞତା ବ୍ୟକ୍ତ କରି କହିଛନ୍ତି ଯେ ସେ ଦେଶ ଏବଂ ଉତ୍ତରାଖଣ୍ଡର ନାମକୁ ଅଧିକ ଉଚ୍ଚ କରିବା ପାଇଁ ନିରନ୍ତର ପ୍ରୟାସ ଜାରି ରଖିବେ।

# ପ୍ରଧାନମନ୍ତ୍ରୀଙ୍କ ସହ ବିଶ୍ୱକପ୍ ସ୍ମୃତି ବଖାଣିଲେ ଭାରତୀୟ ମହିଳା ଦଳ

ନୂଆଦିଲ୍ଲୀ,୬।୧୧(ପିଆଇବି): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗତକାଲି ନୂଆଦିଲ୍ଲୀର ୭, ଲୋକ କଲ୍ୟାଣ ମାର୍ଗରେ ଆଇସିସି ମହିଳା ବିଶ୍ୱକପ ୨୦୨୫ ଚମ୍ପିଅନ୍ ଦଳ ସହିତ ଆଲୋଚନା କରିଥିଲେ ଭାରତୀୟ ଦଳ ଗତ ୨ ନଭେମ୍ବର, ୨୦୨୫ ରବିବାର ଦିନ ଦକ୍ଷିଣ ଆଫ୍ରିକା ବିପକ୍ଷରେ ଫାଇନାଲରେ ବିଜୟୀ ହୋଇଥିଲା। ଏହି ଅବସରରେ ପ୍ରଧାନମନ୍ତ୍ରୀ କହିଥିଲେ ଯେ, ଏହି ଦିନଟି ଏକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଦିନ, କାରଣ ଏହି ଗୋଟିଏ ଦିନରେ ଉଭୟ ଦେବ ଦୀପାବଳି ଏବଂ ଗୁରୁ ପରବ ଉଭୟ ପାଳନ କରାଯାଉଛି ସେ ଉପସ୍ଥିତ ସମସ୍ତଙ୍କୁ ତାଙ୍କର ଶୁଭେଚ୍ଛା ମଧ୍ୟ ଜଣାଇଥିଲେ।

ପ୍ରଧାନମନ୍ତ୍ରୀଙ୍କ ପ୍ରତି କୃତଜ୍ଞତା ପ୍ରକାଶ କରି ଦଳର ପ୍ରଶିକ୍ଷକ ଅମୋଲ ମଜୁମଦାର କହିଛନ୍ତି ଯେ ତାଙ୍କୁ ଭେଟିବା ଏକ ସମ୍ମାନ ଏବଂ ସୌଭାଗ୍ୟର କଥା ସେ ଖେଳାଳିମାନଙ୍କ କଠିନ ପରିଶ୍ରମକୁ ଦେଶର ଝିଅମାନଙ୍କ ଦ୍ୱାରା ପରିଚାଳିତ ଏକ ଆନ୍ଦୋଳନ ଭାବରେ ଅଭିହିତ କରିଥିଲେ ଏବଂ ଗତ ଦୁଇ ବର୍ଷରେ ସେମାନଙ୍କର ଅସାଧାରଣ ସମର୍ପଣଭାବକୁ ପ୍ରଶଂସା କରିଥିଲେ ସେ କହିଥିଲେ। ଯେ ଝିଅମାନେ ପ୍ରତ୍ୟେକ ଅଭ୍ୟାସ ଅଧିବେଶନରେ ଉଲ୍ଲେଖନୀୟ ତୀବ୍ରତା ଏବଂ ଶକ୍ତି ସହିତ ଖେଳିଥିଲେ । ସେମାନଙ୍କର ଏହି କଠିନ ପରିଶ୍ରମ ଫଳପ୍ରଦ ହୋଇଛି ବୋଲି ସେ କହିଥିଲେ।

ଅଧିନାୟକ ହରମନପ୍ରୀତ କୌର ୨୦୧୭ରେ ଟ୍ରଫି ନ ଜିତି ପ୍ରଧାନମନ୍ତ୍ରୀଙ୍କୁ ଭେଟିବାର ଅଭିଜ୍ଞତାକୁ ମନେ ପକାଇଥିଲେ ଏବଂ ବର୍ଷ ବର୍ଷ ଧରି ସେ ଯେଉଁ ଟ୍ରଫି ପାଇଁ ଏତେ ପରିଶ୍ରମ କରିଥିଲେ ତାହାକୁ ପ୍ରଧାନମନ୍ତ୍ରୀଙ୍କୁ ଭେଟିଦେଇଥିବାରୁ ଗଭୀର ସମ୍ମାନିତ ଅନୁଭବ କରୁଥିବା କହିଥିଲେ । ସେ କହିଥିଲେ ଯେ ପ୍ରଧାନମନ୍ତ୍ରୀ ତାଙ୍କର ଖୁସିକୁ ଦ୍ୱିଗୁଣିତ କରିଛନ୍ତି ଏବଂ ଏହା ତାଙ୍କ ପାଇଁ ବହୁତ ଗର୍ବର ବିଷୟ ସେ ଆହୁରି କହିଛନ୍ତି ଯେ ତାଙ୍କର ଲକ୍ଷ୍ୟ ହେଉଛି ଭବିଷ୍ୟତରେ ତାଙ୍କୁ ଆହୁରି ଭେଟିବା ଏବଂ ତାଙ୍କ ସହିତ ଦଳୀୟ ଫଟୋ ଉଠାଇବା।

ଶ୍ରୀ ମୋଦୀ ସେମାନଙ୍କ ସଫଳତାକୁ ପ୍ରଶଂସା କରି କହିଛନ୍ତି ଯେ ସେମାନେ ପ୍ରକୃତରେ କିଛି ମହାନ ସଫଳତା ହାସଲ କରିଛନ୍ତି।ସେ କହିଥିଲେ ଯେ ଭାରତରେ କ୍ରିକେଟ କେବଳ ଏକ ଖେଳ ନୁହେଁ, ବରଂ ଲୋକଙ୍କ ଜୀବନର ଏକ ଅଂଶ ପାଲଟିଛି।ସେ କହିଛନ୍ତି ଯେ ଯେତେବେଳେ କ୍ରିକେଟରେ ସଫଳତା ଚାଲିଥାଏ, ଦେଶ ଉଲ୍ଲସିତ ଥାଏ, କିନ୍ତୁ ଏକ ଛୋଟ ବିଫଳତା ମଧ୍ୟ ସମଗ୍ର ଦେଶକୁ ଦୋହଲାଇ ଦିଏ। ଏହି ବିଶ୍ୱକପରେ ଲଗାତାର ତିନୋଟି ମ୍ୟାଚ୍ ହାରିବା ପରେ ଦଳକୁ କିପରି ଟ୍ରୋଲିଂର ସମ୍ମୁଖୀନ ହେବାକୁ ପଡ଼ିଥିଲା, ସେ ବିଷୟରେ ସେ ଉଲ୍ଲେଖ କରିଥିଲେ ।

ଏହାପରେ ପ୍ରଧାନମନ୍ତ୍ରୀ ସ୍ମୃତି ମାନ୍ଧାନାଙ୍କୁ ତାଙ୍କ ମନ କଥା ଜଣାଇବାକୁ ନିମନ୍ତ୍ରଣ କରିଥିଲେ। ସ୍ମୃତି ମନ୍ଧାନା ମନେ ପକାଇଥିଲେ ଯେ ୨୦୧୭ରେ ଦଳ କୌଣସି ଟ୍ରଫି ଜିତି ନଥିଲା, କିନ୍ତୁ ସେତେବେଳେ ସେ ପ୍ରଧାନମନ୍ତ୍ରୀଙ୍କୁ ଆକାଂକ୍ଷା ପୂରଣ ସଂପର୍କରେ ଏକ ପ୍ରଶ୍ନ ପଚାରିଥିବା ମନେପକାଇଥିଲେ। ସ୍ମୃତି କହିଥିଲେ ଯେ ପ୍ରଧାନମନ୍ତ୍ରୀଙ୍କ ଉତ୍ତର ତାଙ୍କ ମନରେ ରହିଥିଲା ଏବଂ ପରବର୍ତ୍ତୀ ଛଅ କିମ୍ବା ସାତ ବର୍ଷ ମଧ୍ୟରେ ବିଶ୍ୱକପରେ ଅନେକ ନିରାଶାଜନକ ପରାଜୟ ସତ୍ତ୍ୱେ, ଏହା ଦଳକୁ ବହୁତ ସାହାଯ୍ୟ କରିଥିଲା ସେ କହିଥିଲେ। ଯେ ଏହା ଯେପରି ଭାଗ୍ୟରେ ଲେଖାଥିଲା ଯେ ଭାରତର ପ୍ରଥମ ବିଶ୍ୱକପ ସଫଳତା ଭାରତରେ ହିଁ ଆୟୋଜନ ହେବ। ସେ ଆହୁରି କହିଥିଲେ ଯେ ପ୍ରଧାନମନ୍ତ୍ରୀ ସର୍ବଦା ପ୍ରେରଣାର ଉତ୍ସ ହୋଇଆସିଛନ୍ତି, ବିଶେଷକରି ମହିଳାମାନେ ବର୍ତ୍ତମାନ ପ୍ରତ୍ୟେକ କ୍ଷେତ୍ରରେ - ଇସ୍ରୋର ଶୁଭାରମ୍ଭ ଠାରୁ ଅନ୍ୟାନ୍ୟ ଜାତୀୟ ସଫଳତା ପର୍ଯ୍ୟନ୍ତ - ଯେଉଁଭଳି ଭାବରେ ପାଦ ଦେଉଛନ୍ତି - ଯାହାକୁ ସେ ମହିଳାମାନଙ୍କ ପାଇଁ ଭଲ ପ୍ରଦର୍ଶନ କରିବା ଏବଂ ଅନ୍ୟ ଝିଅମାନଙ୍କୁ ପ୍ରେରଣା ଦେବା ପାଇଁ ଅତ୍ୟନ୍ତ ପ୍ରେରଣାଦାୟକ ଏବଂ ସଶକ୍ତୀକରଣ ବୋଲି ବର୍ଣ୍ଣନା କରିଥିଲେ। ଶ୍ରୀ ମୋଦୀ ଉତ୍ତର ଦେଇଥିଲେ ଯେ ସମଗ୍ର ଦେଶ ଦେଖୁଛି ଏବଂ ଗର୍ବ ଅନୁଭବ କରୁଛି ଏବଂ ସେ ପ୍ରକୃତରେ ସେମାନଙ୍କର ଅଭିଜ୍ଞତା ଶୁଣିବାକୁ ଚାହାଁନ୍ତି ସ୍ମୃତି ମନ୍ଧାନା କହିଥିଲେ ଯେ ଅଭିଯାନର ସର୍ବୋତ୍ତମ ଭାଗ ହେଉଛି ଯେ ପ୍ରତ୍ୟେକ ଖେଳାଳି ଘରକୁ ଯାଇ ସେମାନଙ୍କର କାହାଣୀ ବାଣ୍ଟିପାରିବେ, କାରଣ କାହାର ଅବଦାନ କମ୍ ଗୁରୁତ୍ୱପୂର୍ଣ୍ଣ ନୁହେଁ ସେ ପୁଣି କହିଥିଲେ ଯେ ପ୍ରଧାନମନ୍ତ୍ରୀ ପୂର୍ବରୁ ଦେଇଥିବା ପରାମର୍ଶ ସର୍ବଦା ତାଙ୍କ ମନରେ ଥିଲା ଏବଂ ତାଙ୍କର ଶାନ୍ତ ଏବଂ ସଂଯମ ଆଚରଣ ପ୍ରେରଣାର ଉତ୍ସ ଥିଲା।

ଦଳର ଯାତ୍ରା କଥା ଉଲ୍ଲେଖ କରି ଜେମିମା ରଡ୍ରିଗ୍ସ କହିଥିଲେ ଯେ ଯେତେବେଳେ ସେମାନେ ତିନୋଟି ମ୍ୟାଚ୍ ହାରିଯାଇଥିଲେ,



ଏହା ପ୍ରମାଣିତ ହୋଇଯାଇଥିଲା ଯେ ଗୋଟିଏ ଦଳ କେତେ ଥର ଜିତିଥାଏ। ତାହା ଦ୍ୱାରା ନୁହେଁ, ବରଂ ପଡ଼ିଯିବା ପରେ କିପରି ଉପରକୁ ଉଠିଥାଏ। ତାହା ଦ୍ୱାରା ପରିଚିତ ହୁଏ ସେ ଆଶ୍ୱାସନା ଦେଇଥିଲେ ଯେ ଏହି ଦଳ ଏହାର ସର୍ବୋତ୍ତମ ପ୍ରଦର୍ଶନ ଦେଇଛି, ଯାହା କାରଣରୁ ଏହା ଏକ ଚମ୍ପିଅନ୍ ଦଳ ସେ ଦଳ ଭିତରେ ଏକତା ଉପରେ ଗୁରୁତ୍ୱାରୋପ କରି ଏହାକୁ ସର୍ବୋତ୍ତମ ବୋଲି କହିଥିଲେ।

ସ୍ନେହ ରାଣା ଜେମିମା ରଡ୍ରିଗ୍ସଙ୍କ ସହ ସହମତ ହୋଇ କହିଥିଲେ ଯେ ସଫଳତାର ମୁହୂର୍ତ୍ତରେ ସମସ୍ତେ ଏକାଠି ଥିଅ। ହେଲେ ମଧ୍ୟ, କଷ୍ଟକର ସମୟରେ ପରସ୍ପରକୁ ସମର୍ଥନ କରିବା ଆହୁରି ଗୁରୁତ୍ୱପୂର୍ଣ୍ଣ ସେ ଜୋର ଦେଇ କହିଥିଲେ ଯେ ଗୋଟିଏ ଦଳ ଏବଂ ଏକ ୟୁନିଟ୍ ଭାବରେ, ସେମାନେ ନିଷ୍ପତ୍ତି ନେଇଥିଲେ ଯେ ପରିସ୍ଥିତି ଯାହା ହେଉନା କାହିଁକି, ସେମାନେ କେବେବି ପରସ୍ପର ବିରୁଦ୍ଧରେ ରହିବେ ନାହିଁ ଏବଂ ସର୍ବଦା ପରସ୍ପରକୁ ଉତ୍ସାହିତ କରିବେ ସେ କହିଥିଲେ ଯେ ଏହା ସେମାନଙ୍କ ଦଳର ସବୁଠାରୁ ବଡ଼ ଶକ୍ତି

କ୍ରାନ୍ତି ଗୌର କହିଥିଲେ ଯେ ହରମନପ୍ରୀତ କୌର ସର୍ବଦା ସମସ୍ତଙ୍କୁ ହସିବା ପାଇଁ ଉତ୍ସାହିତ କରନ୍ତି ସେ କହିଥିଲେ ଯେ ଯଦି କେହି ଟିକେ ନର୍ଭସ ଥିଲେ, ଦଳର ଆଭିମୁଖ୍ୟ ହେଉଛି ହସିବା, ଯାହା ଦ୍ୱାରା ସମସ୍ତେ ପରସ୍ପରକୁ ହସୁଥିବା ଦେଖି ଖୁସି ଏବଂ ଆତ୍ମବିଶ୍ୱାସୀ ହୋଇପାରିବେ।

ଏହି ସମୟରେ ହରଲିନ୍ କୌର ଦେଓଲ୍ କହିଥିଲେ ଯେ ସେ ବିଶ୍ୱାସ କରନ୍ତି ଯେ ପ୍ରତ୍ୟେକ ଦଳରେ ଏପରି ଜଣେ ବ୍ୟକ୍ତି ରହିବା ଉଚିତ ଯିଏ ପରିବେଶକୁ ହାଲୁକା ରଖେ ସେ କହିଥିଲେ ଯେ ଯେତେବେଳେ ସେ କୌଣସି ବ୍ୟକ୍ତିଙ୍କୁ ଏକାକୀ ଦେଖନ୍ତି କିମ୍ବା ଅନୁଭବ କରନ୍ତି ଯେ ସେମାନଙ୍କ ପାଖରେ କିଛି ଖାଲି ସମୟ ଅଛି, ସେ ଛୋଟ ଛୋଟ ଉପାୟରେ ଅନ୍ୟମାନଙ୍କ ସହିତ ସଂଯୋଗ ସ୍ଥାପନ କରିବାକୁ ଚେଷ୍ଟା କରନ୍ତି ସେ କହିଥିଲେ ଯେ ତାଙ୍କ ଚାରିପାଖରେ ଥିବା ଲୋକମାନେ ଖୁସି। ହେଲେ ସେ ବହୁତ ଖୁସି ଅନୁଭବ କରନ୍ତି।

ଦଳର ପ୍ରଶିକ୍ଷକ ତାଙ୍କୁ ପଚରାଯାଉଥିବା ବିଭିନ୍ନ ପ୍ରଶ୍ନର ଉତ୍ତର ରଖିଥିଲେ ଏବଂ ଦଳ ମଧ୍ୟରେ ଥିବା ବିଭିନ୍ନ ପ୍ରକାରର ବ୍ୟକ୍ତି ଉପରେ ମନ୍ତବ୍ୟ ଦେଇଥିଲେ ସେ ବ୍ୟାଖ୍ୟା କରିଥିଲେ ଯେ ସେ ଦୁଇ ବର୍ଷ ଧରି ମୁଖ୍ୟ ପ୍ରଶିକ୍ଷକ ଅଛନ୍ତି ସେ ଗତ ଜୁନ୍ ମାସରେ ଇଂଲଣ୍ଡରେ ହୋଇଥିବା ଏକ ଘଟଣା ବିଷୟରେ କହିଥିଲେ ଯେଉଁଠାରେ ସେ କିଙ୍ଗ ଚାର୍ଲ୍ସଙ୍କୁ ଭେଟିଥିଲେ ପ୍ରୋଟୋକଲ୍ ଯୋଗୁଁ କେବଳ ୨୦ ଜଣଙ୍କୁ ଅନୁମତି ଦିଆଯାଇଥିଲା, ତେଣୁ ସପୋର୍ଟ ଷ୍ଟାଫ୍ ଯୋଗ ଦେଇପାରିଲେ ନାହିଁ ସମସ୍ତ ଖେଳାଳି ଏବଂ ତିନି ଜଣ ଅଭିଜ୍ଞ ପ୍ରଶିକ୍ଷକ ଉପସ୍ଥିତ ଥିଲେ ପ୍ରୋଟୋକଲ୍ କେବଳ ୨୦ ଜଣଙ୍କୁ ଅନୁମତି ଦେଇଥିବାରୁ ସେ ସପୋର୍ଟ ଷ୍ଟାଫମାନଙ୍କ ପ୍ରତି ଗଭୀର ଦୁଃଖ ପ୍ରକାଶ କରିଥିଲେ ଜବାବରେ, ସପୋର୍ଟ ଷ୍ଟାଫମାନେ କହିଥିଲେ ଯେ ସେମାନଙ୍କୁ ସେହି ଫଟୋର ଆବଶ୍ୟକତା ନାହିଁ; ସେମାନେ ନଭେମ୍ବର ୪ କିମ୍ବା ୫ ତାରିଖରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀଙ୍କ ସହିତ ଏକ ଫଟୋ ଉଠାଇବାକୁ ଚାହୁଁଥିଲେ ଆଜି, ସେମାନଙ୍କର ଇଚ୍ଛା ପୂରଣ ହୋଇଛି

ପ୍ରଧାନମନ୍ତ୍ରୀ ଦୀପ୍ତି ଶର୍ମାଙ୍କୁ ଜଣେ ପୋଲିସ ଉପ-ସୁପରିଣ୍ଟେଣ୍ଡେଣ୍ଟ (ଡିଏସପି) ଭାବରେ ତାଙ୍କର ଭୂମିକା ବିଷୟରେ ପଚାରିଥିଲେ ଏବଂ ମଜା କରି କହିଥିଲେ ଯେ, ସେ ହୁଏତ ସବୁକିଛି ନିୟନ୍ତ୍ରଣ କରୁଛନ୍ତି। ଦୀପ୍ତି ଉତ୍ତର ଦେଇଥିଲେ କି ସେ କେବଳ ତାଙ୍କୁ ଭେଟିବା ଏବଂ ଏହି ମୁହୂର୍ତ୍ତକୁ ଉପଭୋଗ କରିବାକୁ ଅପେକ୍ଷା କରିଥିଲେ। ସେ ମନେ ପକାଇଥିଲେ ଯେ ୨୦୧୭ ମସିହାରେ ପ୍ରଧାନମନ୍ତ୍ରୀ ତାଙ୍କୁ କହିଥିଲେ ଯେ, ଜଣେ ପ୍ରକୃତ ଖେଳାଳି ହେଉଛନ୍ତି ଯିଏ ବିଫଳତାକୁ ଦୂର କରି ଆଗକୁ ବଢ଼ିବା ଶିଖନ୍ତି। ସେ କହିଥିଲେ ଯେ ଶ୍ରୀ ମୋଦୀଙ୍କ କଥା ତାଙ୍କୁ ସର୍ବଦା ପ୍ରେରଣା ଦେଇଛି ଏବଂ ସେ ନିୟମିତ ଭାବରେ ତାଙ୍କ ଭାଷଣ ଶୁଣନ୍ତି ସେ କହିଥିଲେ ଯେ ଅନେକ ସ୍ୱର ଥିଲେ ମଧ୍ୟ ଶାନ୍ତ ଏବଂ ସଂଯମିତ ଭାବରେ ପରିସ୍ଥିତିକୁ ପରିଚାଳନା କରିବା ତାଙ୍କୁ ବ୍ୟକ୍ତିଗତ ଭାବରେ ତାଙ୍କ ଖେଳରେ ସାହାଯ୍ୟ କରେ।

ଶ୍ରୀ ମୋଦିଜୀ ଦୀପ୍ତିଙ୍କୁ ତାଙ୍କର ହନୁମାନ ଟାଟୁ ବିଷୟରେ ଏବଂ ଏହା ତାଙ୍କୁ କିପରି ସାହାଯ୍ୟ କରେ ସେ ବିଷୟରେ ପଚାରିଥିଲେ। ସେ ଉତ୍ତର ଦେଇଥିଲେ ଯେ, ସେ ହନୁମାନଜୀଙ୍କୁ ନିଜ ଅପେକ୍ଷା ଅଧିକ ବିଶ୍ୱାସ କରନ୍ତି ଏବଂ ଯେତେବେଳେ ସେ ଅସୁବିଧାର ସମ୍ମୁଖୀନ ହୁଅନ୍ତି, ତାଙ୍କ ନାମ ଜପ ତାଙ୍କୁ ସେଗୁଡ଼ିକୁ ଦୂର କରିବା ପାଇଁ ଶକ୍ତି ପ୍ରଦାନ କରେ।

ପ୍ରଧାନମନ୍ତ୍ରୀ ଶେଫାଳି ବର୍ମାଙ୍କ ଆଡ଼କୁ ଚାହିଁ ପଚାରିଥିଲେ ଯେ, ସେ ରୋହତକରୁ ଆସିଛନ୍ତି, ଯେଉଁ ଅଞ୍ଚଳ ମଲ୍ଲଯୋଦ୍ଧାମାନଙ୍କ ପାଇଁ ଜଣାଶୁଣା, କିନ୍ତୁ ସେ କ୍ରିକେଟରେ କିପରି ପ୍ରବେଶ କଲେ ? ଶେଫାଳି ଉତ୍ତର ଦେଲେ ଯେ ରୋହତକରେ କୁସ୍ତି ଏବଂ କବାଡି ବହୁତ ଲୋକପ୍ରିୟ, କିନ୍ତୁ ତାଙ୍କ ପିତା ତାଙ୍କ କ୍ରିକେଟ ଯାତ୍ରାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। ପ୍ରଧାନମନ୍ତ୍ରୀ ପଚାରିଲେ ଯେ ସେ କେବେ ପାରମ୍ପରିକ କୁସ୍ତି ଖେଳ ଖେଳିଛନ୍ତି କି ନାହିଁ, ଏବଂ ଶେଫାଳି କହିଥିଲେ ଯେ ସେ କେବେ ଖେଳି ନାହାଁନ୍ତି ଶେଫାଳି ଜଣାଇଥିଲେ ଯେ ତାଙ୍କ ବାପା ଜଣେ କ୍ରିକେଟର ହେବାକୁ ଚାହୁଁଥିଲେ କିନ୍ତୁ ତାଙ୍କ ସ୍ୱପ୍ନ ପୂରଣ କରିପାରିଲେ ନାହିଁ, ତେଣୁ ସେ ତାଙ୍କ ପିଲାମାନଙ୍କୁ ତାଙ୍କର ଆଗ୍ରହ ଦେଇଥିଲେ ଶେଫାଳି ଏବଂ ତାଙ୍କ ଭାଇ ଏକାଠି ମ୍ୟାଚ୍ ଦେଖୁଥିଲେ, ଯାହା ତାଙ୍କୁ କ୍ରିକେଟରେ ପ୍ରବଳ ଆଗ୍ରହ ସୃଷ୍ଟି କରିଥିଲା ଏବଂ ସେ ଜଣେ କ୍ରିକେଟର ହୋଇଗଲେ।

ପ୍ରତୀକା ରାୱଲ କହିଥିଲେ ଯେ ତାଙ୍କ ଆଘାତ ପରେ, ଦଳର ଅନେକ ଖେଳାଳି ତାଙ୍କ ଲାଗି ବିଶ୍ୱକପ୍ ଜିତିବା ପାଇଁ ଇଚ୍ଛା ପ୍ରକାଶ କରିଥିଲେ। ଯଦିଓ ସେ ଆନୁଷ୍ଠାନିକ ଭାବରେ ଦଳରେ ନଥିଲେ ଏବଂ ୧୬ତମ ଖେଳାଳି ଥିଲେ, ତାଙ୍କୁ ହ୍ୱିଲଚେୟାରରେ ମଞ୍ଚକୁ ଅଣାଯାଇଥିଲା ଏବଂ ପୂର୍ଣ୍ଣ ସମ୍ମାନ ଦିଆଯାଇଥିଲା। ସେ ଦଳକୁ ଏକ ପରିବାର ଭାବରେ ବର୍ଣ୍ଣନା କରିଥିଲେ, ଯେଉଁଠାରେ ପ୍ରତ୍ୟେକ ଖେଳାଳିଙ୍କୁ ସମାନ ଭାବରେ ବ୍ୟବହାର କରାଯାଏ, ଏବଂ ଯେତେବେଳେ ଏପରି ଏକ ଦଳ ଏକାଠି ଖେଳେ, ସେମାନଙ୍କୁ ପରାସ୍ତ କରିବା ବହୁତ କଷ୍ଟକର। ସେ କହିଥିଲେ ଯେ ଦଳ ପ୍ରକୃତରେ ଫାଇନାଲ ଜିତିବା ପାଇଁ ଯୋଗ୍ୟ ଥିଲା। ପ୍ରଧାନମନ୍ତ୍ରୀ ସହମତ ହୋଇ କହିଥିଲେ ଯେ କେବଳ ପଡ଼ିଆରେ ନୁହେଁ ବରଂ ବାହାରେ ମଧ୍ୟ ଦଳଗତ ମନୋଭାବ ଗୁରୁତ୍ୱପୂର୍ଣ୍ଣ। ସେ କହିଥିଲେ ଯେ ଏକାଠି ସମୟ ବିତାଇବା ଦ୍ୱାରା ଦୃଢ଼ ସମ୍ପର୍କ ଗଢ଼ି ଉଠିଥାଏ, ଏବଂ ପରସ୍ପରର ଶକ୍ତି ଏବଂ ଦୁର୍ବଳତା ଜାଣିବା ପରସ୍ପରକୁ ସମର୍ଥନ ଏବଂ ବୁଝିବାରେ ସାହାଯ୍ୟ କରେ।

ଆଉ ଜଣେ ଖେଳାଳି, ରାଧା ଯାଦବ ମନେ ପକାଇଥିଲେ ଯେ ତିନୋଟି ମ୍ୟାଚ୍ ହାରିବା ସତ୍ତ୍ୱେ, ବଡ଼ କଥା ହେଉଛି ପରାଜୟରେ ମଧ୍ୟ ଏକତା ବଜାୟ ରଖିବା; ସମସ୍ତେ ପରସ୍ପରକୁ ସମର୍ଥନ କରିଥିଲେ ଏବଂ ଖୋଲା ଏବଂ ପ୍ରକୃତ ସମର୍ଥନ ଦେଖାଇଥିଲେ ସେ ବିଶ୍ୱାସ କରୁଥିଲେ ଯେ ଏହି ସାମୂହିକ ମନୋଭାବ ସେମାନଙ୍କ ବିଜୟକୁ ନେଇଥିଲା ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଉତ୍ତର ଦେଇଥିଲେ ଯେ ଏହା ସେମାନଙ୍କର କଠିନ ପରିଶ୍ରମ ଥିଲା ଯାହା ସେମାନଙ୍କ ବିଜୟକୁ ନେଇଥିଲା ସେ ପଚାରିଥିଲେ ଯେ ସେ ଏପରି ପ୍ରଦର୍ଶନ ପାଇଁ ନିଜକୁ କିପରି ପ୍ରସ୍ତୁତ କରିଥିଲେ।

ସ୍ନେହ ରାଣା ବର୍ଷ ବର୍ଷର କଠିନ ପରିଶ୍ରମ ବିଷୟରେ କହିଥିଲେ ଓ ବର୍ଣ୍ଣନା କରିଥିଲେ ଯେ ସେ କିପରି ନିୟମିତ ଭାବରେ ତାଙ୍କ ବୋଲିଂ ପ୍ରଶିକ୍ଷକ ଅଭିଶଙ୍କର ସାଲଭିଙ୍କ ସହିତ ନିର୍ଦ୍ଦିଷ୍ଟ ବ୍ୟାଟସମ୍ୟାନଙ୍କୁ ମୁକାବିଲା କରିବା ପାଇଁ ରଣନୀତି ଆଲୋଚନା କରିଥିଲେ ଏହି ରଣନୀତିଗୁଡ଼ିକୁ ଅଧିନାୟକ, ଉପ-ଅଧିନାୟକ ଏବଂ ମୁଖ୍ୟ ପ୍ରଶିକ୍ଷକଙ୍କ ସହିତ ମେଳ କରାଯାଇଥିଲା ଏବଂ ତା'ପରେ ପଡ଼ିଆରେ କାର୍ଯ୍ୟକାରୀ କରାଯାଇଥିଲା ଯଦିଓ ପ୍ରତ୍ୟେକ ମ୍ୟାଚ୍ ଯୋଜନା ଅନୁଯାୟୀ ହୋଇନଥିଲା, ସେ ପରବର୍ତ୍ତୀ ସମୟରେ ଭଲ ପ୍ରଦର୍ଶନ କରିବାକୁ ପ୍ରେରଣା ପାଇଥିଲେ।

ଉମା ଛେତ୍ରୀ ସ୍ୱୀକାର କରିଥିଲେ ଯେ ପ୍ରଧାନମନ୍ତ୍ରୀଙ୍କ ସାମ୍ନାରେ କଥା ହେବା ସମୟରେ ସେ ବହୁତ ନର୍ଭସ ଅନୁଭବ କରୁଥିଲେ। କିନ୍ତୁ ମନକୁ ଯାହା ଆସୁଛି। ତାହା କହିବାକୁ ପ୍ରଧାନମନ୍ତ୍ରୀ ତାଙ୍କୁ ଉତ୍ସାହିତ କରିଥିଲେ । ସେ କହିଥିଲେ ଯେ ତାଙ୍କର ପ୍ରଥମ ମ୍ୟାଚ୍ ବିଶ୍ୱକପ୍ ସମୟରେ ଥିଲା, ଏବଂ ପ୍ରତ୍ୟେକଙ୍କ ଡେବ୍ୟୁ ମ୍ୟାଚ୍ ପରି, ସେହି ଦିନ ବି ବର୍ଷା ହୋଇଥିଲା ସେ କେବଳ ୱିକେଟ୍ କିପିଂ କରିଥିଲେ, କିନ୍ତୁ ସେ ଅତ୍ୟନ୍ତ ଖୁସି ଥିଲେ। ରେଣୁକା ସିଂହ ଠାକୁରଙ୍କ ସହ କଥାବାର୍ତ୍ତା ସମୟରେ ପ୍ରଧାନମନ୍ତ୍ରୀ ପଚାରିଥିଲେ ଯେ ସେ ପହଞ୍ଚିବା ପରେ ମୟୂର ଦେଖିଛନ୍ତି କି ? ଖେଳାଳି ଉତ୍ତର ଦେଇଥିଲେ ଯେ ସେ ଆଉ ଏକ ମୟୂର ଦେଖିଛନ୍ତି ଏବଂ ବୁଝାଇଥିଲେ ଯେ ସେ କେବଳ ଗୋଟିଏ ଆଙ୍କିପାରିଛନ୍ତି, ଯାହାକୁ ସେ ପାଖରେ ରଖିଛନ୍ତି। ସେ ବୁଝାଇଥିଲେ ଯେ ସେ ଅନ୍ୟ କିଛି ଆଙ୍କିପାରିବେ ନାହିଁ ଏବଂ ଅନ୍ୟ କୌଣସି ପକ୍ଷୀ ଆଙ୍କିବାରୁ ତାଙ୍କୁ ବାରଣ କରାଯାଇଥିଲା। ପ୍ରଧାନମନ୍ତ୍ରୀ ତାଙ୍କ ମାଆଙ୍କ ପ୍ରତି ଗଭୀର ସମ୍ମାନ ପ୍ରକାଶ କରି କହିଥିଲେ ଯେ ତାଙ୍କ ଝିଅକୁ ଜଣେ ଏକକ ଅଭିଭାବକ ଭାବରେ ପାଳନ କରିବା ଏବଂ ଏକ କଠିନ ଜୀବନରେ ଆଗକୁ ବଢାଇବାରେ ସହାୟତା କରିବାକୁ ସେ ପ୍ରସଂଶା କରିଥିଲେ। ବ୍ୟକ୍ତିଗତ ଭାବରେ ତାଙ୍କ ମାଆଙ୍କୁ ଅଭିନନ୍ଦନ ଜଣାଇବାକୁ ପ୍ରଧାନମନ୍ତ୍ରୀ ରେଣୁକାଙ୍କୁ କହିଥିଲେ। ପ୍ରଧାନମନ୍ତ୍ରୀ ଶେଷରେ କହିଥିଲେ ଯେ, ଦେଶକୁ ଆଗକୁ ନେବା ପାଇଁ ଆମକୁ ଏକାଠି କାମ କରିବାକୁ ପଡିବ ଏବଂ ସମସ୍ତଙ୍କୁ ତାଙ୍କର ଶୁଭକାମନା ଜଣାଇଥିଲେ।

## ଖେଳ ପଡ଼ିଆରେ ଉଡ଼ିଗଲା ପ୍ରାଣବାୟୁ

ଲକ୍ଷ୍ନୌ: କ୍ରିକେଟ୍ ମ୍ୟାଚ୍ ଚାଲିଥିଲା...ଗ୍ୟାଲେରିରେ ଦର୍ଶକ ବି ଖେଳର ବେଶ ମଜା ନେଉଥିଲେ। ଏହି ସମୟରେ ହଠାତ ଜଣେ ଖେଳାଳି ଚେତାଶୂନ୍ୟ ହୋଇ ପଡ଼ିଆରେ ଟଳି ପଡ଼ିଥିଲେ। ତୁରନ୍ତ ତାଙ୍କୁ ଘଟଣାସ୍ଥଳରୁ ଉଦ୍ଧାର କରି



ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲେ ହେଁ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

ଏଭଳି ଏକ ଦୁଃଖଦାୟକ ଘଟଣା ଉତ୍ତରପ୍ରଦେଶର ଝାନ୍ସୀର ଜିଆଇସି ଗ୍ରାଉଣ୍ଡରେ ଘଟିଛି ସିପ୍ରି ବଜାର ଥାନା ଅଞ୍ଚଳର ବାସିନ୍ଦା ରବୀନ୍ଦ୍ର କୁମାର ଅହିରାର ମ୍ୟାଚ ସମୟରେ ବୋଲିଂ କରୁଥିଲେ। ଚତୁର୍ଥ ଓଭରର ଚତୁର୍ଥ ବଲ ବୋଲିଂ କରୁଥିବା ସମୟରେ ରବୀନ୍ଦ୍ର ଅସୁସ୍ଥ ଅନୁଭବ କରିବା ସହିତ ହଠାତ୍ ପଡ଼ିଆରେ ଟଳି ପଡ଼ିଥିଲେ।

ସାଥୀ ଖେଳାଳିଙ୍କ ସମେତ ପଡ଼ିଆରେ ଉପସ୍ଥିତ ଥିବା ଅନ୍ୟ କର୍ମଚାରୀମାନେ ରବୀନ୍ଦ୍ରଙ୍କୁ ଉଠାଇବାକୁ ଅନେକ ଚେଷ୍ଟା କରିଥିଲେ। ପାଣି ବି ପିଆଇବାକୁ ଉଦ୍ୟମ କରିଥିଲେ। କିନ୍ତୁ ତାଙ୍କ ଶରୀର କେଣସି ପ୍ରକାର ପ୍ରତିକ୍ରିୟା ଦେଖା ଦେଇ ନଥିଲା। ଏହାପରେ ତୁରନ୍ତ ରବୀନ୍ଦ୍ରଙ୍କୁ ନିକଟସ୍ଥ ହସ୍ପିଟାଲକୁ ନିଆଯାଇଥିଲା, କିନ୍ତୁ ସେତେବେଳକୁ ବହୁତ ବିଳମ୍ବ ହୋଇଯାଇଥିଲା। ଦୁଃଖର ବିଷୟ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ ରବୀନ୍ଦ୍ରଙ୍କ ମୃତ୍ୟୁ ହୃଦଘାତ ଯୋଗୁଁ ହୋଇଥିବା ଅନୁମାନ କରାଯାଉଛି। ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଇ ଦିଆଯାଇଛି ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ଯାଇ ମୃତ୍ୟୁର ସଠିକ୍ କାରଣ ଜଣାପଡିବ ।

## ଇଡି ସ୍କାନର୍‌ରେ ଧାୱନ-ରାଇନା

ନୂଆଦିଲ୍ଲୀ,୬।୧୧: ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ପୂର୍ବତନ ଭାରତୀୟ କ୍ରିକେଟର ସୁରେଶ ରାଇନା ଏବଂ ଶିଖର ଧାୱନଙ୍କ ମୋଟ ୧୧.୧୪ କୋଟି ସମ୍ପତ୍ତିକୁ ଅସ୍ଥାୟୀ ଭାବରେ ଜବତ କରିଛି। ଏହି କାର୍ଯ୍ୟାନୁଷ୍ଠାନ ମନି ଲଣ୍ଡରିଂ ନିବାରଣ ଆଇନ, ୨୦୦୨ ଅନୁଯାୟୀ ନିଆଯାଇଛି। ଆଟାଚ୍ କରାଯାଇଥିବା ସମ୍ପତ୍ତିରେ ସୁରେଶ ରାଇନାଙ୍କ ନାମରେ ୬.୬୪ କୋଟି ମୂଲ୍ୟର ମ୍ୟୁଚୁଆଲ ଫଣ୍ଡ ନିବେଶ ଏବଂ ଶିଖର ଧାୱନଙ୍କ ନାମରେ ୪.୫ କୋଟି ମୂଲ୍ୟର ଅସ୍ଥାବର ସମ୍ପତ୍ତି ସାମିଲ ଅଛି।ଇଡିର ତଦନ୍ତ ବେଆଇନ ଅନଲାଇନ ବେଟିଂ ପ୍ଲାଟଫର୍ମ 1xBet ସହିତ ଜଡିତ ବିଭିନ୍ନ ରାଜ୍ୟରେ ପୋଲିସ ଦ୍ୱାରା ଦାଖଲ କରାଯାଇଥିବା ଏଫଆଇଆର ଉପରେ ଆଧାରିତ। ତଦନ୍ତରୁ ଜଣାପଡିଛି ଯେ, 1xBet ଏବଂ ଏହାର ସରୋଗେଟ ବ୍ରାଣ୍ଡ – 1xBat ଏବଂ 1xBat ସ୍ପୋର୍ଟିଂ ଲାଇନ୍ସ – ବିନା ଅନୁମତିରେ ଭାରତରେ ଅନଲାଇନ ବେଟିଂ ଏବଂ ଜୁଆକୁ ପ୍ରୋତ୍ସାହିତ କରୁଥିଲେ।ଇଡି ଅନୁଯାୟୀ, ରାଇନା ଏବଂ ଧାୱନ ଏହି ପ୍ଲାଟଫର୍ମଗୁଡ଼ିକୁ ପ୍ରୋତ୍ସାହିତ କରିବା ପାଇଁ ବିଦେଶୀ କମ୍ପାନୀଗୁଡ଼ିକ ସହିତ ସହଯୋଗ କରିଥିଲେ ଏବଂ ବିଦେଶୀ ଚ୍ୟାନେଲ ମାଧ୍ୟମରେ ସେମାନଙ୍କୁ ଦେୟ ଦିଆଯାଇଥିଲା। ଏହି ଟଙ୍କା ଅବୈଧ ବାଜି ମାଧ୍ୟମରେ ଅର୍ଜିତ ହୋଇଥିଲା ଏବଂ ଏହାର ପ୍ରକୃତ ପରିଚୟ ଲୁଚାଇବା ପାଇଁ ଜଟିଳ କାରବାର କରାଯାଇଥିଲା।

Printed _ Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 _ Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ